* Vol.- 46, Issue No. 152
* Tuesday, 01 September 2026
* ମଙ୍ଗଳବାର, ୧ ସେପ୍ଟେମ୍ବର ୨୦୨୬
* Bhubaneswar
* Price: Rs. 3.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com



ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI



https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ

# ୬୨ ପୌରାଞ୍ଚଳ ପାଇଁ ୩୨୩ କୋଟି ଭେଟି




* ୫୯୩ ପ୍ରକଳ୍ପର ଶୁଭାରମ୍ଭ
* ନବଗଠିତ ୨୮ ଏନଏସି ପାଇଁ ୫୬୦ କୋଟି
* ରୋଜଗାର, ଉଦ୍ୟମ, ଶିକ୍ଷା ଓ ସମୃଦ୍ଧିର କେନ୍ଦ୍ର ସହର
* ପୌର ସଂସ୍କାର ଦକ୍ଷତା ବୃଦ୍ଧି ପାଇଁ ଏମଓୟୁ ସ୍ୱାକ୍ଷରିତ
* 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ବନ୍ଧୁ' ଆପ୍ ଆରମ୍ଭ
* ଲୋକଙ୍କ ସମସ୍ୟାକୁ ଶୁଣି କାମ କରିବାକୁ ଦେଲେ ପରାମର୍ଶ
* ୨୦୩୬ ସୁଦ୍ଧା ରାଜ୍ୟରେ ସହରୀକରଣ ୪୦ ପ୍ରତିଶତ ଲକ୍ଷ୍ୟ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୩୧।୮: ଆମ ସହର କେବଳ ବାସ ସ୍ଥାନ ନୁହେଁ, ସହର ହେଉଛି ରୋଜଗାର, ଉଦ୍ୟମ, ଶିକ୍ଷା ଓ ସମୃଦ୍ଧିର କେନ୍ଦ୍ର। ସହରଗୁଡ଼ିକୁ ଆମକୁ ଏଭଳି ଅର୍ଥନୈତିକ କେନ୍ଦ୍ର ଭାବେ ଗଢ଼ିବାକୁ ହେବ, ଯେଉଁଠି ଯୁବପିଢ଼ି ନୂଆ ସୁଯୋଗ ପାଇବେ, ଉଦ୍ୟୋଗୀମାନେ ଆଗକୁ ବଢ଼ିବେ ଏବଂ ନୂଆ ରୋଜଗାର ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ପାଳନ ଅବସରରେ କହିଛନ୍ତି। ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ନବଗଠିତ ୨୮ଟି ଏନଏସିରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ପ୍ରତ୍ୟେକ ଏନଏସି ପାଇଁ ୨୦ କୋଟି ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ। ଏଥିରେ ସମ୍ପୃକ୍ତ ଅଞ୍ଚଳ ଗୁଡିକରେ ରାସ୍ତା, ଡ୍ରେନ୍, ମାର୍କେଟ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସମ୍ପନ୍ନ ହେବ। ଏଥିସହିତ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କା ବିନିଯୋଗରେ ୫୯୩ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧୀନରେ କାର୍ଯ୍ୟକାରୀ ହେବ। ପୌର ସଂସ୍ଥାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ନାଗରିକମାନଙ୍କୁ ସମ୍ମାନର ସହ ସେବା ଯୋଗାଇଦେବା ପାଇଁ ପୌର ପ୍ରଶାସନର ଅଧିକାରୀ, କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୌର ସଂସ୍ଥା ଗୁଡ଼ିକରେ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର, କାର୍ଯ୍ୟପଦ୍ଧତିର ସରଳୀକରଣ ଓ ସମୟବଦ୍ଧ ସମାଧାନକୁ ଗୁରୁତ୍ୱ ଦେଇ କାର୍ଯ୍ୟ ସଂସ୍କୃତିରେ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସହରାଞ୍ଚଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକଙ୍କ ସହିତ ରହି, ଲୋକଙ୍କ ସମସ୍ୟାକୁ ଶୁଣି ଅଧିକାରୀମାନଙ୍କ ସହିତ ସମନ୍ୱୟ ରକ୍ଷା କରି କାମ କରିବା ପାଇଁ ସେ ଆହ୍ୱାନ କରିଥିଲେ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌର ସଂସ୍ଥା ଗୁଡିକର ଦକ୍ଷତା ବୃଦ୍ଧି ପାଇଁ ଓଡିଶା ଅର୍ବାନ ଏକାଡେମୀ ସହିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, ଇଣ୍ଡିଆନ ସ୍କୁଲ ଅଫ ବିଜିନେସ ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଅର୍ବାନ ଆଫେୟାର୍ସର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏଥି ସହିତ କୁଟ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ୧୧୫ଟି ପୌର ସଂସ୍ଥାରେ ଓସ୍ୱାନ ଭିଡିଓ କନଫରେନସିଂ ସୁବିଧା ଏବଂ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ବନ୍ଧୁ', ଓଡିଶା ଯାତ୍ରୀ ଏସ୍.ଓ.ଏସ୍. ଆପ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଫୁଲବାଣୀ ପୌର ପରିଷଦର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ରୁନୁ ପ୍ରଧାନଙ୍କ ସହିତ ଘର ନିର୍ମାଣ ସମ୍ପର୍କରେ ଆଲୋଚନା କରି ଧାର୍ଯ୍ୟ ସମୟସୀମା ଭିତରେ ଘର ସମ୍ପୂର୍ଣ୍ଣ କରିଥିବାରୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, କେବଳ ରାଜ୍ୟର ବଡ ସହର ନୁହେଁ, ଛୋଟ ଛୋଟ ଏନଏସି ଓ ମୁନିସପାଲିଟି ଅଞ୍ଚଳ ଗୁଡିକର ସହରୀୟ ଭିତ୍ତିଭୂମି ବିକାଶକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛୁ। ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ କହିଥିଲେ ସହରାଞ୍ଚଳବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ସୁଦ୍ଧା ରାଜ୍ୟରେ ସହରୀକରଣ ୪୦ ପ୍ରତିଶତ ଓ ୨୦୪୭ ସୁଦ୍ଧା ୬୦ ପ୍ରତିଶତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି।

### ରୁଷ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦି, କହିଲେ

# ଭାରତ ଯୁଦ୍ଧ ନୁହେଁ, ଶାନ୍ତିର ସମର୍ଥକ



ବିଶକେକ୍,୩୧।୮: ୟୁକ୍ରେନରେ ଶାନ୍ତି ହାସଲ କରିବା ପାଇଁ ଭାରତ ସମସ୍ତ ପ୍ରୟାସକୁ ସମର୍ଥନ ଜାରି ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କିରଗିଜସ୍ତାନ ରାଜଧାନୀ ବିଶକେକ୍ଠାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଏକ ସାକ୍ଷାତ ସମୟରେ ଏହା ଦୋହରାଇବା ସହ ଦୃଢ଼ତାର ସହିତ କହିଛନ୍ତି ଯେ ମାନବଜାତିର ମଙ୍ଗଳ ପାଇଁ ଏକ ଅସରନ୍ତି ଯୁଦ୍ଧରୁ ଯୁଦ୍ଧର ଅନ୍ତ ଆଡ଼କୁ ଯିବା ଅତ୍ୟନ୍ତ ଜରୁରୀ। ବିଶକେକ୍ରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ଅବସରରେ ରୁଷ ରାଷ୍ଟ୍ରପତିଙ୍କ ସହ ଏକ ଦ୍ୱିପାକ୍ଷିକ ସାକ୍ଷାତ କରି ପ୍ରଧାନମନ୍ତ୍ରୀ ମୋଦି ଉଲ୍ଲେଖ କରିଛନ୍ତି ଯେ ଉଭୟ ନେତା ଅତୀତରେ ୟୁକ୍ରେନର ପରିସ୍ଥିତି ଉପରେ ଆଲୋଚନା କରିଛନ୍ତି ଏବଂ ପୁଟିନ ମଧ୍ୟ ତାଙ୍କୁ ସେମାନଙ୍କ ଶେଷ ସାକ୍ଷାତ ସମୟରେ ସଂଘର୍ଷର ସମସ୍ତ ଦିଗ ବିଷୟରେ ବିସ୍ତୃତ ଭାବରେ ସୂଚନା ଦେଇଥିଲେ।"ଆପଣ ଜାଣନ୍ତି ଯେ, ଭାରତ ଶାନ୍ତି ପାଇଁ ସମସ୍ତ ପ୍ରୟାସକୁ ସମର୍ଥନ କରେ ଏବଂ ଏହା ଜାରି ରଖିବ। ଭାରତ ଶାନ୍ତିର ପକ୍ଷଧର। ଯୁଦ୍ଧରେ ବିତାଉଥିବା ପ୍ରତିଟି ଦିନ ମାନବଜାତିକୁ ପଛକୁ ଠେଲିଥାଏ, ଯେତେବେଳେ ଶାନ୍ତି ପାଇଁ ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପ ମାନବଜାତିକୁ ଏକ ନୂତନ ଆଶା ଏବଂ ଉତ୍ସାହରେ ଭରିଦିଏ। ଆମକୁ ଏକ ଅନନ୍ତ ଯୁଦ୍ଧରୁ ଯୁଦ୍ଧର ଅନ୍ତ ଆଡ଼କୁ ଯିବାକୁ ପଡିବ। ଏହା ମାନବଜାତିର ମଙ୍ଗଳ ପାଇଁ ଅତ୍ୟନ୍ତ ଜରୁରୀ,"। ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ପ୍ରାରମ୍ଭିକ ବକ୍ତବ୍ୟରେ କହିଥିଲେ। ଏହାକୁ 'ମାନବତାର ଆହ୍ୱାନ' ବୋଲି ଅଭିହିତ କରି ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ ଭାରତର ବାର୍ତ୍ତା ହେଉଛି ସମସ୍ତ ସମସ୍ୟାର ଶାନ୍ତିପୂର୍ଣ୍ଣ ଏବଂ ଯଥାଶୀଘ୍ର ସମାଧାନ କରାଯିବା ଉଚିତ।' ଗାନ୍ଧୀଙ୍କ ଭୂମି ଏବଂ ବୁଦ୍ଧଙ୍କ ଭୂମିର ଗୋଟିଏ ବାର୍ତ୍ତା ଅଛି: ଶାନ୍ତିର ପଥ ଅନୁସରଣ କରିବା।ଯୁଦ୍ଧ ମାନବତା ପ୍ରତି ବିପଦ।

### ଏସିଡ୍ ପୀଡ଼ିତାଙ୍କ ପୁନର୍ବାସ ଯୋଜନା

## ୬ ସପ୍ତାହରେ ଜଣାଇବାକୁ ରାଜ୍ୟଙ୍କୁ 'ସୁପ୍ରିମ' ନିର୍ଦ୍ଦେଶ

ନୂଆଦିଲ୍ଲୀ,୩୧।୮: ଏସିଡ୍ ଆକ୍ରମଣ ରୋକିବା ଲାଗି ଏସିଡ୍ର ଖୁଚୁରା ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରାଯିବ କିମ୍ବା ଏହା ଉପରେ ଅତ୍ୟନ୍ତ କଠୋର ନିୟମ ଲାଗୁ କରାଯିବ, ସେନେଇ କେନ୍ଦ୍ର ସରକାରଙ୍କ ମତ ଲୋଡ଼ିଛନ୍ତି ସୁପ୍ରିମ୍‌କୋର୍ଟ। ସୋମବାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି.



ମୋହନାଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ କେନ୍ଦ୍ରର ପକ୍ଷ ଜାଣିବାକୁ ଚାହିଛନ୍ତି। ୨୦୧୩ରେ ଏସିଡ୍ ବିକ୍ରି ନିୟନ୍ତ୍ରଣ ପାଇଁ କୋର୍ଟ ଦେଇଥିବା ନିର୍ଦ୍ଦେଶଗୁଡ଼ିକ ଏବେ ପ୍ରାୟ ଅପ୍ରାସଙ୍ଗିକ ହୋଇଯାଇଥିବା ଏବଂ ଅନେକ ସ୍ଥାନରେ ତାହା ଠିକ୍ ଭାବେ ପାଳନ ହେଉନଥିବା ନେଇ ଖଣ୍ଡପୀଠ ଚିନ୍ତା ପ୍ରକାଶ କରିଛନ୍ତି। ସୁପ୍ରିମ୍‌କୋର୍ଟ କହିଛନ୍ତି, କେବଳ ନିୟମ ତିଆରି କରିଦେଲେ ହେବ ନାହିଁ, ତାହାର ପ୍ରଭାବୀ କାର୍ଯ୍ୟକାରିତା ମଧ୍ୟ ଜରୁରୀ। ଖୁଚୁରା ବିକ୍ରି ଉପରେ କଠୋର ନିୟନ୍ତ୍ରଣର ବିକଳ୍ପ ଭାବେ କ୍ରେତାଙ୍କୁ ଏସିଡ୍ କିଣିବାର ଉଦ୍ଦେଶ୍ୟ ଜଣାଇବା ବାଧ୍ୟତାମୂଳକ କରିବା, କ୍ରେତାଙ୍କ ରେକର୍ଡ ରଖିବା ଏବଂ ବଜାରକୁ କେତେ ପରିମାଣର ଏସିଡ୍ ଆସୁଛି ଓ କେତେ ବିକ୍ରି ହେଉଛି, ତାହାର ନଜରଦାରି କରିବା ଭଳି ପଦକ୍ଷେପ ଉପରେ ମଧ୍ୟ ଚର୍ଚ୍ଚା ହୋଇଛି।ଏହି ମାମଲା ଏସିଡ୍ ଆକ୍ରମଣ ପୀଡ଼ିତା ଶାହିନ୍ ମଲିକ୍‌ଙ୍କ ଦ୍ୱାରା ଦାଖଲ ଜନହିତ ଆବେଦନ ସହ ଜଡ଼ିତ। ଶୁଣାଣି ସମୟରେ ବରିଷ୍ଠ ଓକିଲ ସୌରଭ କୃପାଳ କହିଥିଲେ ଯେ, ୨୦୧୩ରେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏସିଡ୍ ଏବେ ବି ସହଜରେ ମିଳୁଛି। ସ୍ୱେଚ୍ଛାସେବୀ ମାନଙ୍କ ଏକ ସର୍ବେକ୍ଷଣରୁ ମଧ୍ୟ ଏସିଡ୍ କିଣିବା ଉପରେ ପ୍ରାୟ କୌଣସି ପ୍ରଭାବୀ ନିୟନ୍ତ୍ରଣ ନ ଥିବା ଜଣାପଡ଼ିଛି। ଶିଳ୍ପ କ୍ଷେତ୍ରରେ ଏସିଡ୍ର ଆବଶ୍ୟକତା ଥିଲେ ମଧ୍ୟ ଘରୋଇ ସଫେଇ କାମରେ ଏହାର ବିକଳ୍ପ ଉତ୍ପାଦ ମିଳୁଥିବାରୁ ଖୁଚୁରା ବିକ୍ରି ବନ୍ଦ କରାଯାଇପାରେ ବୋଲି ସେ ଯୁକ୍ତି ଦେଇଥିଲେ। ମଲିକ୍ ମଧ୍ୟ ଖୁଚୁରା ବିକ୍ରି ଉପରେ ନିଷେଧ ଦାବି କରିଛନ୍ତି।

## ମୋବାଇଲ ରିଚାର୍ଜ ପାଇଁ ଟଙ୍କା ନ ପାଇ ଆତ୍ମହତ୍ୟା !

କଣ୍ଟାବାଞ୍ଜି,୩୧।୮: ମୋବାଇଲ୍‌ର ଅତ୍ୟଧିକ ବ୍ୟବହାର ମଣିଷର ବିଚାରଶକ୍ତିକୁ କେତେ ଘାତକ ସାବ୍ୟସ୍ତ ହୁଏ ତାହାର ବାସ୍ତବ ପ୍ରମାଣ ମିଳିଥିବା ଏଠାରେ କୁହାଯାଇଛି। ନାବାଳକ ପୁଅ ବାପାଙ୍କୁ ମୋବାଇଲ୍ ରିଚାର୍ଜ କରିବାକୁ ୩ଶହ ଟଙ୍କା ମାଗିଲା। ବାପା ମନା କରିବାରୁ




ନାବାଳକ ପୁଅ ଗଛରେ ଝୁଲି ଆତ୍ମହତ୍ୟା କରିଛି। ଏଭଳି ଅଭାବନୀୟ ଘଟଣା ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା କୁଲିଆଦରୋ ଗାଁରେ ଚର୍ଚ୍ଚା ଓ ଆଲୋଡ଼ନ ସୃଷ୍ଟି କରିଛି। ମୃତ ନାବାଳକ ଜଣକ ଦେବେନ୍ଦ୍ର ବନଛୋର (୧୪)। ସେ ସ୍ଥାନୀୟ ସରକାରୀ ସ୍କୁଲ୍‌ରେ ଦଶମ ଶ୍ରେଣୀର ଛାତ୍ର ଥିଲା। ସୋମବାର ସକାଳୁ ସେ ବାପା ରୁଦ୍ରାକ୍ଷ ବନଛୋରଙ୍କୁ ମୋବାଇଲ୍ ରିଚାର୍ଜ ବାବଦକୁ ୩ଶହ ଟଙ୍କା ମାଗିଥିଲା। ହେଲେ ରୁଦ୍ରାକ୍ଷ ପଢ଼ାପଢ଼ିରେ ମନ ଦେବାକୁ ପୁଅକୁ କହିଥିଲେ। ରିଚାର୍ଜ କରିବାକୁ ଟଙ୍କା ପାଇଁ ମନା କରି ଦେଇଥିଲେ। ଘଟଣାରେ ଦେବେନ୍ଦ୍ର ମର୍ମାହତ ହୋଇ ଘରୁ ପଳାଇଥିଲା। ପରେ ଘର ପାଖ ଏକ ଗଛରେ ତା'ର ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା।

### ଏସସି-ଏସଟି ଛାତ୍ରଛାତ୍ରୀଙ୍କୁ ଆଶ୍ୱସ୍ତି

## ମେଡିକାଲ-ଇଞ୍ଜିନିୟରିଂ ଆଡମିଶନ ଓ ୬ ମାସର ଫି ଛାଡ଼

ଭୁବନେଶ୍ୱର, ୩୧।୮: ଡାକ୍ତର ଓ ଇଞ୍ଜିନିୟର ହେବା ପାଇଁ ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମେଧାବୀ ପିଲାମାନଙ୍କର ସ୍ୱପ୍ନ ପୂରଣରେ ଅର୍ଥ ବାଧକ ସାଜିବନାହିଁ। ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତି(ଏସସି ଓ ଏସଟି) ବର୍ଗର ପିଲାମାନଙ୍କୁ ମେଡିକାଲ ଓ ଇଞ୍ଜିନିୟରିଂ ସମେତ ବୈଷୟିକ ଶିକ୍ଷାନୁଷ୍ଠାନରେ ପ୍ରଚଳିତ ସଂରକ୍ଷଣ ହାରକୁ ପ୍ରାୟ ଦ୍ୱିଗୁଣ କରିଥିବା ମୋହନ ମାଝୀଙ୍କ ସରକାର ଆଜି ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ତାହା ହେଉଛି ମେଡିକାଲ ଓ



ଇଞ୍ଜିନିୟରିଂ କଲେଜରେ ନାମଲେଖା ଓ ତା'ପରବର୍ତ୍ତୀ ୬ମାସ ପର୍ଯ୍ୟନ୍ତ ଏସସି ଓ ଏସଟି ବର୍ଗର ଛାତ୍ରଛାତ୍ରୀମାନଙ୍କୁ କୌଣସି ଆଡମିଶନ , ଟ୍ୟୁସନ୍ କିମ୍ବା ଅନ୍ୟାନ୍ୟ ଫି' ଜମା କରିବାକୁ ପଡ଼ିବ ନାହିଁ। ଏନେଇ ରାଜ୍ୟ ସରକାର ଖୁବଶୀଘ୍ର ଏକ ଗାଇଡଲାଇନ୍ ଜାରି କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରୁଥିବା ଅନୁସୂଚିତ ଜାତି ଓ ଜନଜାତି (ଏସସି /ଏସଟି)ବର୍ଗର ପିଲାମାନଙ୍କୁ ଏଣିକି ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖାବେଳେ ଓ ପରବର୍ତ୍ତୀ ୬ମାସ କୌଣସି ଫି' ଜମା କରିବାକୁ ପଡ଼ିବ ନାହିଁ।

### ନେପାଳ ଜଳପ୍ରଳୟ: ଏପର୍ଯ୍ୟନ୍ତ ୯୦୩ ମୃତଦେହ ଉଦ୍ଧାର

କାଠମାଣ୍ଡୁ, ୩୧।୮: ନେପାଳର ରାସୁୱାରେ ଭୟଙ୍କର ବନ୍ୟା ପରେ ରିଲିଫ, ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୋମବାର ସକାଳ ୧୧ଟା ସୁଦ୍ଧା ନେପାଳର ଗୃହ ମନ୍ତ୍ରଣାଳୟର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁଯାୟୀ, ଏପର୍ଯ୍ୟନ୍ତ ୯୦୩ଟି ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ୪,୨୪୭ ଲୋକମାନେ ଏବେ ବି ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ଜଳବିଦ୍ୟୁତ ପ୍ରକଳ୍ପ ସହ ଜଡ଼ିତ ୯୩୩ ଜଣ, ମକୱାନପୁରର ୬୫ ଜଣ, ୫୯୨ ଜଣ ବିଦେଶୀ ନାଗରିକ, ବିଦେଶୀଙ୍କ ସହ ଯାତ୍ରା କରୁଥିବା ୧୨୭ ଜଣ ନେପାଳୀ ନାଗରିକ, ଲାଙ୍ଗଟାଙ୍ଗ ଜାତୀୟ ଉଦ୍ୟାନର ୩ ଜଣ ଏବଂ ସଙ୍ଗରୋଧ କାର୍ଯ୍ୟାଳୟର ୩ ଜଣ ରହିଛନ୍ତି।ନେପାଳ ସରକାରଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ ମୋଟ ୧୦,୪୫୧ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ନେପାଳ ସେନାର ବିମାନ ଉଦ୍ଧାର କାର୍ଯ୍ୟରେ ୨୫୨ ଜଣ ବିଦେଶୀ ନାଗରିକ ଏବଂ ୩,୩୪୪ ନେପାଳୀ ନାଗରିକଙ୍କୁ ଉଦ୍ଧାର କରାଯାଇଥିଲା।

### 'ପର୍ଣ୍ଣ ଆପ୍' ନାମରେ ସାଇବର ଠକେଇ

## ମୋବାଇଲକୁ ନିୟନ୍ତ୍ରଣ କରି ଟଙ୍କା ଉଡ଼ାଇ ଦିଆଯାଇପାରେ

ନୂଆଦିଲ୍ଲୀ,୩୧।୮: ଅଶ୍ଳୀଳ ବିଷୟବସ୍ତୁ ଆଳରେ ଫେସବୁକ୍ ଏବଂ ଇନଷ୍ଟାଗ୍ରାମରେ ପ୍ରସାରିତ କିଛି ବିପଜ୍ଜନକ ଆଣ୍ଡ୍ରଏଡ୍ ଆପ୍ ମୋବାଇଲ୍ ଫୋନରେ ନିୟନ୍ତ୍ରଣ କରି ଆର୍ଥିକ ଠକେଇ କରିପାରେ। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର(ଆଇ୪ସି)ର ଜାତୀୟ ସାଇବର ଅପରାଧ ବିପଦ ବିଶ୍ଳେଷଣ ୟୁନିଟ୍ (ଏନ୍.ସି.ଟି.ଏ.ୟୁ.) ଲୋକମାନଙ୍କୁ ଏଭଳି ଆପ୍ ଏବଂ ବିଜ୍ଞାପନ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛି। ଏନ୍.ସି.ଟି.ଏ.ୟୁ. ଅନୁଯାୟୀ, 'ନାଇଟ୍ ପ୍ଲେ', 'ରିଲୁପ୍', 'କିସ୍', 'ଭିମୋ', 'ରେଭୋ', 'ନେକ୍ସୋ' ଏବଂ 'ଭିକ୍ସ' ଭଳି ଆପ୍ ଏବଂ ଏହିପରି ଅନ୍ୟ ଆପଗୁଡ଼ିକ ଫେସବୁକ୍ ଏବଂ ଇଷ୍ଟାଗ୍ରାମ ବିଜ୍ଞାପନ ମାଧ୍ୟମରେ ପ୍ରସାରିତ ହେଉଛି। ପରାମର୍ଶ ଅନୁଯାୟୀ, ଥରେ ଆପ୍ ଇନଷ୍ଟଲ ହୋଇଗଲେ, ଏହା ଅତିରିକ୍ତ ଆପ୍ ଇନଷ୍ଟଲ କରିବା ପାଇଁ ଅନୁମତି ମାଗି ପାରିବ। କେତେକ ଆପ୍ ଫୋନରେ ଭି.ପି.ଏନ୍. ମଧ୍ୟ ସ୍ଥାପନ କରିପାରେ, ଯାହା ଇଣ୍ଟରନେଟ୍ ଟ୍ରାଫିକକୁ ଆକ୍ରମଣକାରୀଙ୍କ ଦ୍ୱାରା ନିୟନ୍ତ୍ରିତ ସର୍ଭର ଦେଇଯିବାକୁ ଅନୁମତି ଦେଇଥାଏ ଏବଂ ବ୍ୟବହାରକାରୀଙ୍କ ତଥ୍ୟକୁ ବିପଦରେ ପକାଇଥାଏ। କେବଳ ଗୁଗୁଲ୍ ପ୍ଲେ ଷ୍ଟୋର୍ କିମ୍ବା ଅନ୍ୟ ବିଶ୍ୱସ୍ତ ଆପ୍ ଷ୍ଟୋରରୁ ଆପ୍ ଡାଉନଲୋଡ୍ କରିବାକୁ ଏବଂ ବିଜ୍ଞାପନ, ୱେବସାଇଟ୍ କିମ୍ବା ସନ୍ଦେହଜନକ ଲିଙ୍କରୁ ଏପିକେ ଫାଇଲ୍ ଡାଉନଲୋଡ୍ ନକରିବାକୁ ଏନଟିଏୟୁ ଲୋକଙ୍କୁ ପରାମର୍ଶ ଦେଇଛି।

### 'ନିର୍ଭୟା କାଣ୍ଡ'ର ସାମ୍ୟତା !

## ନାବାଳିକାଙ୍କୁ ଗଣବଳାତ୍କାର, ୨ ଗିରଫ

ନୋଏଡା,୩୧।୮: ଅଗଷ୍ଟ ପ୍ରଥମ ସପ୍ତାହରେ ଗ୍ରେଟର ନୋଏଡାଠାରେ ଏକ ଚଳନ୍ତା ବସ୍‌ରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର କରିଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଦୁଇଜଣ ଦୁଇ ବର୍ଷରୁ ଅଧିକ ସମୟ ଧରି ବିଶ୍ୱନାଥ ଟ୍ରାଭେଲ୍ସ ନାମକ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ ବୋଲି ଫାର୍ମର ଜଣେ କର୍ମଚାରୀ କହିଛନ୍ତି। ଡିସେମ୍ବର ୨୦୧୨ ନିର୍ଭୟା ମାମଲା ସହିତ ସମାନ୍ତରାଳ ଗ୍ରେଟର ନୋଏଡା ଘଟଣା ଅଗଷ୍ଟ ୪ ତାରିଖରେ ନୋଏଡା ସେକ୍ଟର ୬୩ ଯିବା ପାଇଁ ଏକ ଖାଲି ବସ୍‌ରେ ପୀଡ଼ିତା ଚଢ଼ିବା ପରେ ଘଟିଥିଲା। ବସ୍ ଡ୍ରାଇଭର, କୁଲଦୀପ (୩୯) ଏବଂ କଣ୍ଡକ୍ଟର ସନ୍ଦୀପ (୨୬)ଙ୍କୁ ଉତ୍ତର- ଦିଲ୍ଲୀସ୍ଥିତ ତିମାରପୁରର ଏକ ପାର୍କିଂ ସ୍ଥାନରୁ ଗିରଫ କରାଯାଇଛି। ଘଟଣା ଦିନ ଉତ୍ତର ପ୍ରଦେଶର ମୈନପୁରୀରୁ ନୋଏଡା ଯାଉଥିବା ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ତାଙ୍କ ପୋଲିସ ଅଭିଯୋଗ






ଅନୁଯାୟୀ, ପୀଡିତା କହିଛନ୍ତି ଯେ ତାଙ୍କ ମାଆ ତାଙ୍କୁ ପାଠପଢ଼ା ପାଇଁ ଗାଳି ଦେବା ପରେ ସେ ତାଙ୍କ ପରିବାରକୁ ନ କହି ନୋଏଡାରେ ତାଙ୍କ ସମ୍ପର୍କୀୟ ଭାଇଙ୍କ ଘର ଅଭିମୁଖେ ବାହାରି ଯାଇଥିଲେ। ପ୍ରବଳ ବର୍ଷା ଏବଂ ଅନ୍ଧାର ମଧ୍ୟରେ ସେ ନୋଏଡାର ପାରି ଚୌକରେ ଓହ୍ଲାଇ ପଡ଼ିଥିଲେ ଏବଂ ଜାଣିବାକୁ ପାଇଲେ ଯେ ସେ ଏପର୍ଯ୍ୟନ୍ତ ତାଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚି ନାହାନ୍ତି। ରାତି ୯ଟା ହୋଇସାରିଥିଲା। ବର୍ଷାରେ ଭିଜି ଏକାକୀ ଥିବାରୁ, ତାଙ୍କୁ ତାଙ୍କ ସମ୍ପର୍କୀୟ ଭାଇଙ୍କ ଘରକୁ ଯିବା ପାଇଁ ଏକ ଗାଡ଼ିର ଆବଶ୍ୟକତା ଥିଲା, ଯାହା ପ୍ରାୟ ୨୫ କିଲୋମିଟର ଦୂର। ଏହି ସମୟରେ ତାଙ୍କ ପାଖରେ ଅଟକିଥିଲା ଏକ ସ୍ଲିପର୍ ବସ୍। ଏଥିରେ କୌଣସି ଯାତ୍ରୀ ନଥିଲେ। କଣ୍ଡକ୍ଟର ତାଙ୍କୁ କହିଥିଲେ ଯେ ସେମାନେ ମଧ୍ୟ ନୋଏଡା ସେକ୍ଟର ୬୩ ଅଭିମୁଖେ ଯାଉଛନ୍ତି, ତା'ପରେ ସେ ବସ୍ ଚଢ଼ିଥିଲେ। ପୋଲିସ କହିଛି ଯେ ବସ୍‌ଟି ପ୍ରକୃତରେ ଗ୍ରେଟର ନୋଏଡାର ସୁରଜପୁରର ଏକ ୱାର୍କସପ୍‌ରୁ ଫେରୁଥିଲା।ନିଜ ଅଭିଯୋଗରେ, ନାବାଳିକା ଜଣଙ୍କ କହିଛନ୍ତି ଯେ ଗାଡ଼ି ଚାଲିବା ଆରମ୍ଭ ହେବା ମାତ୍ରେ କଣ୍ଡକ୍ଟର ଅନୁପଯୁକ୍ତ ବ୍ୟବହାର କରିବା ଆରମ୍ଭ କରିଥିଲେ ଏବଂ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଯଦି ସେ ପ୍ରତିରୋଧ କରନ୍ତି ତେବେ ସେମାନେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ପରେ ୪୦ କିମି ଦୂରରେ ନାବାଳିକାଙ୍କୁ ଫିଙ୍ଗିଦେଇଥିଲେ।

## ମନ୍ଦିରରୁ ଫେରିବା ସମୟରେ

# ସାଙ୍ଗରେ ଭୋଗ, ପାଦୁକ ଆଣନ୍ତୁ





ଅନେକ ସମୟରେ ମନ୍ଦିର ଯିବା ସମୟରେ ହେଉ ଅବା ଫେରିବା ସମୟରେ ଜାଣତ ଏବଂ ଅଜାଣତରେ ଆମ ଦ୍ୱାରା ଭୁଲ ହୋଇଯାଇଥାଏ । ଯାହା ଶୁଭ ଫଳ ବଦଳରେ ଅଶୁଭ ଫଳ ମିଳିଥାଏ । ଧାର୍ମିକ ଶାସ୍ତ୍ରରେ ଏଭଳି କିଛି କାର୍ଯ୍ୟ ରହିଛି ଯାହା ମନ୍ଦିରରୁ ଫେରିବା ସମୟରେ କରିବା ଉଚିତ ନୁହେଁ । ଫଳରେ ନକାରାତ୍ମକ ପ୍ରଭାବ ପଡିବାର ଆଶଙ୍କା ଥାଏ । ତେବେ ଏ ବିଷୟରେ ଜାଣିବା । ମନ୍ଦିରକୁ ଫେରିବା ସମୟରେ କିଛି କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ । ମନ୍ଦିର ଯିବା ସମୟରେ ଘଣ୍ଟି ବଜାଇବା ଶୁଭ ବୋଲି ହିନ୍ଦୁ ଧର୍ମରେ ବିଶ୍ୱାସ କରାଯାଇଥାଏ । କିନ୍ତୁ ଫେରିବା ସମୟରେ ଘଣ୍ଟି ବଜାଇବା ଉଚିତ ନୁହେଁ । ମନ୍ଦିରରୁ ଖାଲି ହାତରେ ମଧ୍ୟ ଫେରିବା ଉଚିତ ନୁହେଁ । ଏହା ବ୍ୟତୀତ ମନ୍ଦିରରୁ ଆସିବା ପରେ ସାଙ୍ଗେ ସାଙ୍ଗେ ଖାଇବା ମଧ୍ୟ ଉଚିତ ନୁହେଁ । ତେବେ ଏହା ପଛର କାରଣ କ'ଣ ସେ ସମ୍ପର୍କରେ ମଧ୍ୟ ଆସନ୍ତୁ ଜାଣିବା । ଧାର୍ମିକ ବିଶ୍ୱାସ ଅନୁସାରେ, ମନ୍ଦିରରୁ ଫେରିବା ସମୟରେ ଘଣ୍ଟି ବଜାଇବା ଉଚିତ ନୁହେଁ । କାରଣ ଏହା ମନ୍ଦିର ଯିବା ଦ୍ୱାରା ସୃଷ୍ଟି ହୋଇଥିବା ସକାରାତ୍ମକ ଭାବନା ବା ଶକ୍ତିକୁ ନଷ୍ଟ କରି ଦେଇଥାଏ । ଯେତେବେଳେ ଆମେ ମନ୍ଦିର ଭିତରକୁ ପ୍ରବେଶ କରିଥାଉ ନକାରାତ୍ମକ ଶକ୍ତି ଦୂର ହୋଇ ସକାରାତ୍ମକ ଶକ୍ତି ବିସ୍ତାର ହୁଏ । ତେଣୁ ଫେରିବା ସମୟରେ ମନ୍ଦିରର ଘଣ୍ଟି ବଜାଇବା ଅନୁଚିତ ବୋଲି ମାନାଯାଇଥାଏ । ଶିବ ମନ୍ଦିରରୁ ଫେରିବା ସମୟରେ ବାରମ୍ବାର ପଛକୁ ଚାହିଁବା ଉଚିତ ନୁହେଁ । ଏହା ମଧ୍ୟ ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି ଯେ, ମନ୍ଦିରରୁ ଫେରିବା ସମୟରେ ଭଗବାନ ଶିବଙ୍କ ଧ୍ୟାନ ଭକ୍ତଠାରୁ ତାଙ୍କ ଦୁନିଆକୁ ଚାଲିଯାଏ । ଯାହା ଦ୍ୱାରା ତାଙ୍କଠାରୁ ମିଳିଥିବା କୃପାକୁ ବାଧା ଦେଇପାରେ । ଏହା ସହିତ, ଅର୍ଜିତ ପୁଣ୍ୟ ମଧ୍ୟ କମିଯାଇଥାଏ । ତେଣୁ ମନ୍ଦିରରୁ ଘରକୁ ଯିବା ସମୟରେ ବାରମ୍ବାର ପଛକୁ ଚାହିଁବାକୁ ପରିହାର କରନ୍ତୁ । ପ୍ରାୟତଃ ଲୋକମାନେ ଦେବୀ କିମ୍ବା ଦେବତାଙ୍କୁ ପୂଜା କରିବା ପାଇଁ ଫୁଲ, ଫଳ, ମିଠା, ଧୂପ, ଦୀପ ଆଦି ସାଙ୍ଗରେ ନେଇ ଯାଇଥାନ୍ତି । ଭଗବାନଙ୍କୁ ଅର୍ପଣ କରିବା ପରେ ସେମାନେ ଘରକୁ ଖାଲି ହାତରେ ଫେରି ଆସିଥାନ୍ତି । ଯାହାକୁ ଅଶୁଭ ବୋଲି ବିବେଚନା କରାଯାଇଥାଏ । ତେଣୁ ମନ୍ଦିରରୁ ଫେରିବା ସମୟରେ ଭୋଗ କିମ୍ବା ପାଦୁକ କିମ୍ବା ଫୁଲ, ଫଳ ଆଦି ଜିନିଷ ସାଙ୍ଗରେ ଆଣନ୍ତୁ । ଯାହା ଆପଣଙ୍କ ପାଇଁ ଶୁଭମୟ ହେବ ।

> ”
> **ତେଣୁ ମନ୍ଦିରରୁ ଘରକୁ ଯିବା ସମୟରେ ବାରମ୍ବାର ପଛକୁ ଚାହିଁବାକୁ ପରିହାର କରନ୍ତୁ । ପ୍ରାୟତଃ ଲୋକମାନେ ଦେବୀ କିମ୍ବା ଦେବତାଙ୍କୁ ପୂଜା କରିବା ପାଇଁ ଫୁଲ, ଫଳ, ମିଠା, ଧୂପ, ଦୀପ ଆଦି ସାଙ୍ଗରେ ନେଇ ଯାଇଥାନ୍ତି । ଭଗବାନଙ୍କୁ ଅର୍ପଣ କରିବା ପରେ ସେମାନେ ଘରକୁ ଖାଲି ହାତରେ ଫେରି ଆସିଥାନ୍ତି । ଯାହାକୁ ଅଶୁଭ ବୋଲି ବିବେଚନା କରାଯାଇଥାଏ**

## ମହାଭାରତରେ ଚକ୍ରବ୍ୟୂହ

ମହାଭାରତ ଯୁଦ୍ଧର ବହୁଚର୍ଚ୍ଚିତ ବ୍ୟୂହ ଥିଲା ଚକ୍ରବ୍ୟୂହ । ଏହି ବ୍ୟୂହ କାରଣରୁ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁ ପ୍ରାଣ ହରାଇଥିଲେ । ଏହି ବ୍ୟୂହ ଏକ ଚକ୍ର ଆକାରର ଦେଖାଯାଉଥିଲା । ସେଥିପାଇଁ ଏହାର ନାମ ଚକ୍ରବ୍ୟୂହ ହୋଇଥିଲା । ଚକ୍ରବ୍ୟୂହରେ କୌରବ ସେନା ୭ଟି ଅଲଗା ଅଲଗା ଗୋଲେଇରେ ସଜ୍ଜିତ ହୋଇ ରହିଥିଲେ । ପ୍ରତ୍ୟେକ ଗୋଲେଇରେ ଜଣେ ଲେଖାଏଁ କୌରବ ମହାରଥୀ ନିଜ ନିଜ ସୈନ୍ୟବଳର ନେତୃତ୍ୱ ନେଉଥିଲେ । ଯୁଧିଷ୍ଠିରଙ୍କୁ ବନ୍ଦୀ କରିବା ଲାଗି ଗୁରୁ ଦ୍ରୋଣାଚାର୍ଯ୍ୟ ଏହି ବ୍ୟୂହ ରଚନା କରିଥିଲେ । କେବଳ ଅର୍ଜୁନ ହିଁ ଏହି ବ୍ୟୂହ ଭେଦ କରିବାର କଳା ଜାଣିଥିଲେ । କିନ୍ତୁ ସେ ସମୟରେ ଅର୍ଜୁନ କୌରବ ମହାରଥୀ ସୁଶର୍ମାଙ୍କ ସହ ଯୁଦ୍ଧ କରିବା ଲାଗି ଚାଲିଯାଇଥିଲେ । ଏହି କାରଣରୁ ଅଭିମନ୍ୟୁ ଏବଂ ଅନ୍ୟ ପାଣ୍ଡବମାନେ ଏହି ବ୍ୟୂହ ରଚନା କରିବା ଲାଗି ଆଗେଇ ଆସିଲେ । ଚକ୍ରବ୍ୟୂହର ଦ୍ୱାରରେ ଜୟଦ୍ରଥ ଛିଡ଼ା ହୋଇଥିଲେ । ସେ ଅଭିମନ୍ୟୁଙ୍କ ବ୍ୟତୀତ ଅନ୍ୟ କୌଣସି ପାଣ୍ଡବଙ୍କୁ ଚକ୍ରବ୍ୟୂହ ମଧ୍ୟକୁ ପ୍ରବେଶ କରାଇଦେଲେ ନାହିଁ । ଅଭିମନ୍ୟୁ ଚକବ୍ୟୂହର ସମସ୍ତ ଗୋଲେଇକୁ ଭେଦ କରି ମଧ୍ୟଭାଗକୁ ଚାଲିଗଲେ । ସେଠାରେ କୌରବଙ୍କ ୭ ମହାରଥୀ ମିଶି ଅଭିମନ୍ୟୁଙ୍କୁ ହତ୍ୟା କଲେ । ଅଭିମନ୍ୟୁ ମାତା ସୁଭଦ୍ରାଙ୍କ ଗର୍ଭରେ ଥିବା ସମୟରେ ପିତା ଅର୍ଜୁନଙ୍କ ଠାରୁ ଚକ୍ରବ୍ୟୂହ ଭେଦ କରିବାର ରହସ୍ୟ ଜାଣିଥିଲେ । ମାତ୍ର ସେଥିରୁ ବାହାରି ଆସିବାର ଭେଦ ଅର୍ଜୁନ କହିବା ବେଳକୁ ସୁଭଦ୍ରା ଶୋଇପଡ଼ିଥିଲେ । ଏହି କାରଣରୁ ଚକ୍ରବ୍ୟୂହ ଭେଦ କରିନପାରି ଅଭିମନ୍ୟୁଙ୍କର ମୃତ୍ୟୁ ଘଟିଲା ।





## ହନୁମାନଙ୍କ ଲାଞ୍ଜରେ ନିଆଁ

*ହନୁମାନଙ୍କ ଲାଞ୍ଜରେ ନିଆଁ ଲଗାଇବାକୁ ଦୂତମାନେ ସେଥିରେ କପଡ଼ା ଓ ଲୁଗା ଗୁଡ଼େଇବା ଆରମ୍ଭ କଲେ। କିନ୍ତୁ ହନୁମାନ ନିଜ ଅଲୌକିକ ଶକ୍ତି ବଳରେ ନିଜ ଲାଞ୍ଜକୁ ଲମ୍ବେଇ ଚାଲିଥିଲେ, ଫଳରେ ଲଙ୍କାର ଲୋକମାନେ ଘରୁ ଘରୁ ଲୁଗାପଟା ଆଣି ସେଥିରେ ଗୁଡ଼େଇଲେ ବି ତାହା ପୂରଣ ହୋଇପାରିଲା ନାହିଁ। ଶେଷରେ ରାବଣ ବିରକ୍ତ ହୋଇ ସେଥିରେ ନିଆଁ ଲଗେଇବାକୁ ଆଦେଶ ଦେଲେ। ନିଆଁ ଲଗେଇବା ପରେ ହଠାତ୍ ହନୁମାନ ନିଜ ଲାଂଜକୁ ସଂକୁଚିତ କରି ଛୋଟ କରିଦେଲେ ଓ ଅଲୌକିକ ଶକ୍ତି ବଳରେ ବନ୍ଧନରୁ ମୁକ୍ତ ହୋଇ ଗରର ଛାତରୁ ଛାତ ଡେଇଁ ଗୋଟିଏ ପରେ ଗୋଟିଏ ଘରେ ନିଆଁ ଲଗାଇ ଚାଲିଲେ। କିଛି ସମୟ ପରେ ସୁନାର ଲଙ୍କା ଜଳିପୋଡ଼ି ଧ୍ୱଂସ ହେଇଗଲା। ଏହାପରେ ହନୁମାନ ଭାରତକୁ ଫେରି ଆସିଲେ।*





## ଅସହାୟଙ୍କୁ ସହାୟତା

ଜଣେ ରାଜା ବହୁତ ବଡ଼ ପ୍ରଜାପାଳକ ଥିଲେ । ପ୍ରଜାଙ୍କ ହିତରେ ଯତ୍ନଶୀଳ ଥିଲେ । ଦିନେ ସକାଳ ସମୟରେ ରାଜା ବନରେ ଭ୍ରମଣ କରିବା ପାଇଁ ଯାଉଥିବା ବେଳେ ଦେବଙ୍କ ଦର୍ଶନ ହେଲା । ରାଜା ଦେବଙ୍କୁ ପ୍ରଣାମ କରି ତାଙ୍କ ଅଭିନନ୍ଦନ ଜଣାଇଲେ ଏବଂ ଦେବଙ୍କ ହାତରେ ଏକ ପୁସ୍ତକ ଦେଖି ତାଙ୍କୁ ପଚାରିଲେ ମହାରାଜ, ଆପଣଙ୍କ ହାତରେ ଇଏ କ'ଣ । ଦେବତା କହିଲେ ରାଜା! ଏହା ମୋର ଖାତା ଅଟେ, ଯେଉଁଥିରେ ସବୁ ଭଜନକାରୀଙ୍କ ନାମ ଲେଖାଅଛି । ରାଜା ଉତ୍ସୁକତା ସହ ପଚାରିଲେ ଦୟାକରି ଦେଖନ୍ତୁ, ଏହି ଖାତାରେ ମୋର ନାମ ଅଛି କି ନାହିଁ? ଦେବତା ମହାରରାଜ ଏହି ଖାତାର ଗୋଟିଏ ଗୋଟିଏ ପୃଷ୍ଠା ଓଲଟାଇ ଦେଖନ୍ତି ତ ତାଙ୍କ ନାମ କେଉଁଠାରେ ମିଳିଲା ନାହିଁ। ରାଜା ଦେବତାଙ୍କ ଚିନ୍ତନ ଦେଖି ପଚାରିଲେ ଦେବତା ମହାରାଜ! ଆପଣ ଚିନ୍ତିତ ହୁଅନ୍ତୁ ନାହିଁ, ରାଜା କହିଲେ ବାସ୍ତବରେ ମୋର ଦୁର୍ଭାଗ୍ୟ ଅଟେ କି ମୁଁ ଭଜନ-କୀର୍ତ୍ତନ ପାଇଁ ସମୟ ବାହାର କରିପାରୁ ନାହିଁ ଏବଂ ସେଥିପାଇଁ ଏହି ତାଲିକାରେ ମୋର ନାମ ତାଲିକାଭୁକ୍ତ ହୋଇନାହିଁ । ଏହିଦିନଠାରୁ ରାଜାଙ୍କ ମନରେ ଆତ୍ମଗ୍ଲାନି ଉତ୍ପନ୍ନ ହେଲା । ଦେବ ମହାରାଜ କହିଲେ ରାଜା ଖୋସାମତ ବଦଳରେ ଭଗବାନଙ୍କୁ ଭକ୍ତି କର । ସଚ୍ଚା ଭକ୍ତ ସିଏ ହୋଇଥାଏ ଯିଏ ପରୋପକାର କରେ । ଅନାଥ, ବିଧବା, କିଷାନ, ନିର୍ଦ୍ଧନ, ଅସହାୟ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରିବା ହିଁ ପରମ ଭକ୍ତି ଅଟେ । ପୃଥିବୀରେ ଏହା ସବୁଠାରୁ ବଡ଼ ପୁଣ୍ୟ ଅଟେ ।

## କେଉଁଠାରେ ଅଛି ପାତାଳଲୋକ

ପାତାଳ ଲୋକ ଭୂପୃଷ୍ଠରେ ସାତ ସ୍ତରରେ ବିଭକ୍ତ ବୋଲି କୁହାଯାଏ । ଏହି ସାତଟି ସ୍ତର ନିମ୍ନଲିଖିତ – ଅତଳ, ବିତଳ, ସୁତଳ, ତାଳତାଳ, ମହାତାଳ, ରସାତଳ ଏବଂ ପାତାଳ । ପ୍ରତ୍ୟେକ ସ୍ତର ମଧ୍ୟରେ ଭିନ୍ନ ଭିନ୍ନ ଦିବ୍ୟ ଏବଂ ଆସୁରିକ ପ୍ରାଣୀ ବାସ କରନ୍ତି । ଏହାକୁ ଏକ ରହସ୍ୟମୟ ସ୍ଥାନ ଭାବରେ ବିବେଚନା କରାଯାଏ, ଯାହା ମଣିଷର ଦୃଷ୍ଟି ଏବଂ ବୁଝାମଣା ବାହାରେ । ବାସୁକି ନାଗଙ୍କୁ ପାତାଳଲୋକର ଶାସକ ଭାବରେ ଉଲ୍ଲେଖ କରାଯାଇଛି, ଯାହାଙ୍କୁ ଭଗବାନ ଶିବ ତାଙ୍କ ବେକରେ ପିନ୍ଧନ୍ତି । କିଛି ବିଶ୍ୱାସ ଅନୁସାରେ ପାତାଳରେ ସୂର୍ଯ୍ୟକିରଣ ପହଞ୍ଚେ ନାହିଁ । ଏଠାରେ ସାପମାନଙ୍କ ମୁଣ୍ଡରେ ଥିବା ମଣିରୁ ଆଲୋକ ଆସିଥାଏ ।





## କର୍ମଯୋଗର ରହସ୍ୟ

ସକାଳେ ଶୀଘ୍ର ଶଯ୍ୟା ତ୍ୟାଗ କରିବା ଓ ରାତ୍ରିରେ ଶୀଘ୍ର ଶୋଇବା ଔଷଧ ତୁଲ୍ୟ କାର୍ଯ୍ୟ କରେ ।ସେହି ସମୟରେ 'ଓଁ' ମନ୍ତ୍ର ଜପ କରିବା / ପରମେଶ୍ୱରଙ୍କ ନାମ ନିରବଚ୍ଛିନ୍ନ କିଛି ସମୟ ଉଚ୍ଚାରଣ କରିବା ଦିବ୍ୟତାର ପରିପ୍ରକାଶ ।ଯୋଗ, ପ୍ରାଣାୟାମ, ବ୍ୟାୟାମ ବି ଶରୀର ପାଇଁ ସଦା ହିତକର। ସକାଳ-ସନ୍ଧ୍ୟାରେ ଚାଲିବା , ମଝିରେ ମଝିରେ ଉପବାସ, ସକାଳ ସୂର୍ଯ୍ୟ କିରଣ ମାଟିପାତ୍ରର ଜଳ ଔଷଧ ତୁଲ୍ୟ ଶରୀର ପ୍ରତି କାର୍ଯ୍ୟ କରେ । ପ୍ରଭୁଙ୍କ ଆରାଧନା ବେଳେ ତାଳି ବଜାଇବା ଔଷଧ ଭଳି। ଭଲରୂପେ ଚୋବାଇ ଖାଇବା, ଖାଦ୍ୟ ଭଳି ଚୋବାଇ ପାଣି ପିଇବା,ଭୋଜନ ପରେ ବଜ୍ରାସନରେ ବସିବା ହିତକର। ସବୁବେଳେ ଖୁସି ରହିବା, କେବେ କେବେ ମୌନ ରହିବା, ହସିବା ଏବଂ ଥଟ୍ଟା ମଜାକରିବା,ଅଳ୍ପରେ ସନ୍ତୋଷ ହେବା, ମନ ଏବଂ ଶରୀରର ଶାନ୍ତି ଔଷଧ ଭଳି ଉପକାରୀ।

## ଅସୁରଗୁରୁ ଓ ସଞ୍ଜୀବନୀ ବିଦ୍ୟାର ମହାନ ଆଚାର୍ଯ୍ୟ

ଶୁକ୍ରାଚାର୍ଯ୍ୟ ହେଉଛନ୍ତି ମହର୍ଷି ଭୃଗୁ ଓ ତାଙ୍କ ପତ୍ନୀ କ୍ଷାତିଙ୍କ ସନ୍ତାନ। ହିନ୍ଦୁ ପୌରାଣିକ କାହାଣୀରେ ସେ ଜଣେ ମହାନ ବ୍ୟକ୍ତି ଭାବରେ ପରିଚିତ। ଶୁକ୍ରାଚାର୍ଯ୍ୟଙ୍କର ଆଉଏକ ବଡ଼ ବଂଶଗତ ପରିଚୟ ହେଲା, ସେ ଥିଲେ ବ୍ରହ୍ମାଙ୍କ ନାତି। ତେବେ ଅସୁରମାନଙ୍କ ଗୁରୁ ଭାବରେ ସେ ସାରା ବ୍ରହ୍ମାଣ୍ଡରେ ପ୍ରସିଦ୍ଧ। ଜ୍ଞାନ, ତପସ୍ୟା ଓ ସଞ୍ଜୀବନୀ ମନ୍ତ୍ର ମାଧ୍ୟମରେ ଶୁକ୍ରାଚାର୍ଯ୍ୟ ମୃତବ୍ୟକ୍ତିଙ୍କୁ ପୁନର୍ଜନ୍ମ ଦେବାର କ୍ଷମତା ରଖୁଥିଲେ, ଯାହା ତାଙ୍କ ପରିଚୟ ଓ ଖ୍ୟାତିକୁ ବୃଦ୍ଧି କରିଥିଲା।

# ପୁରୀ

**ଅବସ୍ଥାନ:** ଓଡ଼ିଶାରେ ବଙ୍ଗୋପସାଗର କୂଳରେ ଅବସ୍ଥିତ ଶ୍ରୀମନ୍ଦିର, ଯେଉଁଠି ଅବସ୍ଥାନ କରନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ।

**ଦେବତା:** ମହାପ୍ରଭୁ ଶ୍ରୀଜଗନ୍ନାଥ (ବିଷ୍ଣୁଙ୍କର ଏକ ରୂପ) ଏଠାରେ ସାନ ଭଉଣୀ ଦେବୀ ସୁଭଦ୍ରା ଓ ବଡ଼ଭାଇ ତଥା ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ସହିତ ଅବସ୍ଥାନ କରୁଅଛନ୍ତି।

**ମହତ୍ତ୍ୱ:** ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅବସ୍ଥାନ କରୁଥିବା ମନ୍ଦିରକୁ ଶ୍ରୀମନ୍ଦିର କୁହାଯାଏ। ଏହା ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ ଏକ ପବିତ୍ର ପୀଠ। ଏହା ମୁକ୍ତିଦାୟୀ ତୀର୍ଥ ଭାବେ ପରିଚିତ। ପୁରାଣ ଅନୁସାରେ, ରାଜା ଇନ୍ଦ୍ରଦ୍ୟୁମ୍ନ, ବିଷ୍ଣୁଙ୍କ ଆଦେଶରେ ଏହି ମନ୍ଦିର ନିର୍ମାଣ କରିଥିଲେ। ଏହା ମଧ୍ୟ ୧୦୮ ଦିବ୍ୟ ଦେଶମ୍‌ରୁ ଗୋଟିଏ।

**ବିଶେଷତ୍ୱ:** ବାର୍ଷିକ ରଥଯାତ୍ରା ପୁରୀର ଏକ ପ୍ରମୁଖ ଉତ୍ସବ, ଯେଉଁଥିରେ ଲକ୍ଷ ଲକ୍ଷ ଭକ୍ତ ଅଂଶଗ୍ରହଣ କରନ୍ତି। ମନ୍ଦିରରେ ଅଣ-ହିନ୍ଦୁଙ୍କୁ ପ୍ରବେଶ ନିଷେଧ, ଯାହା ଏହାର ପାରମ୍ପରିକ ନିୟମ।

**ଐତିହାସିକ ମହତ୍ତ୍ୱ:** ଆଦି ଶଙ୍କରାଚାର୍ଯ୍ୟ ଏଠାରେ ଗୋବର୍ଦ୍ଧନ ମଠ ସ୍ଥାପନ କରିଥିଲେ। ଜଗନ୍ନାଥ ସଂସ୍କୃତି ଓଡ଼ିଶାର ପରିଚୟର ଅଂଶ।



## -ପବିତ୍ର ଓ ସୁରକ୍ଷା ପ୍ରଦାନକାରୀ ମନ୍ତ୍ର-

*କୃଷ୍ଣାୟ ବାସୁଦେବାୟ ହରୟେ*
*ପରମାତ୍ମନେ.*
*ପ୍ରଣତଃ କ୍ଲେଶନାଶାୟ ଗୋବିନ୍ଦାୟ*
*ନମୋ ନମଃ..*

ଏହି ମନ୍ତ୍ରର ଅର୍ଥ ଅତ୍ୟନ୍ତ ପବିତ୍ର ଓ ସୁରକ୍ଷା ପ୍ରଦାନ କରିଥାଏ । ଅର୍ଥାତ୍ ଭଗବାନ ଶ୍ରୀକୃଷ୍ଣ ପରମାତ୍ମା, ତାଙ୍କୁ ବାରମ୍ବାର ପ୍ରଣାମ କରୁଛି । ସେ ସମସ୍ତ କ୍ଲେଶ (କଷ୍ଟ)କୁ ନାଶ କରନ୍ତୁ । ଏହି ମନ୍ତ୍ର ସ୍ମରଣ, ପ୍ରାର୍ଥନା କରିବା ଦ୍ୱାରା ସମସ୍ତ କଷ୍ଟ, ଦୁଃଖ, ଭୟ ଓ ଦୁର୍ଘଟଣା ଦୂର ହୋଇଥାଏ ।

CMYK



## ସେପ୍ଟେମ୍ବର ୧୨ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ(ନିପ୍ର): କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ୧୨ ତାରିଖ ଶନିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଲୋକ ଅଦାଲତରେ ମକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ ।

## ଉଭୟ କ୍ରୀଡା ଓ କ୍ରୀଡ଼ାବିତଙ୍କ ବିକାଶରେ ସମୂହ ବିକାଶ

ରମ୍ଭା (ନିପ୍ର): କ୍ରୀଡା ତଥା କ୍ରୀଡାବିତଙ୍କ ବିକାଶ ହେଲେ ଶିକ୍ଷାର ବିକାଶ ହୋଇପାରିବ । ଏହି ପରିପ୍ରେକ୍ଷୀରେ ଖଲ୍ଲିକୋଟ ସ୍ଥିତ ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଜୋନ୍:- ୧ ପକ୍ଷରୁ ଶୁଭ ଉଦଘାଟିତ ହୋଇଯାଇଛି । ଖଲ୍ଲିକୋଟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସତ୍ୟନାରାୟଣ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଆୟୋଜିତ ଉତ୍ସବରେ ବ୍ଲକ ସମୂହ କ୍ରୀଡା ପ୍ରତିଯୋଗିତାର ସମ୍ପାଦକ ପୀତବାସ ମହାପାତ୍ର ପ୍ରାକ ସୂଚନା ପ୍ରଦାନ କରିଥିଲା ବେଳେ ଗୋପପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା ସ୍ୱତନ୍ତ୍ର ଅତିଥି, ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରକଳା ବେହେରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡକ୍ଟର ଦ୍ୱାରିକାନାଥ ମହାରଣା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀମାନେ କିଭଳି କ୍ରୀଡା ପ୍ରତି ଆକର୍ଷିତ ହେବେ, ସଫଳ କ୍ରୀଡାବିତ ସୃଷ୍ଟି କରି ପ୍ରୋତ୍ସାହିତ କରିବା, ଶାରିରୀକ ସୁସ୍ଥତା ଦିଗରେ କ୍ରୀଡାର ଆବଶ୍ୟକତା ଆଦି ବହୁବିଧ ଦିଗ ଉପରେ ସାରସ୍ୱତ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ସହିଦ୍ ଚମ୍ପେଶ୍ୱର ମହାକୁଡ଼ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ କଦଳୀ ଗଡ ପଞ୍ଚାୟତରେ ସହିଦ୍ ଚମ୍ପେଶ୍ୱର ମହାକୁଡ଼ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ସହିଦ୍ ଚମ୍ପେଶ୍ୱର ଗ୍ରାମୀଣ ପାର୍କ ନାମରେ ନାମିତ କରାଯାଇଛି। ଏହି ଅବସରରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ କରକମଳରେ ଉନ୍ମୋଚିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦିପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ସରପଞ୍ଚ ସରୋଜ ସେଠି,ସମିତି ସଭ୍ୟ ସଜନି ବେହେରା ଉପସ୍ଥିତ ଥିଲେ । ଏହି ଅବସରରେ କଦଳୀ ଗଡ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ର ଛାତ୍ରଛାତ୍ରୀ ସମେତ ସ୍ଥାନୀୟ ଲୋକେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ ଗତ କିଛି ବର୍ଷ ହେବ ସହିଦ୍ ଭଗତ ଚମ୍ପେଶ୍ୱର୍ ମାହାକୁଡଙ୍କ ପ୍ରତିମୂର୍ତ୍ତିକୁ ଅମାନୁଷିକ ଭାବେ ଘୋଡାଇ ରଖାଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଥିଲା । ପରବର୍ତ୍ତୀ ସମୟରେ ଏହାକୁ ସ୍ଥାନୀୟ ଜନପ୍ରତିନିଧି ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ସହ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ଶୀଘ୍ର ପ୍ରତିମୂର୍ତ୍ତି ଉନ୍ମୋଚନ କରିବାରୁ ସ୍ଥାନୀୟ ଲୋକ ଓ ଚମ୍ପେଶ୍ୱର ମହାକୁଡ଼ଙ୍କ ସ୍ମୃତି କମିଟି ପକ୍ଷରୁ ସାଧୁବାଦ ଜଣାଇଛନ୍ତି ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଏବଂ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ସହାୟତାରେ ସାତପଡ଼ା ସ୍ଥିତ ବାସୁଦେବ ନୋଡାଲ ହାଇସ୍କୁଲ ବାଘମୁଣ୍ଡା ନୂଆଗାଁ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସାତପଡ଼ା ପଞ୍ଚାୟତ ସରପଞ୍ଚ ରଶ୍ମିତା ସାମନ୍ତରାୟ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗମ୍ଭାରୀ ପଞ୍ଚାୟତ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ପିରିଜିପୁର ପଞ୍ଚାୟତ ସରପଞ୍ଚ ଇଂ ମଳୟ କୁମାର ଜେନା, ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ସରୋଜ କୁମାର ଲେଙ୍କା, ଗମ୍ଭାରୀ ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ନବ କିଶୋର ଜେନା,ବ୍ଲକ ପ୍ରକଳ୍ପ ସଂଯୋଜକ ମନୋରଞ୍ଜନ ସାହୁ,ସାତପଡ଼ା ମଣ୍ଡଳ ବିଜେପି ସଭାପତି ପ୍ରଦୀପ୍ତ କୁମାର ବେହେରା, ଯୁବ ସମାଜସେବୀ ଦେବାଶିଷ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ। ସିପି ପ୍ରଭାତ କୁମାର ଜେନା ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଶିବିରରେ ଅସ୍ଥିଶଲ୍ୟ, ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି, ମାନସିକ ଅଗ୍ରସର ବ୍ୟକ୍ତି ମାନେ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ। ପରେ ପରେ ଉପସ୍ଥିତ ବିଶେଷଜ୍ଞ ଠାରୁ ନିଜ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ପରାମର୍ଶ ଲୋଡ଼ିଥିଲେ। । ଏହି ଶିବିରରେ ମୋଟ ୧୨୪ ଜଣଙ୍କର ନାମ ପଞ୍ଜିକରଣ କରାଯାଇଥିଲା।

# ବାମରାରେ ଅଳିଆ ଡମ୍ପିଂ ପାଇଁ ସ୍ଥାନ ଅଭାବ
# ୪ ଦିନ ଧରି ଛିଡ଼ା ହୋଇଛି ଅଳିଆ ବୋଝେଇ ଗାଡି



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ଏନଏସି ଅଞ୍ଚଳରେ ଅଳିଆ ଡମ୍ପିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନଥିବାରୁ ଆଜକୁ ୪ ଦିନ ହେବ ବାମରା ବ୍ଲକ କାର୍ଯ୍ୟାଳୟ ପରିସରରେ ଟ୍ରାକ୍ଟର ଓ ଅନ୍ୟ ଅଳିଆ ବୋଝେଇ ଗାଡ଼ିସବୁ ଛିଡ଼ାହୋଇ ରହିଛି। ଗୋବିନ୍ଦପୁର ପଞ୍ଚାୟତକୁ ବାମରା ଏନ୍ଏସି ଘୋଷଣା କରାଯିବା ପରେ ବିଭିନ୍ନ ସାହିରୁ ଅଳିଆ ଆବର୍ଜନା ସଂଗ୍ରହ କରି ମିଟୁପଡ଼ା ଅଞ୍ଚଳର ଏକ ସରକାରୀ ଜମିରେ ଡମ୍ପ କରାଯାଉଥିଲା। ତେବେ ଗୋଟିଏ ସ୍ଥାନରେ ବିପୁଳ ପରିମାଣର ଅଳିଆ ଗଦା ହେବାରୁ ଦୁର୍ଗନ୍ଧ ଓ ପରିବେଶ ପ୍ରଦୂଷଣ ହୋଇଥିଲା। ଏନେଇ ମିଟୁପଡ଼ାବାସୀ ଏହାକୁ ବିରୋଧ କରିଥିଲେ। ଫଳରେ ସେବେଠାରୁ ଅଳିଆ ଡମ୍ପ କାର୍ଯ୍ୟ ବନ୍ଦ ରହିଛି। ଡମ୍ପିଂ ସ୍ଥାନ ବନ୍ଦ ହେବା ଯୋଗୁଁ ଅଳିଆ ବୋଝେଇ ଗାଡ଼ିଗୁଡ଼ିକ ବ୍ଲକ ପରିସରରେ ଛିଡ଼ା ହୋଇ ରହିଛି। ଏହାର ପ୍ରଭାବରେ ବାମରାର ବିଭିନ୍ନ ସାହିରୁ ଅଳିଆ ସଂଗ୍ରହ ମଧ୍ୟ ବନ୍ଦ ରହିଛି। ନୂତନ ଏନ୍ଏସି ଗଠନ ହେବା ପରେ ଅଳିଆ ଆବର୍ଜ୍ଜନା ପରିଚାଳନା ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରାନଯିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଅଳିଆ ସଂଗ୍ରହ ପାଇଁ ଗାଡ଼ି ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହାକୁ କେଉଁଠାରେ ଓ କିପରି ଡମ୍ପ କରାଯିବ, ସେନେଇ ବ୍ୟବସ୍ଥା ନଥିବାରୁ ଏବେ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ସଫେଇ କର୍ମଚାରୀଙ୍କୁ ପଚାରିବାରେ ଅଳିଆ ଡମ୍ପ ପାଇଁ ସ୍ଥାନ ଚିହ୍ନଟ ହେବା ପରେ ପୁଣି ସଫେଇ କାର୍ଯ୍ୟ ନିୟମିତ ଭାବେ ଚାଲିବ ବୋଲି କହିଛନ୍ତି। ଡମ୍ପିଂ ସ୍ଥାନ ନଥିବାରୁ ବର୍ତ୍ତମାନ ଅଳିଆ ସଂଗ୍ରହ କରିବାରେ ସମସ୍ୟା ହେଉଥିବା ସେମାନେ ସୂଚନା ଦେଇଛନ୍ତି। ଏପଟେ ଅଳିଆ ସଂଗ୍ରହ ବନ୍ଦ ଥିବାରୁ ବିଭିନ୍ନ ସାହିରେ ଆବର୍ଜନା ଜମା ହେବାର ଆଶଙ୍କା ରହିଛି। ତେଣୁ ପ୍ରଶାସନ ତୁରନ୍ତ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ଅଳିଆ ପରିଚାଳନା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ପୁରୀରେ ଆଇନ ସଚେତନତା

ପୁରୀ(ନିପ୍ର): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ୍ୟ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାଇ ସରକାରୀ ମହିଳା ମହାବିଦ୍ୟାଳୟ, ପୁରୀ ଠାରେ ସ୍ଥାୟୀ ଲୋକ ଅଦାଲତ ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦଘାଟନ କରିବା ସହ ନିଜ ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦେଶ୍ୟ ଓ ଆଭିମୁଖ୍ୟ ,ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର , ନ୍ୟାୟ ସଂଯୋଗ , ୧୫୧୦୦, ଏବଂ ସମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କଣ ଏବଂ ଆଇନ ସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ ଏବଂ ହିତାଧିକାରି ସେ ବିଷୟରେ ଆଲୋଚନା କରିଥିଲେ ଆଜିର ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ୍ୟା ସୁଶ୍ରୀ ପ୍ରତିମା ପଣ୍ଡା ସ୍ଥାୟୀ ଲୋକ ଅଦାଲତ ସମ୍ପର୍କିତ ବିଭିନ୍ନ ସରକାରୀ ଆଇନ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଆଇନ ସହାୟତା ଓକିଲ ସୁଧୀର କୁମାର ଘୋଷ କର୍ମକ୍ଷେତ୍ରରେ ମହିଳା ମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପିଡନର ପ୍ରତିରୋଧ ଓ ପ୍ରତିକାର ଅଧିନିୟମ ସମ୍ପର୍କିତ ଆଲୋଚନା କରିଥିଲେ ଏବଂ ଏହା କିପରି ଜନସାଧାରଣମାନଙ୍କୁ ସଚେତନ କରାଇବା ସେ ବିଷୟରେ ପରାମର୍ଶ ଦେଇଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି
## ୩୭୫ଟିରୁ ୨୯୭ଟି ଅଭିଯୋଗର ତ୍ୱରିତ ସମାଧାନ

କଟକ(ନିପ୍ର) : ମାହାଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୩୭୫ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୩୫୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୨ଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୨୯୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା ।ଏହି ଅଭିଯୋଗ ଶୁଣାଣି ସ୍ଥଳରେ , ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଜାତୀୟ କ୍ରୀଡ଼ା ଦିବସ

କଣ୍ଟିଲୋ,(ନି.ପ୍ର) ଖଣ୍ଡପଡ଼ା ସହରସ୍ଥିତ ପିଏମଶ୍ରୀ ରାମ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ପୌରହିତ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷକ,ଶିକ୍ଷୟିତ୍ରୀମାନେ ବିଶିଷ୍ଟ କ୍ରୀଡାବିତ ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖଟୁଆ,ସଞ୍ଜୁବାଳା ନାଥ,ସ୍କାଉଟ ଶିକ୍ଷକ ପ୍ରତାପ କୁମାର ବେହେରା,ଶିକ୍ଷକ ଶିବ ପ୍ରସାଦ ଦାସ ଓ ବିଶ୍ୱମ୍ଭର ପ୍ରଧାନ ପ୍ରମୁଖ ଯୋଗଦେଇ ବିଶିଷ୍ଟ କ୍ରୀଡାବିତ ମେଜର ଧ୍ୟାନଚାନ୍ଦଙ୍କ କ୍ରୀଡ଼ା ପ୍ରତି ଗୌରବମୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

## ବନ୍ଧୁମିଳନ କାର୍ଯ୍ୟକ୍ରମରେ ସେବା ଓ ସ୍ୱତନ୍ତ୍ର ରାଜନୈତିକ ସଂଗଠନକୁ ଗୁରୁତ୍ୱ




ହିଞ୍ଜିଳିକାଟୁ,(ନିପ୍ର ): ହିଞ୍ଜିଳିକାଟୁ ବ୍ଲକ, ପୌର ପରିଷଦ ଏବଂ ଶେରଗଡ ବ୍ଲକ ଅଞ୍ଚଳର ଛାମୁଆ ନେତା ଓ କର୍ମୀଙ୍କୁ ନେଇ ରବିବାର ବଉଳଝୋଳି ଫାର୍ମ, କୁକୁଡ଼ାଖଣ୍ଡି ଠାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା ପ୍ରଦେଶ କିଶାନ କଂଗ୍ରେସ ଉପାଧକ୍ଷ ଶିବରାମ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶେରଗଡ ବ୍ଲକ କଂଗ୍ରେସ ସଭାପତି କୁନା ବିଷୋୟୀ, ସମାଜସେବୀ ପ୍ରଦୀପ କୁମାର ମହାରଣା, ଜଗନ୍ନାଥ ଗୌଡ, ପ୍ରକାଶ ଚନ୍ଦ୍ର ବିଷୋୟୀ, ଶ୍ୟାମ ସୁନ୍ଦର ପ୍ରଧାନ, ସୀମାଞ୍ଚଳ ଗୌଡ, ସୁବାସ ଚନ୍ଦ୍ର ପଶୁପାଳକ, ଭଗବାନ ପଣ୍ଡା, ଦିଲ୍ଲୀପ ପ୍ରଧାନ, ମହେଶ୍ୱର ସାହୁ ଓ ପ୍ରଭାକର ପାଣିଗ୍ରାହି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସାନଖେମୁଣ୍ଡି ବିଧାୟକ ହିଞ୍ଜିଳି ବିଧାନ ସଭା କ୍ଷେତ୍ରରେ ଦାଦନ ସମସ୍ୟା, ଲୋକଙ୍କ ସାଧାରଣ ସମସ୍ୟା ପ୍ରତି ଜନ ପ୍ରତିନିଧିଙ୍କ ଅଣଦେଖା ଓ ଗ୍ରାମ୍ୟ ସ୍ୱାସ୍ଥ୍ୟସେବା, ଉନ୍ନୟନ ଓ ଗୋଷ୍ଠୀଗତ ସମସ୍ୟାକୁ ସମାଧାନ କରିବା ପ୍ରତି ଅବହେଳା ଓ ବିଫଳତାକୁ ନେଇ କଟୁ ସମାଲୋଚନା କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଉଭୟ ବ୍ଲକରେ ସକ୍ରିୟ ସଦସ୍ୟଙ୍କୁ ନେଇ ଗୋଟିଏ ଲେଖାଏଁ ପୂର୍ଣ୍ଣକାଳୀନ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଗ୍ରାମବାସୀଙ୍କ ବିଭିନ୍ନ ପ୍ରକାର ସମସ୍ୟାକୁ ତ୍ୱରିତ ସମାଧାନ ପାଇଁ ଯଥା ସମ୍ଭବ ଚେଷ୍ଟା କରିବାକୁ ଛାମୁଆ ନେତାଙ୍କୁ ପରାମର୍ଶ ଦେଇଥିଲେ। ଏହିପରି ଭାବେ ଦଳୀୟ ସଂଗଠନରୁ ଊର୍ଦ୍ଧ୍ୱରେ ରହି ଗଞ୍ଜାମ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ସେବା ଓ ସଂଗଠନ ମାଧ୍ୟମରେ ରାଜନୈତିକ ଭିତ୍ତିଭୂମି ସୁଦୃଢ଼ ଓ ରଣନୀତି ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଏକ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ, ମହିଳା ଓ ଯୁବ ଗୋଷ୍ଠୀ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ସ୍ୱାୟତ୍ତ ଶାସନ ଦିବସ



**ଆସିକା:** ଆସିକା ମୁନସିପାଲଟି ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଭାତ ସମୟରେ ସାରା ସହରରେ ରାମଧୂନ ପରିବେଷଣ କରାଯାଇଥିଲା କାର୍ଯ୍ୟାଳୟରେ ଆସିକା ମୁନସିପାଲଟି ଅଧକ୍ଷାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ତାଲୁକା ଛକ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କ ପୌରହିତରେ ଏକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ଏହି ସଭାରେ ଆସିକା ମୁନସିପାଲଟି ଅଧକ୍ଷା ବିନେତା ସ୍ୱାଇଁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଅନ୍ୟ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ଯୁବନେତା ସତ୍ୟ ନାରାୟଣ ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, ଏନ ଏ ସି କାଉନସିଲର ଲକ୍ଷ୍ମୀ ବେହେରା, ନୀଳିମା ପାତ୍ର, ମମତା ପାତ୍ର, ମଦନ ମୋହନ ନାୟକ, ବାସନ୍ତୀ ପାତ୍ର, ପ୍ରଦୀପ ଗୌଡ଼, ଭାସ୍କର ବେହେରା, ସୁଜାତା ପରିଡା ସମେତ ଅଫିସର ଅଜିତ ପଟ୍ଟନାୟକ, ମାନସୀ ରାଣୀ ସାହୁ, ଦୀପ୍ତି ରାଣୀ ସାହୁ, ପୂର୍ବତନ ଉପାଧକ୍ଷା ରେଣୁବାଳା ରେଡି ପ୍ରମୁଖ ଉପସ୍ଥିତ ଥିଲେ। ସହରକୁ ସରସ ସୁନ୍ଦର ନିମନ୍ତେ ଜନ ସାଧାରଣ ସହଯୋଗ ରହିଲେ ପୁଣି ଆସକା ମୁନସିପାଲଟି ଦେଶ ଏବଂ ରାଜ୍ୟରେ ଶ୍ରେଷ୍ଠ ହେବ ବୋଲି ବହୁ ବକ୍ତା ମତ ରଖିଥିଲେ।

**କାଶୀନଗର:** ଗଜପତି ଜିଲ୍ଲାର ଏକମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦରେ ୫୧ ତମ ସ୍ୱାୟତ୍ତ ଶାସନ ଦିବସ ପରିଷଦର ଅଧକ୍ଷା ଏମ ସୁଧାରଣୀଙ୍କ ଅଧକ୍ଷତାରେ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଜି ତିରୁପତି ରାଓ, ବ୍ଲକ ଅଧକ୍ଷା ବାଲା ସାଇମ୍ମା ବ୍ଲକ ଉପାଧକ୍ଷା ଏସ କଲ୍ୟାଣୀ ମଞ୍ଚାସୀନ ହୋଇ ଥିଲେ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରିବା ପରେ ଫୋରେଷ୍ଟ ଛକ ନିକଟରେ ଥିବା ବିଜୁ ପଟ୍ଟନାୟକ ଖେଳ ଭବନ ସମ୍ମୁଖରେ ସ୍ଥାପନ କରିଥିବା ଗଜପତି ମହାରାଜ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତିଙ୍କ ମୃଣ୍ମୟ ମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ପ୍ରଥମେ କାର୍ଯ୍ୟ ନିର୍ବାହୀ ଅଧିକାରୀ କେ. ଦିବ୍ୟ ରଞ୍ଜନ ପରିଷଦର ବିବରଣୀ ପାଠ କରିଥିଲେ। ମଞ୍ଚାସୀନ ଅତିଥି କାଶୀନଗର ଏନ ଏ ସି ର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତେ



ଏକଜୁଟ କାମ କରିବା ଆବଶ୍ୟକ ରହିଛି ବୋଲି କହିଥିଲେ। ଅଧକ୍ଷା ଖୁବ ଶୀଘ୍ର ଏନ ଏ ସି ର ନିଜସ୍ୱ ଗୃହ ଓ କାଶୀନଗର ବସ ଷ୍ଟାଣ୍ଡ ନିର୍ମାଣ ହେବ ବୋଲି ଅଭିବ୍ୟକ୍ତ କରିଥିଲେ।




**ଜଟଣୀ:** ଜଟଣୀ ପୌର ପରିଷଦ ପକ୍ଷରୁ ପୌର ପାଳିକା କାର୍ଯ୍ୟାଳୟ ପରିସରରେ ୫୪ ତମ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବ ଅବସରରେ ପୌର ପରିଷଦ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ପ୍ରତ୍ୟୁଷରେ ରାମଧୂନ,ଡ଼ାକ୍ତରଖାନାରେ ରୋଗୀଙ୍କୁ ଫଳ ବିତରଣ,ଜାତୀୟ ପତାକା ଉତୋଳନ, ସଭା.ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୌରାଧକ୍ଷ ଅନନ୍ତ ବେହେରା ସଭା ପରିଚାଳନା କରିଥିଲେ । କାଉନସିଲର ଶଶାଙ୍କ ଶେଖର ରାୟ,ବିଷ୍ଣୁ କୁମାର ସାହୁ, ଉପାଧକ୍ଷା ଆରତୀ ରାଉତ, ପି.ୟାରାନା, ଜାଇ ବେହେରା, ଦିଲ୍ଲୀପ କୁମାର ମାର୍ଥା, ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୯୭୪ ପ୍ରଥମ ପାରିଷଦ ବର୍ଗ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରା ଯାଇଥିଲା । ଟାଉନହଲ ଠାରେ ରାଜ୍ୟ ସ୍ତରୀୟ ସ୍ୱାୟତ ଶାସନ ଦିବସର ସିଧା ପ୍ରସାରଣ କରା ଯାଇଥିଲା ।

ଭଦ୍ରକ: ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଭଦ୍ରକରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ଭଦ୍ରକସ୍ଥିତ ସହିଦ ସ୍ମୃତି ଭବନ (ଟାଉନ ହଲ) ପରିସରରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରାୟ ୮୦୦ ଲୋକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି, ଭଦ୍ରକ ପୌରପାଳିକା ଅଧକ୍ଷା ଗୁଲମାକି ଦଲୱାଜୀ ହବିବ ସମ୍ମାନିତ ଅତିଥି, ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ମହାନ୍ତ ଏବଂ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର କହିଥିଲେ ଯେ, ସ୍ୱାୟତ୍ତ ଶାସନ ହେଉଛି ତୃଣମୂଳସ୍ତରରେ ଗଣତନ୍ତ୍ରକୁ ମଜବୁତ କରିବାର ଏକ ମହତ୍ୱପୂର୍ଣ୍ଣ ମାଧ୍ୟମ।






**ଖଣ୍ଡପଡ଼ା:** ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣମଣ୍ଡପ ପରିସରରେ ସ୍ୱାୟତ ଶାସନ ଦିବସ ସୋମବାର ପାଳିତ ହୋଇଯାଇଛି। ଏନଏସି କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନରେ ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ଅଧକ୍ଷତାରେ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏନଏସି ଅଧକ୍ଷା ଆରତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିବା ଅବସରରେ ଅଭିଭାଷଣ ପ୍ରଦାନ କରିଥିଲେ ।ପରବର୍ତ୍ତି ସମୟରେ ଖଣ୍ଡପଡ଼ା ସହରର ମୁଖ୍ୟ ବଜାର ଓ ରଥଗଡା ଛକସ୍ଥିତ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।ଏ ଅବସରରେ ଖଣ୍ଡପଡ଼ା ଉପକାରାଗାରର ଅନ୍ତେବାସୀ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀ ଓ ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା।

**ହିଞ୍ଜିଳିକାଟୁ :** ଏକ ଭବ୍ୟ ସମାରୋହ ଓ ଚିତାକର୍ଷକ ଗଣ ସମାବେଶ ଜରିଆରେ ପୌର ପରିଷଦ,ହିଞ୍ଜିଳିକାଟୁ ପକ୍ଷରୁ ସୋମବାର ପାଳିତ ହୋଇଛି ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉତ୍ସବ। ପୂର୍ବାହ୍ନରେ ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରାଙ୍କ ସଂଯୋଜନାରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୌରାଧକ୍ଷ ସୁବାସ ଚନ୍ଦ୍ର ପୋଲେଇ ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରି ସାମୁହିକ ଭାବେ ଜାତୀୟ ସଙ୍ଗୀତ ଗାନ ହୋଇଥିଲା। ସ୍ୱାୟତ ଶାସନ ଦିବସ ପାଳନର ଆଭିମୁଖ୍ୟ ଓ ପୌରାଞ୍ଚଳରେ ଏହାର ଉତ୍ତରଦାୟିତ୍ୱ ସମ୍ପର୍କରେ ପୌରାଧକ୍ଷ ବକ୍ତବ୍ୟ ରଖିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱଚ୍ଛ ସାଥି, ସୁପରଭାଇଜର, ସଫେଇ ଭାଇ, ଭଉଣୀଙ୍କୁ ନୂତନ ପୋଷାକ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ପୌରାଞ୍ଚଳ ମିନି ଷ୍ଟାଡିୟମ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇଥିଲା। ପୌରାଧକ୍ଷ ସୁବାଷ ଚନ୍ଦ୍ର ପୋଲେଇଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି



ଭାବେ ଉପାଧକ୍ଷା ସୁଚିତ୍ରା ପଣ୍ଡା, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ, ବିଡିଓ ସାଗରୀକା ଷଡ଼ଙ୍ଗୀ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ତହସିଲଦାର ତପନ କୁମାର ମହାପାତ୍ରଙ୍କ ସମେତ ସମସ୍ତ ପାରିଷଦ ମଞ୍ଚାସିନ ଥିଲେ।




**ବେଲଗୁଣ୍ଠା:** ଗଞ୍ଜାମ ଜିଲ୍ଲାର ମନ୍ଦିରମାଳିନୀ ତଥା ପିତ୍ତଳ ମାଛର ସହର ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏନ୍ଏସି କାର୍ଯ୍ୟାଳୟ ଠାରେ ନିର୍ବାହୀ ଅଧିକାରୀ ବିଭୂତିଭୂଷଣ ବେହେରା ପତାକା ଉତ୍ତୋଳନ କରିଥିବା ବେଳେ ନଗରପାଳ ଓ ସମସ୍ତ କାଉନସିଲର ଏନ ଏ ସି ସମ୍ମୁଖରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ମେଡିକାଲକୁ ଯାଇ ସେଠାରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ଏହି ପରିପ୍ରେକ୍ଷୀରେ ପାଖାପାଖି ୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଦୁଇଟି କଲ୍ୟାଣ ମଣ୍ଡପ, ସୁତୁମୁସର ରୋଡ୍ ଛକ ରେ ଥିବା 'ଲକ୍ଷ୍ମୀନାରାୟଣ କଲ୍ୟାଣ ମଣ୍ଡପ' ଏବଂ 'ଶ୍ରୀ ଜଗନ୍ନାଥ କଲ୍ୟାଣ ମଣ୍ଡପ'କୁ ବିଧାୟକ ଶ୍ରୀ ବିଷୋୟୀ ଉଦ୍‌ଘାଟନ କରିଥିଲେ। ସେହିପରି ଏକ ଫେବର ରୋଡକୁ ମଧ ଆଜି ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବ ପରେ ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ବିଧାୟକ ଶ୍ରୀ ବିଷୋୟୀ ପ୍ରଦୀପ ପ୍ରଜ୍ୱଳନ କରି ସାଧାରଣ ସଭା ଆରମ୍ଭ କରିଥିବା ବେଳେ ନଗରପାଳ ଫିରୋଜ କୁମାର ସେଠୀ, ତହସିଲଦାର କଳାକୃଷ୍ଣ ପ୍ରଧାନ, ନିର୍ବାହୀ ଅଧିକାରୀ ବିଭୂତିଭୂଷଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

CMYK

ତିଥି :(ଚତୁର୍ଥୀ): (ଅଶ୍ୱିନୀ ମେଷ)
ଅମୃତ ବେଳା: ରାତ୍ରି ଘ ୭।୫୭ ଗତେ ଘ୧୦।୨୧ ମଧ୍ୟେ

## ଆଜିର ଅନୁଚିନ୍ତନ

ସବୁ କିଛି ପରମାତ୍ମାଙ୍କର ଏପରି ଭାବ ରଖୁଥିବା ମହାତ୍ମା ଦୁର୍ଲଭ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ପୁଣି ଜଳପ୍ରଳୟର ଚେତାବନୀ !

ନେପାଳରେ ସଂଘଟିତ ଜଳପ୍ରଳୟର ବିଭୀଷିକା ସମଗ୍ର ମାନବ ସମାଜ ପାଇଁ ଏକ ଚେତାବନୀ। ଚେତାବନୀ ଏଇଥିପାଇଁ ଯେ ପ୍ରକୃତିର ରହସ୍ୟ ଉପଲବ୍ଧି କରିବା, ବିପର୍ଯ୍ୟୟର ପୂର୍ବାନୁମାନ ଓ ତହିଁର ପ୍ରସ୍ତୁତି ବା ମୁକାବିଲା ଏତେ ସହଜସାଧ୍ୟ ନୁହେଁ। ବିଜ୍ଞାନ ଓ ପ୍ରଯୁକ୍ତିର ନାନାଦି ବିକାଶ ସତ୍ତ୍ୱେ ପ୍ରକୃତି ସହିତ ମଣିଷର ସହବସ୍ଥାନ ସମନ୍ୱୟ ଆଧାରରେ ହେବା ଆବଶ୍ୟକ। ଏ ସଂପର୍କରେ ମଣିଷ ଜାଣି ସୁଦ୍ଧା ଅଜଣା ହୋଇ ରହିବା ଏକ ବିରୋଧାଭାସ ବୋଲି କୁହାଯିବ। ନେପାଳରେ ହୋଇଥିବା ଜଳପ୍ରଳୟର ପ୍ରାୟ ୩ ମାସ ପୂର୍ବେ ନେପାଳ ଓ ଚୀନର ବିଶେଷଜ୍ଞମାନେ ବନ୍ୟା, ପାଣିପାଗ ଓ ହିମବାହ ସଂକ୍ରାନ୍ତ ବିପଦକୁ ନିରୀକ୍ଷଣ ବା ଆକଳନ କରିବା ତଥା ମୁକାବିଲା ଲାଗି ସହଯୋଗକୁ ସୁଦୃଢ଼ କରିବା ନିମନ୍ତେ ଏକ ବୈଠକରେ ଏକାଠି ହୋଇଥିଲେ। କୁହାଯାଉଛି ଯେ ହିମବାହ ଓ ଜଳସ୍ତର ସଂକ୍ରାନ୍ତ ଆଶଙ୍କା ସମ୍ବନ୍ଧିତ ଯଥେଷ୍ଟ ସୂଚନା ନେପାଳ କର୍ତ୍ତୃପକ୍ଷଙ୍କୁ ମିଳିନଥିଲା। ଏକ ଗଣମାଧ୍ୟମରେ ଏପରି ଖବର ନିକଟରେ କୁହାଯାଇଛି।ବାସ୍ତବରେ ଯଦି ଏହା ,ତେବେ ଚୀନ ଛଳନା କରିଛି ବୋଲି ବୁଝାଯିବ।

ସଂପ୍ରତି ଭୂ-ରାଜନୈତିକ ବିଶେଷଜ୍ଞମାନେ ଉଲ୍ଲେଖ କରିଛନ୍ତି ତିବ୍ବତୀୟ ମାଳଭୂମି ରଣନୀତିକ ଦୃଷ୍ଟିରୁ ସମ୍ବେଦନ ଥିବା ହେତୁ ଚୀନ ଏଠାରୁ ଜଳବିଦ୍ୟୁତ୍ ସମ୍ବନ୍ଧିତ ତଥା ହିମବାହ ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରିଥାଏ। ଭାଙ୍ଗି ପଡ଼ିଥିବା ହିମବାହ ସଂକ୍ରାନ୍ତରେ ତିବ୍ବତର ପ୍ରବାହିତ ଅଂଶକୁ ଅନୁଧ୍ୟାନ କରିବା ଲାଗି ମୁକ୍ତବୃତ୍ତ ସାମ୍ବାଦିକଙ୍କ ଉପରେ ରୋକ୍ ଲଗାଯାଇଛି। ଏହି ରୋକ୍‌ରୁ ଚୀନର କିଛି ଭିତିରି ରହସ୍ୟ ରହିଥିବା ଅନୁମାନକୁ ଦୃଢ଼ କରୁଛି। ଲେହେଣ୍ଡ ନଦୀ ପ୍ରଣାଳୀରେ ପ୍ରାୟ ୨.୫ ନିୟୁତ କ୍ୟୁବିକ୍ ମିଟର ଜଳ ଗଚ୍ଛିତ ରହିଛି ଏବଂ ଏହାର ସ୍ଥିତି ସଂକଟାପନ୍ନ ଥିବା ବିଷୟ ଚୀନ କର୍ତ୍ତୃପକ୍ଷ ନିକଟରେ ସୂଚାଇଲେ। ଏପରି ସୂଚନା ହୁଏତ ଦ୍ୱିତୀୟ ବିଭୀଷିକା ଯେକୌଣସି ମୁହୂର୍ତ୍ତରେ ହୋଇପାରେ ଏପରି ଦିଗକୁ ନିର୍ଦ୍ଦେଶିତ କରୁଛି ବୋଲି କୁହାଯାଇପାରେ। ଅବଶ୍ୟ ଉଭୟ ରାଷ୍ଟ୍ର ଉପଗ୍ରହ ଓ ଡ୍ରୋନ ଯୋଗେ ସମ୍ବେଦନଶୀଳ ନଦୀ ଓ ଆନୁଷଙ୍ଗିକ ଅଞ୍ଚଳରେ ଜଳସ୍ତର ନିୟମିତ ଭାବରେ ଅନୁଧ୍ୟାନ କରୁଛନ୍ତି। କୁହାଯାଉଛି ଯେ ଏବର ଜଳପ୍ରଳୟ ସଂକ୍ରାନ୍ତ ବିପଦ ନେଇ ଚୀନକୁ ପୂର୍ବରୁ ଜଣାଥିଲା ଓ ସତର୍କ ସୂଚନା ଠିକଣା ସମୟରେ ଦେବାରେ ବିଳମ୍ବ କରିଥିଲା। ଏହା କେତେ ଦୂର ସତ ସେ ସଂକ୍ରାନ୍ତ ବିଶେଷ ଅନୁଧ୍ୟାନ କରାଯିବା ଆବଶ୍ୟକ। ତେବେ ସମାଲୋଚକଙ୍କ କହିବା କଥା ତିବ୍ବତୀୟ ମାଳଭୂମି ଅଞ୍ଚଳରେ ଚୀନ ବ୍ୟାପକ ଭାବରେ ହାଇଡ୍ରୋ ପାୱାର ଡ୍ୟାମ ଓ ମେଗା ଇନ୍‌ଫ୍ରାଷ୍ଟ୍ରକଚ୍‌ର ଆଧାରିତ ପ୍ରକଳ୍ପ ନିର୍ମାଣ କରୁଛି। ଯାହାଦ୍ୱାରା ନଦୀଗୁଡ଼ିକର ପ୍ରାକୃତିକ ପ୍ରବହମାନତାରେ ବାଧା ସୃଷ୍ଟି ହେଉଛି। ଏହା ସାଙ୍ଗକୁ ପାର୍ବତୀୟ ଅଞ୍ଚଳଗୁଡ଼ିକୁ ଘେରି ରହିଥିବା ବିଭିନ୍ନ ସ୍ତର ପାରିପାର୍ଶ୍ୱିକ ବିଶୃଙ୍ଖଳାର କାରଣ ସାଜୁଛି। ସଦ୍ୟ ଜଳପ୍ରଳୟ ଏହା ମଧ୍ୟ ସୂଚାଇ ଦିଏ ଚୀନ ପକ୍ଷରୁ ୟାରୁଙ୍ଗ ସାଙ୍ଗକୁ ବା ବ୍ରହ୍ମପୁତ୍ର ନଦୀରେ ସୁପରଡ୍ୟାମ ନିର୍ମାଣ ସମେତ ଅନ୍ୟାନ୍ୟ ନିର୍ମାଣ ଜାରି ରଖିଥିବା କାରଣରୁ ଏହା ପୁନଃ ଜଳପ୍ରଳୟ ଚେତାବନୀ ରଖେ। ବରଫ ଅତଡ଼ା ଓ ପଥର ଖଣ୍ଡ ଧସି ଯଦି କୃତ୍ରିମ ଜଳଭଣ୍ଡାର ଉପରେ ପଡ଼େ ତେବେ ତାହାର ପରିଣାମ ଗମ୍ଭୀର ହୋଇପାରେ। ସୁନାମୀ ତୁଲ୍ୟ ଢେଉ ସୃଷ୍ଟି କରି ଭାରତ ଓ ବାଂଲାଦେଶର ବ୍ୟାପକ ଅଞ୍ଚଳରେ ନିୟୁତ ନିୟୁତ ଲୋକଙ୍କ ପ୍ରାଣହାନିର କାରଣ ସାଜିପାରେ। ସୁତରାଂ ସଦ୍ୟ ଜଳପ୍ରଳୟ ପଛର କାରଣ ବା ଉତ୍ସ ଚିହ୍ନଟ ବିଜ୍ଞାନ ଓ ପ୍ରଯୁକ୍ତି ଆଧାରରେ ଯେତିକି ଆବଶ୍ୟକ ତାହା ଆଧାରରେ ଆଗକୁ ଚୀନ ଆଖପାଖ ରାଷ୍ଟ୍ରଗୁଡ଼ିକ ପକ୍ଷେ ସତର୍କତା ଅବଲମ୍ବନ ସେତିକି ଅପରିହାର୍ଯ୍ୟ ନିଶ୍ଚୟ।

# ପ୍ରଥମେ ନିଟ୍-ୟୁଜି ପରେ ୟୁଜିସି-ନେଟ୍,ଆଗକୁ କ'ଣ ?

**ଡ. ପ୍ରମୋଦ କୁମାର ପଣ୍ଡା**

> **ଗତ ଦୁଇବର୍ଷ ଭିତରେ ଏନଟିଏ ଆୟୋଜିତ ନଅ ଗୋଟି ପରୀକ୍ଷାରେ ବିଭ୍ରାଟ ପରିଲକ୍ଷିତ ହୋଇଛି। ୨୦୨୪ ମସିହାରେ ପାଞ୍ଚଟି ଏବଂ ୨୦୨୫ ମସିହାରେ ଚାରୋଟି। ସେମାନଙ୍କ ମଧ୍ୟରୁ ୨୦୨୪ ମସିହାର ୟୁଜିସି ନେଟ ଜଏଣ୍ଟ ସିଏସଆଇଆର, ସିୟୁଇଟି - ୟୁଜି, ନିଟ୍, ପିଜି ଏବଂ ୨୦୨୫ ମସିହାର ଜେଇ ମେନ୍ସ ଓ ସିୟୁଇଟି - ୟୁଜି ଅନ୍ତର୍ଭୁକ୍ତ। ଚଳିତ ବର୍ଷ ନିଟ୍ ୟୁଜି ଏବଂ ୟୁଜିସି ନେଟର ତିନିଗୋଟି ବିଷୟରେ ବିଭ୍ରାଟ ଦେଖିବାକୁ ମିଳିଛି।**

୨୦୧୭ ମସିହାରେ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ କ୍ରମେ ଏନଟିଏ(ନେସନାଲ ଟେଷ୍ଟିଙ୍ଗ ଏଜେନ୍ସି)ର ସୃଷ୍ଟି। ଡାକ୍ତରୀ, ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଫାର୍ମାସୀ, ଗବେଷଣା ଆଦି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପଢ଼ିବାକୁ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା ପରିଚାଳନା ଏହି ସଂସ୍ଥାର ଦାୟିତ୍ୱ। ପ୍ରଶ୍ନପତ୍ର ପ୍ରସ୍ତୁତିରୁ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ସବୁ କିଛି ଏହି ସଂସ୍ଥା ବୁଝିଥାଏ। କିନ୍ତୁ ଉକ୍ତ ଉଚ୍ଚକ୍ଷମତା ସମ୍ପନ୍ନ ସ୍ୱୟଂଶାସିତ ସଂସ୍ଥା ତାର ମୌଳିକ କର୍ତ୍ତବ୍ୟ ସମ୍ପାଦନରେ ଫେଲ ମାରିଛି। ଯଥା ସମୟରେ ପରୀକ୍ଷା ଅନୁଷ୍ଠିତ କରିପାରିନାହିଁ। ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ଫଳ ପ୍ରକାଶନରେ ଅହେତୁକ ବିଳମ୍ବ ଘଟିଛି। ପରିଚାଳନଗତ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଛି। ବିଭିନ୍ନ ପରୀକ୍ଷା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରଦ୍ଦ କିମ୍ବା ବାତିଲ ହୋଇଛି। ପ୍ରଶ୍ନପତ୍ର ପ୍ରସ୍ତୁତିରେ ଭୁଲଭାଲ ହୋଇଛି। ପରୀକ୍ଷା ବିଭ୍ରାଟ ଯୋଗୁଁ ଲକ୍ଷ ଲକ୍ଷ ପରୀକ୍ଷାର୍ଥୀ ମାନସିକ ଚାପଗ୍ରସ୍ତ। ବର୍ଷବର୍ଷର ନିରନ୍ତର ଓ ଅକ୍ଳାନ୍ତ ପରିଶ୍ରମ ପରେ ପରିଶେଷରେ ତାଙ୍କୁ ନିରାଶ ହେବାକୁ ପଡୁଛି। ଚିନ୍ତା ବଢୁଛି। ମନୋବଳ ଭାଙ୍ଗୁଛି। ଆଶା କ୍ଷୀଣ ହେଉଛି। ବିଶ୍ୱାସ ତୁଟୁଛି। ଅନେକ ଜୀବନ ହାରୁଛନ୍ତି, ଆତ୍ମହତ୍ୟା କରୁଛନ୍ତି। ଥରେ ଅଧେ ପରୀକ୍ଷା ଠିକ ଭାବେ ଅନୁଷ୍ଠିତ ହେବା ପରେ ପୁରୁଣା ଭୁଲର ପୁନରାବୃତ୍ତି ଘଟୁଛି। ଛାତ୍ରଛାତ୍ରୀ ହନ୍ତସନ୍ତ ହେଉଛନ୍ତି। ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପୁନଃ ପାଠପଢ଼ା, ପରିଶ୍ରମ, ପ୍ରସ୍ତୁତି, ମାନସିକ ଚାପ ଓ ପୁନଃ ପରୀକ୍ଷା ମଧ୍ୟରେ ପେଶି ହେଉଛନ୍ତି। ଦିଲ୍ଲୀରୁ ରାଞ୍ଚି ହେଉ ଅବା ଲକ୍ଷ୍ନୌରୁ ଜୟପୁର, ଯନ୍ତର ମନ୍ତର ହେଉ କିମ୍ବା ଜୟପାଳ ସିଂ ମୁଣ୍ଡା ଷ୍ଟାଡିଅମ, ସଂସଦ ଭବନ ମାର୍ଚ୍ଚ ହେଉ କିମ୍ବା ବିଧାନସଭା ଘେରାଉ ଅବା ହେଉ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଆବାସ ଆଗରେ ଧାରଣା, ସବୁଠି ସମାନ ଅବସ୍ଥା, ସମାନ ଆଚରଣ, ସମାନ ପରିସ୍ଥିତି।

ପରୀକ୍ଷା ପରିଚାଳନାରେ ସଂସ୍କାର, ନିଟ୍ ୟୁଜି ୨୦୨୬ ପରୀକ୍ଷା ବାତିଲ ଯୋଗୁଁ ଆତ୍ମହତ୍ୟା କରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପରିବାରକୁ ଏକ କୋଟି ଲେଖାଏଁ କ୍ଷତିପୂରଣ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଜେନ - ଜେଡ ଯୁବଗୋଷ୍ଠୀ ଜୁନ ୨୦ ରୁ ୩୬ ଦିନ ବିକ୍ଷୋଭ କରିଥିଲେ। ଜୁଲାଇ ୨୫, ୨୦୨୬ ରେ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସହ ଏହାର ସମାପ୍ତି ଘଟିଛି। ପରୀକ୍ଷା ରଦ୍ଦ ହୋଇ ପୁନଃପରୀକ୍ଷା ହୋଇଛି। ସିବିଆଇ ତଦନ୍ତ କରିଛି। ଅଭିଯୁକ୍ତମାନେ ଗିରଫ୍ ହୋଇ ଜେଲରେ ଅଛନ୍ତି। ଏନଟିଏ ର ୪୭ ଜଣ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଫାଷ୍ଟ ଟ୍ରାକ୍ କୋର୍ଟ ଗଠନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଛନ୍ତି। ନନ୍ଦନ ନିଲକାନି, ଇନ୍‌ଫୋସିସର ସହ-ସଂସ୍ଥାପକଙ୍କ ଅଧ୍ୟକ୍ଷତାରେ ଛଅ ଜାଣିଆ ଉଚ୍ଚକ୍ଷମତା ସମ୍ପନ୍ନ ଟାସ୍କ ଫୋର୍ସ ଗଠିତ ହୋଇଛି। ସଂସଦରେ ସାଧାରଣ ପରୀକ୍ଷା (ଅନୁଚିତ ସାଧନ ନିବାରଣ) ସଂଶୋଧନ, କାନୁନ୍, ୨୦୨୬ ପାରିତ ହୋଇଛି। ଦଣ୍ଡ ବିଧାନ, ଉଭୟ ଜେଲ ଏବଂ ଜୋରିମାନାକୁ, କଠୋର କରାଯାଇଛି। ଏହା ସତ୍ତ୍ୱେ ଏନଟିଏ ବା ଏନଟିଏ ପରିଚାଳିତ ପରୀକ୍ଷାରେ ସୁଧାର ଆସିନାହିଁ। ଉନ୍ନତି ହୋଇନାହିଁ।

ନେସନାଲ ଟେଷ୍ଟିଙ୍ଗ ଏଜେନ୍ସି, ଏନଟିଏ ୮୭ ଗୋଟି ବିଷୟରେ ୟୁଜିସି ନେଟ୍ ପରୀକ୍ଷା ଜାତୀୟ ସ୍ତରରେ ଆୟୋଜନ କରାଇଥାଏ। ଜୁନିଅର ରିସର୍ଚ୍ଚ ଫେଲୋ, ଜେଆରଏଫ୍, ବିଦ୍ୟା ବାଚସ୍ପତି, ପିଏଚଡ଼ି ପାତ୍ରତା ଓ ମହାବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟରେ ସହାୟକ ପ୍ରଫେସର ପଦବୀ ପାଇଁ ଏହି ପରୀକ୍ଷା ଉଦ୍ଦିଷ୍ଟ। ଜୁନ ୨୨ ୨୦୨୬ ରୁ ଜୁନ ୩୦, ୨୦୨୬ ମଧ୍ୟରେ ଆୟୋଜିତ ହୋଇଥିବା ଏହି ପରୀକ୍ଷାର ୯.୯୬ ଲକ୍ଷ ପ୍ରାର୍ଥୀ ବସିଥିଲେ। ତିନିଗୋଟି ବିଷୟ - ଇଂରାଜୀ, ବାଣିଜ୍ୟ ଓ ସମାଜବିଜ୍ଞାନ ପ୍ରଶ୍ନପତ୍ରରେ ତଥ୍ୟାତ୍ମକ, ମୁଦ୍ରଣଜନିତ, ଅନୁବାଦ ଏବଂ ବ୍ୟାକରଣଗତ ତ୍ରୁଟି ପରିଲକ୍ଷିତ ହୋଇଛି। ପୂର୍ବବର୍ଷର ଅନେକ ପ୍ରଶ୍ନର ପୁନରାବୃତ୍ତି ହୋଇଛି। ଏପରିକି ବିଦ୍ୱାନମାନଙ୍କ ନାମରେ ବନାନ ଭୁଲ ଭଳି ସଂଗୀନ ଅସଙ୍ଗତି ରହିଥିଲା। ଏହି ତିନିଗୋଟି ବିଷୟରେ ୧.୫୭ ଲକ୍ଷ ପିଲା ପରୀକ୍ଷା ଦେଇଥିଲେ। ଅଗଷ୍ଟ ୧୬, ୨୦୨୬ ରେ ଏହି ତିନିଗୋଟି ବିଷୟରେ ପୁନଃ ପରୀକ୍ଷା ହେବ ବୋଲି ଘୋଷଣା କରାଯାଇଅଛି। ସେପ୍ଟେମ୍ବର ୦୯, ୨୦୨୬ ରେ ଇଂରାଜୀ ଓ ବାଣିଜ୍ୟ ଏବଂ ସେପ୍ଟେମ୍ବର ୧୦, ୨୦୨୬ ରେ ସମାଜବିଜ୍ଞାନ ପରୀକ୍ଷା ହେବ। ପିଲାଏ ପୁଣି ମାନସିକ ଚାପରେ। ପୁନଃ ପରୀକ୍ଷା ପାଇଁ ପ୍ରସ୍ତୁତି ପଥରେ। ତାଙ୍କଠାରୁ ଅତିରିକ୍ତ ଫି' ଆଦାୟ ହେବନାହିଁ କହି ସତେ ଯେମିତି ଏନଟିଏ ପିଲାଙ୍କ ଉପରେ ଦୟା କରୁଛି।

ଗତ ଦୁଇବର୍ଷ ଭିତରେ ଏନଟିଏ ଆୟୋଜିତ ନଅ ଗୋଟି ପରୀକ୍ଷାରେ ବିଭ୍ରାଟ ପରିଲକ୍ଷିତ ହୋଇଛି। ୨୦୨୪ ମସିହାରେ ପାଞ୍ଚଟି ଏବଂ ୨୦୨୫ ମସିହାରେ ଚାରୋଟି। ସେମାନଙ୍କ ମଧ୍ୟରୁ ୨୦୨୪ ମସିହାର ୟୁଜିସି ନେଟ ଜଏଣ୍ଟ ସିଏସଆଇଆର, ସିୟୁଇଟି - ୟୁଜି, ନିଟ୍, ପିଜି ଏବଂ ୨୦୨୫ ମସିହାର ଜେଇ ମେନ୍ସ ଓ ସିୟୁଇଟି - ୟୁଜି ଅନ୍ତର୍ଭୁକ୍ତ। ଚଳିତ ବର୍ଷ ନିଟ୍ ୟୁଜି ଏବଂ ୟୁଜିସି ନେଟର ତିନିଗୋଟି ବିଷୟରେ ବିଭ୍ରାଟ ଦେଖିବାକୁ ମିଳିଛି। ୨୦୨୪ ନିଟ୍, ପିଜି ପ୍ରବେଶିକା ପରୀକ୍ଷାର ଅସଙ୍ଗତିକୁ ଦୃଷ୍ଟିରେ ରଖି ସରକାର ଇସ୍ରୋ ପୂର୍ବତନ ଅଧ୍ୟକ୍ଷ ଡ଼କ୍ଟର କେ. ରାଧାକୃଷ୍ଣନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଉକ୍ତ କମିଟି ସରକାରଙ୍କୁ ପରୀକ୍ଷା ସଂସ୍କାର ପାଇଁ ୧୦୧ ଗୋଟି ବହୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ୨୦୨୬ ନିଟ୍, ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲା ଯେତେବେଳେ ସୁପ୍ରିମ କୋର୍ଟକୁ ଯାଇଥିଲା କମିଟିର ଅଧ୍ୟକ୍ଷଙ୍କୁ ବ୍ୟକ୍ତିଗତ ହଜାର ହୋଇ କମିଟି ପ୍ରଦାନ କରିଥିବା ପରାମର୍ଶ ସମ୍ପର୍କରେ ମାନ୍ୟବର ଅଦାଲତଙ୍କୁ ବୁଝାଇବା ପର୍ଯ୍ୟନ୍ତ କଥା ଯାଇଥିଲା।

ନିଟ୍, ୟୁଜି, ୨୦୨୬ ପରୀକ୍ଷା ମେ ୩, ୨୦୨୬ ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୨ ଲକ୍ଷରୁ ଅଧିକ ପିଲା ବସିଥିଲେ। ପ୍ରଶ୍ନପତ୍ର ଲିକ୍ କାରଣରୁ ଏହି ପରୀକ୍ଷାକୁ ମେ ୧୨ ତାରିଖ ରଦ୍ଦ ଘୋଷଣା କରାଯାଇଥିଲା। ଜୁନ, ୨୧, ୨୦୨୬କୁ ଏହାର ପୁନଃ ପରୀକ୍ଷା ତାରିଖ ଧାର୍ଯ୍ୟ ହୋଇଥିଲା। ଦେଶ ସେତେବେଳେ ଉଠୁଥିଲା ପଡୁଥିଲା। ଇତି ମଧ୍ୟରେ ପରୀକ୍ଷାରେ ପାରଦର୍ଶିତା ଆଣିବାକୁ ସରକାରୀ ସ୍ତରରେ ଅନେକ ପ୍ରୟାସ କରାଯାଛି। ପଦକ୍ଷେପ ନିଆଯାଇଛି। କିନ୍ତୁ ଦୁଃଖର କଥା ମାତ୍ର ଦୁଇମାସ ଅନ୍ତରରେ ଏନଟିଏ ପରିଚାଳିତ ଆଉ ଏକ ପରୀକ୍ଷାର ପୁନଃ ପରୀକ୍ଷା ହେବାକୁ ଯାଉଛି ଯେଉଁଥିରେ ଲକ୍ଷାଧିକ ଛାତ୍ରଛାତ୍ରୀ ପୁଣି ଥରେ ବସିବେ। ପରୀକ୍ଷା ଦେବେ। କେନ୍ଦ୍ରୀୟ ଲୋକ ସେବା ଆୟୋଗ ଦ୍ୱାରା ଅନୁଷ୍ଠିତ ସିଭିଲ ସର୍ଭିସେସ୍ ପରୀକ୍ଷାରେ ସାଧାରଣତଃ ପେପର ଲିକ୍ କିମ୍ବା ବଡ଼ ଧରଣର ଅବ୍ୟବସ୍ଥା ଦେଖାଯାଇନଥାଏ। କାରଣ ସେମାନଙ୍କ ଦାୟିତ୍ୱବୋଧ। ସ୍ୱାଧୀନ ଅଥଚ ଅତ୍ୟନ୍ତ କଠୋର ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ଶୈଳୀ, ସଠିକ୍ ଯୋଜନା, ସରକାରୀ ଭିତ୍ତିଭୂମିର ସର୍ବାଧିକ ବ୍ୟବହାର ଏବଂ ପ୍ରାଇଭେଟ୍ ସଂସ୍ଥାର ଶୂନ୍ୟ ହସ୍ତକ୍ଷେପ ଇତ୍ୟାଦି।

ପରୀକ୍ଷାର ପରିଚାଳନାଗତ ଅବ୍ୟବସ୍ଥା, ପ୍ରଶ୍ନପତ୍ର ଲିକ୍ ଏବଂ ଦୁର୍ନୀତିକୁ ରୋକିବା ପାଇଁ ଏକ ସୁଦୃଢ଼, ସ୍ୱଚ୍ଛ, ପାରଦର୍ଶୀ ଏବଂ ଆଧୁନିକ ବ୍ୟବସ୍ଥାର ଆବଶ୍ୟକତା ରହିଛି। ପରୀକ୍ଷା ପ୍ରଣାଳୀକୁ ସମ୍ପୂର୍ଣ୍ଣ ସୁରକ୍ଷିତ କରିବାକୁ ପାରମ୍ପରିକ କାଗଜ ପ୍ରଶ୍ନପତ୍ର ପରିବର୍ତ୍ତେ ପରୀକ୍ଷା ଆରମ୍ଭ ହେବାର ଅଳ୍ପ ସମୟ ପୂର୍ବରୁ କେନ୍ଦ୍ରଗୁଡ଼ିକୁ ଏନକ୍ରିପ୍ଟେଡ୍ ଡିଜିଟାଲ୍ ପ୍ରଶ୍ନପତ୍ର ପଠାଯିବା ଉଚିତ। ପ୍ରଶ୍ନପତ୍ର ପ୍ରସ୍ତୁତିରୁ ବିତରଣ ଯାଏ ସମସ୍ତ ପ୍ରକ୍ରିୟାକୁ ବ୍ଲକଚେନ୍ ପଦ୍ଧତିରେ ଟ୍ରାକ କରି ସୁରକ୍ଷିତ କରାଯାଇପାରିବ। କେନ୍ଦ୍ରଗୁଡ଼ିକରେ କପି ବା ଅସଦୁପାୟ ରୋକିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା - ଚାଳିତ ସିସିଟିଭି ମାଧ୍ୟମରେ ନଜର ରଖାଯାଇପାରିବ। ସୁରକ୍ଷା ଦୃଷ୍ଟିରୁ ଘରୋଇ କଲେଜ କିମ୍ବା କମ୍ପ୍ୟୁଟର ସେଣ୍ଟର ପରିବର୍ତ୍ତେ ସରକାରୀ ବିଶ୍ୱବିଦ୍ୟାଳୟ, କଲେଜ କିମ୍ବା କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକୁ ପରୀକ୍ଷା କେନ୍ଦ୍ର ପାଇଁ ପ୍ରାଥମିକତା ପ୍ରଦାନ କରିବା ଭଲ। କେନ୍ଦ୍ର ଭିତରକୁ ପ୍ରବେଶ ବେଳେ ଆଧାର - ଭିତ୍ତିକ ବାୟୋମେଟ୍ରିକ ଏବଂ ଫେସିଆଲ୍ ଚିହ୍ନଟ ବାଧ୍ୟତାମୂଳକ ହେଲେ ନକଲି ପରୀକ୍ଷାର୍ଥୀ ସହଜରେ ଚିହ୍ନଟ ହୋଇପାରିବେ। ସବୁ ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ଏବଂ ନେଟୱର୍କ ଜାମର୍ ଲାଗିଲେ ବ୍ଲୁଟୁଥ୍ ଅଥବା ଅନ୍ୟାନ୍ୟ ଇଲେକ୍ଟ୍ରୋନିକ ଗ୍ୟାଜେଟ୍ ମାଧ୍ୟମରେ ହେଉଥିବା ଚୋରି ରୋକିହେବ। ପ୍ରଶ୍ନପତ୍ର ପ୍ରଘଟ କିମ୍ବା ଦୁର୍ନୀତିରେ ଲିପ୍ତ ଆରୋପି ବ୍ୟକ୍ତି, ସଂସ୍ଥା କିମ୍ବା କୋଚିଂ ସେଣ୍ଟର ବିରୋଧରେ ନୂତନ ସାଧାରଣ ପରୀକ୍ଷା ଆଇନ ଅନୁଯାୟୀ କୋଟିଏ ଟଙ୍କା ଜରିମାନା ସହ ଆଜୀବନ ଜେଲ ଦଣ୍ଡ ବ୍ୟବସ୍ଥା ରହିଲେ ଲୋକେ ଭୟଭୀତ ହେବେ। ଦୁର୍ନୀତି କରିବାକୁ ସାହସ କରିବେନାହିଁ। କୌଣସି ପରୀକ୍ଷା କେନ୍ଦ୍ରରେ ଗଡ଼ବଡ଼ ହେଲେ ସେଠାକାର ନୋଡାଲ ଅଫିସର ଓ ଅନ୍ୟ କର୍ମଚାରୀଙ୍କୁ ଦାୟୀ କରି ସିଧାସଳଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଏନ୍‌ଟିଏ ଏବଂ ଅନ୍ୟାନ୍ୟ ପରୀକ୍ଷା ପରିଚାଳନା ସଂସ୍ଥାଗୁଡ଼ିକରେ କେବଳ ଦକ୍ଷ ଏବଂ ସ୍ୱଚ୍ଛ ଭାବମୂର୍ତ୍ତି ସମ୍ପନ୍ନ ବିଶେଷଜ୍ଞମାନଙ୍କୁ ନିଯୁକ୍ତ କରିବା ବାଞ୍ଛନୀୟ। ଏଥିପାଇଁ ଏକ ଏସଓପି କାର୍ଯ୍ୟକାରୀ ହେବା ଉଚିତ୍।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨୮୩୧୯୦

# ଭଲ କାମ କର ଓ ସମସ୍ତଙ୍କ ଭିତରେ ଭଲ କାର୍ଯ୍ୟକୁ ଦେଖ

**ଅନୀତା ପଟ୍ଟନାୟକ**

ଆଇନ ବିଦ୍ୟାଳୟରୁ, ଆଇନଗତ ଯୋଗ୍ୟତା ହାସଲ କରିବା ପରେ ଭଲ ଓକିଲାତି ଶିକ୍ଷା କରିବାକୁ ହେଲେ ଜଣେ ବରିଷ୍ଠ ଓକିଲଙ୍କ ନିକଟରେ କିଛି ଦିନ କାର୍ଯ୍ୟ କରିବାକୁ ପଡ଼ିଥାଏ। ସେହିପରି ଘଟିଥିଲା ରାମେଶ୍ୱର ବାବୁଙ୍କ ନିକଟରେ। ସେ ଓକିଲାତିରେ ଯୋଗ ଦେବା ସମୟରେ ବରିଷ୍ଠ ଓକିଲ ରାମେଶ୍ୱର ବାବୁଙ୍କୁ ମଜାରେ କହିଥିଲେ ଯେ ଆଇନକୁ ନିଜ ସପକ୍ଷରେ ବାଢ଼ିପାରେ, ସେହିଁ ଜଣେ ଆଇନଜ୍ଞ କିନ୍ତୁ ଆଇନକୁ ପ୍ରୟୋଗ କରିବା ପୂର୍ବରୁ ଘଟଣା ଉପରେ ତୁମର ସଂପୂର୍ଣ୍ଣ ଦଖଲ ରହିବା ଦରକାର। ଏହାକୁ ଇଂରାଜୀରେ "Marshalling of facts' କୁହାଯାଏ। ରାମେଶ୍ୱର ବାବୁ ଏହାକୁ ବେଦର ଗାର ବୋଲି ମାନି ଚାଲିଲେ ଓ ନିଜକୁ ସହରର ଜଣେ ପ୍ରତିଷ୍ଠିତ ଓକିଲ ଭାବେ ପ୍ରତିପାଦିତ କରିପାରିଲେ।

ଦିନ ଗଡ଼ିଚାଲିଲା, ସେ ତାଙ୍କର ଜଣେ ବନ୍ଧୁ, ଆଶ୍ରୟ ବାବୁଙ୍କୁ ଭେଟିଲେ। ତାଙ୍କ ଘରେ ଜଣେ ସାଧୁଙ୍କର ଫଟୋ ଦେଖି ତାଙ୍କର ଆଶ୍ରମ କେଉଁଠାରେ ବୁଝିଲେ। କଥା ଛଳରେ ରାମେଶ୍ୱର ବାବୁ କହିଲେ ତୁମର ଏ ସାଧୁବାବା ପ୍ରେମର ସମୁଦ୍ର ପରି ଦିଶୁଛନ୍ତି। ସଙ୍ଗେ ସଙ୍ଗେ ଆଶ୍ରୟ ବାବୁ କହିଲେ ତୁମେ ମୋର ଆରାଧ୍ୟଙ୍କୁ ସମୁଦ୍ର ସହିତ କାହିଁକି ତୁଳନା କରୁଛ, ସେ ତ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ। ଏହି ପଦିଏ କଥାରୁ ଓକିଲ ରାମେଶ୍ୱରବାବୁ ଜାଣିପାରିଲେ ଆଶ୍ରୟ ବାବୁ ସାଧୁଙ୍କ ଠାରୁ ସବୁ ଭଲ କଥା ଶିଖିଛନ୍ତି। ସେ ତାଙ୍କ ଠାରୁ ଆଉ ମଧ୍ୟ ଜାଣିବାକୁ ପାଇଲେ ମହାନ ସାଧୁଙ୍କର ଏହି ସହରରେ ଗୋଟିଏ ସେବାକେନ୍ଦ୍ର ଖୋଲାଯାଇଛି। କିଛି ଦିନ ଯିବା ପରେ ରାମେଶ୍ୱର ବାବୁ ଜାଣିପାରିଲେ ମହାନ ସାଧୁ କହିଥିବା କଥା ଗୁଡ଼ାକ ତାଙ୍କର ବନ୍ଧୁ ଓ ଏହି ସହରରେ ଥିବା ଭକ୍ତମାନେ ତାଙ୍କର ଉପଦେଶ ଗୁଡ଼ିକୁ ସଠିକ ଭାବରେ ହୃଦୟଙ୍ଗମ ନକରି ଘଟଣାବଳୀଗୁଡ଼ିକୁ ଠିକ୍ ଭାବରେ ନ ବୁଝି ଯିଏ ଯେତେବେଳେ ପାରିଲା ସାଧୁଙ୍କର ମହତବାଣୀ ଗୁଡ଼ିକୁ ନିଜ ସପକ୍ଷରେ ବାଢୁଛନ୍ତି। ଅପରପକ୍ଷରେ କହିବାକୁ ଗଲେ ମହତ୍‌ବାଣୀ ଗୁଡ଼ିକର ପ୍ରୟୋଗ ଭକ୍ତମାନଙ୍କ ମଧ୍ୟରେ ଆଦୌ ନ ଥିଲା ଭଳି ଜଣା ପଡୁଥିଲା। ଏହାର ଏକ ଜ୍ୱଳନ୍ତ ଉଦାହରଣ ଥିଲା ଯେ ସାଧୁଙ୍କ ଭକ୍ତମାନେ ସାଧୁଙ୍କୁ ଭଲ ପାଉଥିବା ଓ ପୂଜା କରୁଥିବାର ଡିଣ୍ଡିମି ପିଟୁଥିଲେ ମଧ୍ୟ କାର୍ଯ୍ୟ ବ୍ୟସ୍ତତାର ଆଳ ଦେଖାଇ ନିଜ ନିଜ ମଧ୍ୟରେ ଚାନ୍ଦା ଆଦାୟ କରି ଜଣେ ପୂଜକ ରଖିଥିଲେ ଓ ତାକୁ ମାସିକ ତିନିହଜାର ଟଙ୍କା ବେତନ ଦେଉଥିଲେ। ରାମେଶ୍ୱର ବାବୁ ପଚାରିଲେ ଏପରି କାହିଁକି ଦେଉଛ ? ଆଶ୍ରୟ ବାବୁ କହିଥିଲେ ସାଧୁ କହିଛନ୍ତି ତାଙ୍କୁ ହୃଦୟରେ ରଖ ଓ ବାହ୍ୟ ଆଡ଼ମ୍ବର ପୂଜାର କି ମୂଲ୍ୟ ? ସିଗାରେଟ ଟାଣୁଥିବା ଭକ୍ତ ଅନ୍ୟ ଭକ୍ତମାନଙ୍କୁ ସିନେମା, ସିଗାରେଟ ଓ କାର୍ଡ଼ ଖେଳିବା, କିପରି ସାଧୁ ମନା କରିଛନ୍ତି ସେ ବିଷୟରେ ଦୀକ୍ଷାନ୍ତ ଭାଷଣ ଦିଅନ୍ତି ଓ ଅନ୍ୟ ପକ୍ଷରେ ରାମେଶ୍ୱର ବାବୁ ଦେଖିଲେ ସାଧୁ ଅତ୍ୟନ୍ତ ପବିତ୍ର ଥିଲେ କିନ୍ତୁ ଭକ୍ତମାନଙ୍କର କଥା, କର୍ମ ଓ କାର୍ଯ୍ୟରେ ସମନ୍ୱୟ ରହୁନଥିଲା। ରାମେଶ୍ୱର ବାବୁ ତାଙ୍କ ଘରେ ମଧ୍ୟ ଭକ୍ତ ସାଧୁଙ୍କର ଏକ ସଂସ୍ଥା ଖୋଲି ଦେଲେ। ସେଠାରେ ସାଧୁଙ୍କର ଭଜନ କୀର୍ତ୍ତନ ଚାଲିଲା।

ଥରେ ରାମେଶ୍ୱର ବାବୁଙ୍କ ବୋହୂ ଓଢ଼ଣା ନଦେଇ ପ୍ରସାଦ ପରିବେଷଣ କରୁଥିଲା ଓ ସେ ଖୁସିରେ ଭକ୍ତ ଫଟୋଟିକୁ ରାମେଶ୍ୱର ବାବୁଙ୍କୁ ଫୋନ ଜରିଆରେ ପଠାଇଲା। ରାମେଶ୍ୱର ବାବୁ ତାଙ୍କ ଘର ନିକଟରେ ରହୁଥିବା ଜଣେ ଭଉଣୀଙ୍କୁ ସେହି ଫଟୋ ଦେଖାଇ କହିଲେ ବୋହୂକୁ ଟିକେ ଶିଖାଇ ଦେବେ କିପରି ଓଢ଼ଣା ଦେଇ ବାଢ଼ିବାକୁ ହୁଏ। ଏକଥା ଜାଣି ପାରି ବୋହୂଟି ଖୁବ ରାଗିଗଲା। ସେ କହିଲା ତାର ଏପରି ଫଟୋ ପାଖ ପଡ଼ୋଶୀଙ୍କୁ ଦେଖାଇବା କଣ ଦରକାର ଥିଲା ବାପା। ତୁମେ ଭୁଲ କରିଛ, ଏହି ଛୋଟ କଥାଟି ଉଗ୍ର ରୂପ ନେଲା। ରାମେଶ୍ୱର ବାବୁଙ୍କ ସ୍ତ୍ରୀ କହିଲେ ତମେ ଏପରି କରିବା ଉଚିତ ନଥିଲା। ପୁଅ ମଧ୍ୟ ଅନୁରୂପ କଥା କହିଲା ରାମେଶ୍ୱର ବାବୁ କିଛି ବୁଝିପାରିଲେ ନାହିଁ। ସଂଗଠନରେ ଅନ୍ୟକୁ ସଜାଡ଼ିବା ପାଇଁ ସାଧୁଙ୍କର ଅନେକ ଉପଦେଶ ଦିଅଯାଏ। ସେ କଣ ବା ଭୁଲ କଲେ ? ସେ ସାଧୁଙ୍କ ଆଶ୍ରମରେ ଦେଖିଛନ୍ତି। ସାଧୁ ବାହାରୁଥିବା ସମୟରେ ଦର୍ଶନାଭିଳାଷୀ ମହିଳା ଭକ୍ତମାନେ ଅନ୍ୟ ମହିଳା ମାନଙ୍କ ମୁଣ୍ଡରେ ଓଢ଼ଣା ଦେଇ ଦିଅନ୍ତି।

ରାମେଶ୍ୱର ବାବୁ ତାଙ୍କର ବନ୍ଧୁ ଆଶ୍ରୟବାବୁଙ୍କ ସହିତ ମହାନ ସାଧୁଙ୍କ ଆଶ୍ରମକୁ ବୁଲିଗଲେ। ତାଙ୍କ ମନରେ ସେହି ଛୋଟ ଦ୍ୱନ୍ଦଟି ସବୁବେଳେ ଉଙ୍କି ମାରୁଥିଲା। ସେ ଭାବୁଥିଲେ ମୁଁ ବୋହୂର ଓଢ଼ଣା ଦିଆ କଥା କହି କଣ ଭୁଲି କରିଛି ? ସେ ଆଶ୍ରମର ସଦର ଫାଟକରେ ଦେଖିଲେ ଲେଖାଯାଇଛି ଭଲ ହୁଅ, ଭଲ କର, ଓ ଭଲ ଦେଖ। ଅନ୍ୟକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କର ନାହିଁ।ଏଥର ରାମେଶ୍ୱର ବାବୁ ନିଜର ଭୁଲ ବୁଝିପାରିଲେ ଯେ ସେ ଭଲକଥା ଦେଖି ନାହାନ୍ତି ନିଜକୁ ପରିବର୍ତ୍ତନ କରିବାକୁ ଚେଷ୍ଟା ନକରି ଅନ୍ୟକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଛନ୍ତି। ଅନ୍ୟ ମନରେ ଆଘାତ ଦେଇଛନ୍ତି। ସେହିଦିନ ଠାରୁ ସେ ଅନ୍ୟ କାହାକୁ ଉପଦେଶ ଦେଲେ ନାହିଁ। ଭଲ କଥା ଦେଖିବାକୁ ଚେଷ୍ଟା କଲେ ଓ ଅନ୍ୟ ମନରେ ଆଘାତ ଦେଲେ ନାହିଁ ଓ ସଂପୂର୍ଣ୍ଣ ନୀରବ ରହିବାକୁ ଭଲ ପାଇଲେ।

ଅବସର ପ୍ରାପ୍ତ ପ୍ରଧାପିକା, ସିଡ଼ିଏ, କଟକ, ମୋ : ୯୬୯୨୯୮୦୦୨୬

# ଭାରତ ଓ ଅଷ୍ଟ୍ରେଲିଆର ୟୁରାନିୟମ୍ ସମ୍ପର୍କ

**ଡା. ରାଜକିଶୋର ପଣ୍ଡା**

> **ଭାରତ ଉଭୟ ଏନ.ପି.ଟି ଓ ଏନ.ଏସ.ଜି ର ସଦସ୍ୟ ନ ହୋଇଥିବା ସତ୍ତ୍ୱେ ଆଣବିକ ଅସ୍ତ୍ରକୁ ନେଇ ସର୍ବଦା ଏକ ଶାନ୍ତ ଭାବମୂର୍ତ୍ତି ରକ୍ଷା କରିଆସିଛି। ଏହି କାରଣରୁ ୨୦୦୮ ମସିହାରେ ଏନ.ଏସ.ଜି ଏହାର ସର୍ତ୍ତାବଳୀରୁ ଭାରତକୁ ଏକ ବଡ଼ ଛାଡ଼ ଦେଇଥିଲା। ଏହି ଛାଡ଼ ଅନୁଯାୟୀ ଭାରତ ଏନ.ପି.ଟି ରେ ସ୍ୱାକ୍ଷର ନ କରି ଥିବା ସତ୍ତ୍ୱେ ଆଣବିକ ପଦାର୍ଥର ଆମଦାନୀ ଓ କାରବାର କରିପାରିବ। ଏହା ପରେ ହିଁ ୨୦୦୮ ମସିହାରେ ଭାରତ-ଆମେରିକା ମଧ୍ୟରେ ବେସାମରିକ ଆଣବିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅଷ୍ଟ୍ରେଲିଆ ଗସ୍ତରୁ ଦୁଇଟି କ୍ଷେତ୍ର ଯାହାକି ହେଉଛି "ପରମାଣୁ ଶକ୍ତି" ଓ "ସାମୁଦ୍ରିକ ସୁରକ୍ଷା"ରେ ଉଲ୍ଲେଖନୀୟ ପ୍ରଗତି ହୋଇଅଛି। ଏହାଦ୍ୱାରା ଭାରତ, ଅଷ୍ଟ୍ରେଲିଆ ସମ୍ପର୍କ ମଜଭୁତ୍ ହେବା ସହିତ ହିନ୍ଦୁ-ପ୍ରଶାନ୍ତ ସାମୁଦ୍ରିକ କ୍ଷେତ୍ର ପାଇଁ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି।

ତେବେ ଏହି ନିବନ୍ଧରେ ଆମେ ଦୁଇ ରାଷ୍ଟ୍ର ମଧ୍ୟରେ ପରମାଣୁ ସମ୍ପର୍କକୁ ନେଇ ସବିଶେଷ ଆଲୋଚନା କରିବା। ଏହି ଆଣବିକ ସମ୍ପର୍କ ବର୍ତ୍ତମାନ ସମୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯଦି ଆମେ ଏହା ସହିତ ଜଡ଼ିତ ଥିବା ସଂଘର୍ଷପୂର୍ଣ୍ଣ ଇତିହାସକୁ ମନେ ପକାଇବା। ଯେବେ ଭାରତ ୧୯୯୮ ମଇ ମାସରେ "ଅପରେସନ୍ ଶକ୍ତି" ଜରିଆରେ ପୋଖରାନ୍‌ଠାରେ ପରମାଣୁ ପରୀକ୍ଷଣ କରିଥିଲା, ସେହି ସମୟରେ "କାନ୍‌ବେରା" ନୂଆଦିଲ୍ଲୀର ଦୃଢ଼ ନିନ୍ଦା କରିବା ସହିତ ଏହାକୁ "ପରମାଣୁ ପ୍ରସାର ପଦକ୍ଷେପ" ବୋଲି ବୟାନ୍ ଦେଇ, ଭାରତ ସହିତ ନିଜର ସମସ୍ତ କୂଟନୈତିକ ଓ ସାମରିକ ସମ୍ପର୍କକୁ ଛିନ୍ନ କରିଥିଲା। ଫଳସ୍ୱରୂପ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସର୍ବନିମ୍ନଗାମୀ ହୋଇଥିଲା। ଏହି ସମ୍ପର୍କରେ ଉନ୍ନତି ଆସିବା ଆରମ୍ଭ ହେଲା ୨୦୦୮ ମସିହାରେ ଯେତେବେଳେ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ସ୍ୱାକ୍ଷରିତ ହେଲା ବେସାମରିକ ପରମାଣୁ ଚୁକ୍ତି। ଉଲ୍ଲେଖନୀୟ ଏହା ଯେ ସମୁଦାୟ ପୃଥିବୀର ପ୍ରାୟ ଅଠେଇଶି ପ୍ରତିଶତ ୟୁରାନିୟମ୍, ଏକାକୀ ଅଷ୍ଟ୍ରେଲିଆ ପାଖରେ ଅଛି। ୧୯୭୪ ଓ ୧୯୯୮ ମସିହାର ପରମାଣୁ ପରୀକ୍ଷଣ ପରେ "କାନ୍‌ବେରା" ଦଶନ୍ଧି ଧରି ଆମ ଦେଶକୁ ୟୁରାନିୟମ୍ ଦେବା ପାଇଁ ମନା କରିଆସିଛି। ଆଣବିକ ଅସ୍ତ୍ରର ପରୀକ୍ଷଣକୁ ବିରୋଧ କରିବା ସହିତ ୟୁରାନିୟମ୍ ଦେବା ପାଇଁ ଅଷ୍ଟ୍ରେଲିଆର ନାସ୍ତିର ଅନ୍ୟତମ କାରଣ ହେଲା "ପରମାଣୁ ଅପ୍ରସାର ସନ୍ଧି" ରେ ଭାରତର ସ୍ୱାକ୍ଷର ନ କରିବା। ତେବେ ବର୍ତ୍ତମାନ କେଉଁ ପରିସ୍ଥିତିରେ ଅଷ୍ଟ୍ରେଲିଆ ଓ ଭାରତ ୟୁରାନିୟମ୍ ପ୍ରସଙ୍ଗରେ ମିଳିତ ସହମତିରେ ପହଞ୍ଚିଛନ୍ତି, ତାହା ଆମେ ଜାଣିବା। ପ୍ରଥମେ ଆଲୋକପାତ କରିବା ଏନ୍.ଏସ୍.ଜି ଓ ଏନ୍.ପି.ଟି ଉପରେ। ଏନ.ଏସ.ଜି ର ସମ୍ପୂର୍ଣ୍ଣ ନାମ ହେଉଛି ନ୍ୟୁକ୍ଲିୟର ସପ୍ଲାଏର ଗ୍ରୁପ୍ । ଏହା ଅଠଚାଳିଶଟି ଦେଶର ଏକ ଗୋଷ୍ଠୀ, ଯାହାକୁ ଗଠନ କରାଯାଇଥିଲା, ୧୯୭୪ ମସିହାରେ ଭାରତର ପ୍ରଥମ ଆଣବିକ ପରୀକ୍ଷା ପରେ। ସେହିପରି ପରମାଣୁ ଅପ୍ରସାର ସନ୍ଧି ଆରମ୍ଭ କରାଯାଇଥିଲା ୧୯୬୮ ମସିହାରେ। ବର୍ତ୍ତମାନ ଏଥିରେ ୧୯୧ ଟି ଦେଶ ସଦସ୍ୟ ଅଛନ୍ତି। ଉଭୟ ଏନ.ଏସ.ଜି ଓ ଏନ.ପି.ଟି ର ଲକ୍ଷ୍ୟ ହେଉଛି ଆଣବିକ ପଦାର୍ଥର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ଓ ପରମାଣୁ ଅସ୍ତ୍ର ବ୍ୟବହାରକୁ ପ୍ରତିରୋଧ। ନିୟମ ଅନୁଯାୟୀ ଏନ.ପି.ଟି ର ଦସ୍ତାବେଜ୍‌ରେ ସ୍ୱାକ୍ଷର କରିଥିବା ଦେଶ ହିଁ ଏନ.ଏସ.ଜି ର ସଦସ୍ୟ ହୋଇପାରିବ। ଏହାକୁ ଅସ୍ତ୍ର କରି ଚାଇନା, ଏନ.ଏସ.ଜି ରେ ଭାରତର ଅନ୍ତର୍ଭୁକ୍ତିକରଣକୁ ବିରୋଧ କରିଆସୁଛି। କିନ୍ତୁ ସେହି ଚୀନ୍, ପାକିସ୍ତାନକୁ ଏନ.ଏସ.ଜି ରେ ସଦସ୍ୟ କରିବା ପାଇଁ ଚାପ ପକାଇ ଆସୁଛି, ଯଦିଓ ପାକିସ୍ତାନ ଏନ.ପି.ଟି ରେ ସ୍ୱାକ୍ଷର କରିନାହିଁ।

ଭାରତ ଉଭୟ ଏନ.ପି.ଟି ଓ ଏନ.ଏସ.ଜି ର ସଦସ୍ୟ ନ ହୋଇଥିବା ସତ୍ତ୍ୱେ ଆଣବିକ ଅସ୍ତ୍ରକୁ ନେଇ ସର୍ବଦା ଏକ ଶାନ୍ତ ଭାବମୂର୍ତ୍ତି ରକ୍ଷା କରିଆସିଛି। ଏହି କାରଣରୁ ୨୦୦୮ ମସିହାରେ ଏନ.ଏସ.ଜି ଏହାର ସର୍ତ୍ତାବଳୀରୁ ଭାରତକୁ ଏକ ବଡ଼ ଛାଡ଼ ଦେଇଥିଲା। ଏହି ଛାଡ଼ ଅନୁଯାୟୀ ଭାରତ ଏନ.ପି.ଟି ରେ ସ୍ୱାକ୍ଷର ନ କରି ଥିବା ସତ୍ତ୍ୱେ ଆଣବିକ ପଦାର୍ଥର ଆମଦାନୀ ଓ କାରବାର କରିପାରିବ। ଏହା ପରେ ହିଁ ୨୦୦୮ ମସିହାରେ ଭାରତ-ଆମେରିକା ମଧ୍ୟରେ ବେସାମରିକ ଆଣବିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

ଆହୁରି ଭାରତ ୨୦୦୮ ମସିହାରେ ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥାନ



ସହ ଏକ ଚୁକ୍ତି ସ୍ୱାକ୍ଷର କରିଥିଲା, ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ନେଇ। ଏନ.ଏସ.ଜି ର ଛାଡ଼, ଆଇ.ଏ.ଇ.ଏ ସହ ଚୁକ୍ତି ଓ ଦ୍ୱିପାକ୍ଷିକ ବାର୍ତ୍ତାଳାପ ମଧ୍ୟରେ ପରିଶେଷରେ ଚଳିତ ବର୍ଷ ଜୁଲାଇ ୯ ରେ, ଭାରତ ଓ ଅଷ୍ଟ୍ରେଲିଆ ୨୦୧୪ ମସିହାରୁ ଶୀତଳଭଣ୍ଡାରରେ ପଡ଼ିରହିଥିବା ବେସାମରିକ ଆଣବିକ ସହଯୋଗ ଚୁକ୍ତିକୁ ଚୂଡ଼ାନ୍ତ କରିଛନ୍ତି। ଏହାଦ୍ୱାରା ଭାରତ ବେସାମରିକ ପ୍ରକ୍ରିୟା ନିମନ୍ତେ ଅବାରିତ ଭାବରେ ଅଷ୍ଟ୍ରେଲିଆରୁ ୟୁରାନିୟମ୍ ଆମଦାନୀ କରିପାରିବ। ଭାରତ ଏହାଦ୍ୱାରା ତିନୋଟି କ୍ଷେତ୍ରରେ ଲାଭବାନ୍ ହେବ। ଏହି ତିନୋଟି କ୍ଷେତ୍ର ହେଉଛି "ପ୍ରତୀକାତ୍ମକ", "ବ୍ୟାବହାରିକ" ଓ "ରଣନୈତିକ"। ପ୍ରଥମେ ଆସିବା ପ୍ରତୀକାତ୍ମକ ଦିଗକୁ। ୟୁରାନିୟମ୍ ଦେବା ପାଇଁ ସହମତ ହୋଇ ଅଷ୍ଟ୍ରେଲିଆ, ଭାରତକୁ ଏକ ଦାୟିତ୍ୱବାନ୍ ପରମାଣୁ ରାଷ୍ଟ୍ର ବୋଲି ସ୍ୱୀକାର କରିନେଇଛି। ଯେଉଁ ଦେଶଗୁଡ଼ିକୁ ଅଷ୍ଟ୍ରେଲିଆ ପୂର୍ବରୁ ୟୁରାନିୟମ୍ ଯୋଗାଇ ଆସୁଛି, ସେମାନେ ହେଉଛନ୍ତି ଆମେରିକା, ଜାପାନ, ଦକ୍ଷିଣ କୋରିଆ, ଫ୍ରାନ୍ସ, ସୁଇଡେନ୍, ବେଲ୍‌ଜିୟମ୍, ଫିନ୍‌ଲ୍ୟାଣ୍ଡ, ବ୍ରିଟେନ୍ ଓ ଜର୍ମାନୀ। ଭାରତ ବର୍ତ୍ତମାନ ଏହି ଗୋଷ୍ଠୀରେ ସାମିଲ ହେବା ସହିତ ଏନ.ପି.ଟି ର ସଦସ୍ୟ ନ ଥାଇ ବୈଶ୍ୱିକ ପରମାଣୁ ବ୍ୟବସ୍ଥାରେ ନିଜର ସ୍ଥାନକୁ ସୁଦୃଢ଼ କରିପାରିବ।

ବ୍ୟାବହାରିକ ଦୃଷ୍ଟିରୁ ଦେଖିଲେ, ଏହା ଇନ୍ଧନ ବା ଶକ୍ତି ସୁରକ୍ଷା କ୍ଷେତ୍ରରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଭାରତର ପରମାଣୁ ଶକ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ ବୃହତ୍। ବର୍ତ୍ତମାନ ଦେଶରେ ୮.୮ ଜିଗାୱାଟ୍ ପରମାଣୁ ଶକ୍ତିର ଉତ୍ପାଦନ ହେଉଛି ଓ ନୂଆଦିଲ୍ଲୀର ଆଶା ଅଛି ୨୦୩୧ ସୁଦ୍ଧା ଏହା ବୃଦ୍ଧି ପାଇ ୨୨ ଜିଗାୱାଟ୍‌ରେ ପହଞ୍ଚିବ ବୋଲି। ଅନ୍ତିମ ଲକ୍ଷ୍ୟ ହେଉଛି ୨୦୪୭ ସୁଦ୍ଧା ଏକଶହ ଜିଗାୱାଟ୍ ପରମାଣୁ ଶକ୍ତିର ଉତ୍ପାଦନ, ଯାହାକି କଷ୍ଟସାଧ୍ୟ। କେବଳ ଘରୋଇ ୟୁରାନିୟମକୁ ବ୍ୟବହାର କରି ଭାରତ ଏହି ଲକ୍ଷ୍ୟ ହାସଲ କରିପାରିବ ନାହିଁ। ୨୦୦୮ ମସିହାରେ ଏନ.ଏସ.ଜି ତରଫରୁ ଛାଡ଼ ପାଇବା ପୂର୍ବରୁ, ୟୁରାନିୟମ୍‌ର ଅଭାବରୁ ଭାରତୀୟ ଆଣବିକ ରିଆକ୍ଟରଗୁଡ଼ିକ ପଚାଶ ରୁ ଷାଠିଏ ପ୍ରତିଶତ କ୍ଷମତାରେ ହିଁ କାର୍ଯ୍ୟ କରୁଥିଲେ। ଛାଡ଼ ମିଳିବା ପରେ ଭାରତ ଋଷ, ଫ୍ରାନ୍ସ, କାଜାଖସ୍ତାନ୍ ଓ କାନାଡ଼ାରୁ ୟୁରାନିୟମ୍ ଆମଦାନୀ କରିବା ଆରମ୍ଭ କଲା। ବର୍ତ୍ତମାନ ଅଷ୍ଟ୍ରେଲିଆ ଉପରୋକ୍ତ ଦେଶଗୁଡ଼ିକ ସହିତ ସାମିଲ ହେବା ଫଳରେ ଭାରତର ୟୁରାନିୟମ ଆମଦାନୀ କ୍ଷେତ୍ର ବଢ଼ିଯିବ। ବୈଶ୍ୱିକ କମୋଡ଼ିଟି ବଜାର ଓ ଅସ୍ଥିର ଭୂରାଜନୈତିକ ପରିସ୍ଥିତିରେ ବିଶ୍ୱର ସବୁଠାରୁ ବଡ଼ ୟୁରାନିୟମ୍ ଭଣ୍ଡାର ଥିବା ଦେଶ (ଅଷ୍ଟ୍ରେଲିଆ)ରୁ ଆମଦାନୀ କରିବା ଭାରତ ପକ୍ଷରେ ଏକ ଦୀର୍ଘକାଳୀନ ବିଶ୍ୱାସ ଓ ଅଷ୍ଟ୍ରେଲିଆ ପାଇଁ ଦୀର୍ଘସ୍ଥାୟୀ ବଜାର ସୃଷ୍ଟି କରିବ। ଏହି ରାଜିନାମାରେ ସୁରକ୍ଷା ଓ ତଦାରଖର ବ୍ୟବସ୍ଥା ମଧ୍ୟ ସାମିଲ ଅଛି, ଯାହା ହେଉଛି ଅଷ୍ଟ୍ରେଲିଆର ଚିନ୍ତା ଗୁଡ଼ିକର ସମାଧାନ। ଆହୁରି ମଧ୍ୟ ଏହି ଚୁକ୍ତି ଅନୁଯାୟୀ ଅଷ୍ଟ୍ରେଲିଆର ୟୁରାନିୟମ୍ ଉତ୍ତୋଳନକାରୀ ବେସରକାରୀ କମ୍ପାନୀମାନେ, ଭାରତର ବେସରକାରୀ ଆଣବିକ କମ୍ପାନୀ ସହ କାରବାର କରିପାରିବେ। ଭାରତ ସରକାର ଡିସେମ୍ବର ୨୦୨୫ ରେ ବେସରକାରୀ କମ୍ପାନୀମାନଙ୍କୁ ଆଣବିକ କାର୍ଯ୍ୟକ୍ରମରେ ସୁଯୋଗ ଦେବା ପାଇଁ ଶାନ୍ତି ନିୟମର ପ୍ରଣୟନ କରିଛନ୍ତି। ଏହାଦ୍ୱାରା ନିଶ୍ଚିତ ଭାବରେ ଭାରତର ଆଣବିକ ଶକ୍ତି କାର୍ଯ୍ୟକ୍ରମରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ।

ଶେଷରେ ଆଲୋଚନା କରିବା ରଣନୈତିକ ଦିଗକୁ। ଭାରତର ସ୍ୱଦେଶୀ "ପ୍ରେସ୍‌ରାଇଜଡ୍ ହେଭି ୱାଟର ରିଆକ୍ଟର" ବ୍ୟାବହାରିକ ଦୃଷ୍ଟିରୁ ଅତ୍ୟନ୍ତ ଉତ୍ତମ ହେଲେ ମଧ୍ୟ ଆକାରରେ ଛୋଟ। ଏଗୁଡ଼ିକର କ୍ଷମତା ହେଉଛି ଯଥାକ୍ରମେ ୨୨୦ଗଡ, ୫୪୦ଗଡ, ୭୦୦ଗଡ । କାର୍ବନର ନିର୍ଗମନ କମାଇବା ଓ ବିଦ୍ୟୁତ୍ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ଆମକୁ ଫ୍ରାନ୍ସ, ଋଷ୍ ଓ ଆମେରିକାଠାରୁ ଏକହଜାର ମେଗାୱାଟ୍‌ରୁ ଅଧିକ କ୍ଷମତା ବିଶିଷ୍ଟ "ଲାଇଟ୍ ୱାଟର ରିଆକ୍ଟର"ର ଆବଶ୍ୟକତା ରହିଛି। ଏଥିରେ ୟୁରାନିୟମ୍‌ର ଅଧିକ ବ୍ୟବହାର ହୋଇଥାଏ। ଏହିଠାରେ ହିଁ ଅଷ୍ଟ୍ରେଲିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ସଂକ୍ଷେପରେ କହିଲେ, ଭାରତ-ଅଷ୍ଟ୍ରେଲିଆ ପରମାଣୁ ରାଜିନାମା ଆମ ଦେଶର ବିକାଶ ଓ ଜଳବାୟୁ ଅନୁରୂପ ଆଣବିକ ଶକ୍ତି ବଢ଼ାଇବାରେ ସହଯୋଗ କରିବ।

ମୋ- ୮୧୪୪୦୪୨୯୯୭

## ବେଆଇନ ମଦ ବିକ୍ରି ବନ୍ଦ ପାଇଁ ଜାମଗୁଡା ଗ୍ରାମର ମହିଳାଙ୍କ ଦାବି

ଡାବୁଗାଁ,(ନିପ୍ର): ଅବୈଧ ଓ ବେଆଇନ ମଦ କାରବାର ଦିନକୁ ଦିନ ପାପଡାହାଣ୍ଡି ବ୍ଲକରେ ବୃଦ୍ଧି ପାଉଥିବା ଆଶଙ୍କାକୁ ଅନୁଧ୍ୟାନ କରି ଜାମଗୁଡା ତଥା ଆଖପାଖ ଗାଁର ଶତାଧିକ ମହିଳା ଡାବୁଗାଁ ଥାନା ଓ ପାପଡାହାଣ୍ଡି ଅବକାରୀ



ଅଫିସରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅତୀତରେ ଅନୁରୂପ ଦାବୀ ମାନିଗାଁ, ମକିଆ, ଗଡେଗାଁ ତଥା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହୋଇଆସିଛି। ଗ୍ରାମ ପରିବେଶକୁ ଶାନ୍ତ ଓ ନିର୍ମଳ ରଖିବା ପାଇଁ ମଦ ବନ୍ଦ ନିହାତି ଆବଶ୍ୟକ ବୋଲି ମହିଳାମାନେ ମତବ୍ୟକ୍ତ କରିଛନ୍ତି।ବର୍ତ୍ତମାନ ଦେଖିବାକୁ ବାକି ରହିଲା ଏହି ଦାବିପତ୍ରକୁ ଗ୍ରହଣ କରିବା ପରେ ଥାନା ଏବଂ ଅବକାରୀ ବିଭାଗ ତରଫରୁ କଣ ପଦକ୍ଷେପ ନିଆଯାଉଛି। ଏହାସହ ଜିଲ୍ଲା ପ୍ରଶାସନ ମଧ୍ୟ ମଦ ବନ୍ଦ ପାଇଁ ଆଗାମୀ ଦିନରେ କିଭଳି ପଦକ୍ଷେପ ନେବ ତାହା ବର୍ତ୍ତମାନ ଦେଖିବାକୁ ବାକି ରହିଲା।

## ଘରୁ କଳାକନା ବୁଲାଇଲେ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାରେ ଚୋରି ଘଟଣା ଥମିବା ନାଁ ନେଉନି। ଏଭଳି ପରିସ୍ଥିତିରେ ସେରଙ୍ଗ ଥାନା ଅନ୍ତର୍ଗତ ଗୁମ୍ମା ଫାଣ୍ଡି ନିକଟରେ ଥିବା ଲାତୁରଗଡ଼ ଗ୍ରାମର ନାୟକସାହିର ଦେବନ୍ତି ନାୟିକାଙ୍କ ଘରେ ଦୁର୍ବୃତ୍ତମାନେ ଦିନ ୧୧ଟାରେ କଳାକନା ବୁଲାଇଛନ୍ତି। ଦେବନ୍ତି ଚର୍ଚ୍ଚକୁ ଯାଇଥିବା ବେଳେ ବାକି ପରିବାରବର୍ଗ ଗାଈପଲ ଜଗିବାକୁ ପଳାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ ପଶି ଆଲମିରା ଭାଙ୍ଗି ଏକଭରି ସୁନା, ପାଞ୍ଚଭରି ରୁପା ଓ ନଗଦ ୫ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଏହାକୁ ମିଶାଇ ଏହି ଅଞ୍ଚଳରେ ଗତ ଏକ ମାସ ମଧ୍ୟରେ ତିନୋଟି ଚୋରି ଘଟଣା ସାମ୍ନାକୁ ଆସିଛି । ରାତିରେ ପୁଲିସ ପାଟ୍ରୋଲିଂ ବଢ଼ାଇବା ସହ ଚୋରି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଶୀଘ୍ର ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଚୋରକୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଗୁମ୍ମା ଫାଣ୍ଡି ଅଧିକାରୀ ପ୍ରଶାନ୍ତ ଚନ୍ଦ୍ର ପାଲକା କହିଛନ୍ତି।

## ବଂଶଧାରା ନଦୀରେ ଭାସିଯାଇଥିବା ବୃଦ୍ଧର ମରଶରୀର ଠାବ

କାଶୀନଗର,(ନିପ୍ର): କାଶୀନଗର ବଂଶ ଧାରା ନଦୀରେ ଯେଉଁ ବୃଦ୍ଧ ଯାହାର ନାମ ଏମ. ଲାଛାୟା କାଶୀନଗର ୱାର୍ଡ ନଂ ୨ ର ବାସିନ୍ଦା ନଦୀରେ ସାନ୍ଧ୍ୟ ସମୟରେ ଗାଧୋଇବା ପାଇଁ ଯାଇ ଆକସ୍ମିକ ଭାବେ ନଦୀରେ ଭାସି ଚାଲିଯାଇଥିଲେ। କାଶୀନଗର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଦୁଇ ଦିନ ଧରି ବଂଶଧାରା ନଦୀରେ ଖୋଜାଖୋଜି କରିବା ପରେ ସେହି ବୃଦ୍ଧର ମୃତଦେହ ଠାବ ହୋଇଛି। କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀ ୯/୨୬ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠେଇ ଥିବା ସୂଚନା ହସ୍ତଗତ ହୋଇଛି।

## ବୃଦ୍ଧା ମା’ ନିଖୋଜ ଅଭିଯୋଗ: ତଦନ୍ତ ଆରମ୍ଭ କଲା ପୋଲିସ

ନିରାକାରପୁର,(ନିପ୍ର): ଖୋରଧା ଜିଲ୍ଲା ନିରାକାରପୁର ଥାନା ବଡ଼ପୋଖରୀଆ ଗ୍ରାମର ଜଣେ ୮୫ ବର୍ଷୀୟା ବୃଦ୍ଧା ମା’ ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନିଖୋଜ ବୃଦ୍ଧା ଜଣକ ହେଉଛନ୍ତି ଗ୍ରାମର ବଡ଼ପୋଖରୀଆ କୁନ୍ତଳା ଦଳସିହାର (୮୫)।ମିଳିଥିବା ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୬ ତାରିଖ ଦିନ ପ୍ରାୟ ୧୨ଟା ସମୟରେ କୁନ୍ତଳା ଦଳସିଂହାର ଘରୁ କୌଣସି କାମରେ ବାହାରକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ସମ୍ପର୍କୀୟଙ୍କ ଘର ଓ ଆଖପାଖ ବିଭିନ୍ନ ସ୍ଥାନରେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ଏନେଇ ତାଙ୍କ ପୁଅ ହରିବନ୍ଧୁ ଦଳସିଂହାର (୪୫) ନିରାକାରପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ନଂ-୧୪/୨୬ ରେ ଏକ ନିଖୋଜ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଭାର ଏଏସଆଇ ଜି. ପି. ମହାନ୍ତିଙ୍କୁ ହସ୍ତାନ୍ତର କରିଛନ୍ତି। ବୃଦ୍ଧାଙ୍କୁ ଖୋଜି ବାହାର କରିବା ପାଇଁ ପୋଲିସ ତରଫରୁ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

## ଏସ୍ଏଜି ଟଙ୍କା ହଡ଼ପ, ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି,(ନିପ୍ର): ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟଙ୍କ ଠାରୁ ଆଦାୟ ହୋଇଥିବା ସଞ୍ଚୟ ଓ ଋଣ ଟଙ୍କା ହଡ଼ପ ଅଭିଯୋଗ ମାମଲାରେ ପାରଳାଖେମୁଣ୍ଡି ପୁଲିସ ହାଇଦ୍ରାବାଦରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ (କିନ୍ନର) ସିଦ୍ଧକୁମ ଓରଫ ସିଦ୍ଧ ଆରାଧୀ ଓରଫ ଲକି (୩୦)। ସିଦ୍ଧଙ୍କୁ ପୁଲିସ ସ୍ଥାନୀୟ ମାଜିଷ୍ଟ୍ରେଟ୍ଙ୍କ ଅଦାଲତରେ ହାଜର ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ରେ ଆଣି ପାରଳାଖେମୁଣ୍ଡି ଏସ୍ଡିଜେଏମ୍ଙ୍କ ଅଦାଲତରେ ହାଜର କରିଛି। ଗତ ଜୁନ୍ ୧୧ର ଏତଲାକୁ ଆଧାର କରି ପୁଲିସ ତଦନ୍ତ ଚଳାଇଥିଲା । ଅଭିଯୋଗ ଅନୁଯାୟୀ ମୁକୁନ୍ଦା-ଆମା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ଠାରୁ ଆଦାୟ ହୋଇଥିବା ଟଙ୍କାର ଠିକ୍ ହିସାବ ରଖାଯାଇ ନଥିବା ସହ ଅର୍ଥ ଆତ୍ମସାତ୍ ହୋଇଥିବା ବେଳେ ଅଭିଯୁକ୍ତ ପ୍ରାୟ ୮୦ ଲକ୍ଷ ଟଙ୍କା ନଗଦ ଏବଂ ୧୧୦ ଗ୍ରାମ୍ ସୁନା ଆଦାୟ କରି ଫେରାର ରହିଥିଲା।

## ରାଉରକେଲା ରିଙ୍ଗ୍ ରୋଡରେ ସୃଷ୍ଟ ଗର୍ତ୍ତଗୁଡ଼ିକ ଦୁର୍ଘଟଣା ଫାଶରେ ପରିଣତ



ରାଉରକେଲା,(ନିପ୍ର): ସ୍ମାର୍ଟସିଟି ରାଉରକେଲାର ରିଙ୍ଗ ରୋଡର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ଋତୁ ପୂର୍ବରୁ ରାସ୍ତାର କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରେ ଯାଉଥିବା ମୋଟରସାଇକେଲ, ସ୍କୁଟର୍ ଏବଂ କାର୍ ସହ ଯାତ୍ରୀମାନଙ୍କ ପାଇଁ ଏହା ଏକ ଗମ୍ଭୀର ବିପଦ ସୃଷ୍ଟି କରିବା ସହିତ ସଡ଼କ ସୁରକ୍ଷା ପ୍ରତି ଚିନ୍ତା ସୃଷ୍ଟି କରୁଛି। ଏଥିରେ ମୋଟରସାଇକେଲ ଚାଳକମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଥିବା ଦେଖାଯାଉଛି। ଏଥିପାଇଁ ପ୍ରାୟ ପ୍ରତିଦିନ ଦୁର୍ଘଟଣା ଏବଂ ଦୁର୍ଘଟଣାରେ ଚାଳକ ଆହତ ହେଉଥିବା ଘଟଣା ସାମ୍ନାକୁ ଆସିଛି।

ଗତ ଅଗଷ୍ଟ ୧୩ ଏବଂ ୧୬ ତାରିଖରେ ସହରରେ ପ୍ରବଳ ବର୍ଷା ପରେ ସମସ୍ୟା ଆହୁରି ଗମ୍ଭୀର ହୋଇଥିବା ଜଣାପଡିଛି। ପ୍ରବଳ ବର୍ଷା ଫଳରେ ରିଙ୍ଗ୍ ରୋଡ ସମେତ ବିଭିନ୍ନ ରାସ୍ତା ବୁଡିଯିବା ଯୋଗୁଁ ଅନେକ ରାସ୍ତା ଏହା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା। ପ୍ରବଳ ବର୍ଷା ରାସ୍ତାର ଅନେକ ସ୍ଥାନରେ ଗଭୀର ଗର୍ତ୍ତ ସୃଷ୍ଟି କରିଥିଲା। ରାଉରକେଲାର ପ୍ରମୁଖ ରାସ୍ତା ମଧ୍ୟରେ ରାଉରକେଲା ରିଙ୍ଗ୍ ରୋଡର ଅନେକ ଅଂଶ ମଧ୍ୟ ଏହାଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହୋଇଛି। ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ସିମେଣ୍ଟ ଏବଂ ପଥର ସମାଗ୍ରୀ ବ୍ୟବହାର କରି କିଛି ସ୍ଥାନରେ ମରାମତି କାର୍ଯ୍ୟ କରିଥିଲେ। ବର୍ଷା ସମୟରେ ଏହି ମରାମତି କରାଯାଇଥିବାରୁ, ଡ୍ରେସିଂ ସାମଗ୍ରୀ ପରବର୍ତ୍ତୀ ବର୍ଷାରେ ଧୋଇ ଯାଇଥିବା ସାମ୍ନାକୁ ଆସିଛି। ପୁଣି ଏହା ରାସ୍ତାର ଅନେକ ଅଂଶକୁ ଦୁର୍ବଳ ଅବସ୍ଥାରେ ମଧ୍ୟ ରଖିଛି। କ୍ଷତିଗ୍ରସ୍ତ ହୋଇଥିବା ସ୍ଥାନ ମଧ୍ୟରେ ବିର୍ସା ଛକ, ପ୍ଲାଣ୍ଟ ସାଇଟ୍ ରୋଡ୍ ଛକ, ସାରନା ଛକ ସମେତ ରିଙ୍ଗ ରୋଡ୍ ପାର୍ଶ୍ୱରେ ଥିବା ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବଡ଼ ବଡ଼ ଗର୍ତ୍ତ ଦେଖିବାକୁ ମିଳୁଛି। କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଗୁଡ଼ିକ ଯାତ୍ରୀମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ କରୁଛି।ବିଶେଷକରି ଦୁଇ ଚକିଆ ଯାନ ଆରୋହୀଙ୍କ ପାଇଁ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରୁଛି। ଶୁକ୍ରବାର ଏକ ଘଟଣାରେ, ପ୍ଲାଣ୍ଟ ସାଇଟ୍ ରୋଡ୍ ନିକଟରେ ରିଙ୍ଗ ରୋଡ୍‌ର ଏକ ଗର୍ତ୍ତରେ ମୋଟରସାଇକେଲ୍ ପଡ଼ିଯିବାରୁ ଗୋଟିଏ ପରିବାରର ତିନି ଜଣ ସଦସ୍ୟ ଆହତ ହୋଇଛନ୍ତି। ସେହିପରି ରବିବାର ବିଶ୍ରା ଚୌକର ଓଭରବ୍ରିଜ୍ ନିକଟରେ ଆଉ ଏକ ଦୁର୍ଘଟଣା ଘଟିଥିବା ସାମ୍ନାକୁ ଆସିଛି। ଏକ ଗର୍ତ୍ତକୁ ସାମ୍ନା କରିବାକୁ ଯାଇ ଏକ ମୋଟରସାଇକେଲ୍ ଏବଂ ଏକ କାର ମଧ୍ୟରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଦୁଇ ଜଣ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାଗୁଡ଼ିକ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। କର୍ତ୍ତୃପକ୍ଷ ସମୟୋଚିତ ଏବଂ ସ୍ଥାୟୀ ମରାମତି କରିବାରେ ବିଫଳ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ଜଳସେଚନ ଅଧିକାରୀ

### ଜନଶୁଣାଣି କ’ଣ ପ୍ରହସନ !

ସାଲେପୁର,(ନିପ୍ର): କେନ୍ଦ୍ରାପଡା ମୁଖ୍ୟ କେନାଲର ଉତ୍ତର ପାର୍ଶ୍ୱ କେନାଲ ବନ୍ଧ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବା ସମୟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେନ୍ଦୁପାଟଣା ଜଳସେଚନ ବିଭାଗ ପକ୍ଷରୁ ଭକ୍ତ କେନାଲ ବନ୍ଧ ରାସ୍ତା ମରାମତି କରା ନ ଯିବାରୁ ଉତ୍ତର ବଟେଶ୍ୱର ଓ ରୋଧପୁର ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।

ସୂଚନାଯୋଗ୍ୟ କେନ୍ଦ୍ରାପଡା ମୁଖ୍ୟ କେନାଲର ୬° ଶାଖା କେନାଲର ଉପ୍ରିସ୍ଥଳ ଠାରୁ ସଦାଶିବ ଦାଶ ଘର ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବା ସମ୍ପର୍କରେ କେନ୍ଦୁପାଟଣା ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ କେନାଲ ବନ୍ଧ ରାସ୍ତା ମରାମତି ନ ହେବାରୁ ସାଲେପୁର ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଏହି କେନାଲ ବନ୍ଧର ଦୁରାବସ୍ଥା ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ,ଜିଲ୍ଲାପାଳ ଭକ୍ତ କେନାଲ ବନ୍ଧ ରାସ୍ତାର ମରାମତି କରିବା ପାଇଁ ଜଳସେଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ,ହେଲେ ଜଳସେଚନ ବିଭାଗର ଅଧିକାରୀମାନେ ଏ କାନରେ ପୂରେଇ ସେ କାନରେ ବାହାର କରି ଦେଲେ।୩/ ୪ମାସ ତଳେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ପୁର୍ନବାର ଅଭିଯୋଗ ହେବାରୁ



ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିବା ସହିତ ତୁରନ୍ତ କେନାଲ ବନ୍ଧ ରାସ୍ତା ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଇତିମଧ୍ୟରେ ୩/୪ମାସ ବିତି ଯାଇଥିଲେ ସୁଦ୍ଧା ଭକ୍ତ କେନାଲ ବନ୍ଧ ରାସ୍ତା ମରାମତି ହୋଇନାହିଁ।ଲଗାଣ ବର୍ଷା ଯୋଗୁଁ ଏବେ ଭକ୍ତ କେନାଲ ବନ୍ଧ ରାସ୍ତା ଆହୁରି ଶୋଚନୀୟ ହୋଇପଡିଛି,ଏହି ରାସ୍ତା ଦେଇ ସାଲେପୁର ମେଡିକାଲ ଯାଉଥିବା ରୋଗୀ ,ସ୍କୁଲ ଓ କଲେଜକୁ ଯାଉଥିବା। ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏଠାରେ ପ୍ରଶ୍ନ ଉଠୁଛି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନୁ ନଥିବା ଜଳସେଚନ ବିଭାଗର ଅଧିକାରୀମାନେ କଣ ଜିଲ୍ଲାପାଳଙ୍କ ଉର୍ଦ୍ଧ୍ୱରେ । ଯଦି ଏହି କେନାଲ ବନ୍ଧ ରାସ୍ତା ତୁରନ୍ତ ମରାମତି କରା ନ ଯାଏ ,ତେବେ ଉତ୍ତର ବଟେଶ୍ୱର ଓ ରୋଧପୁର ଗ୍ରାମବାସୀମାନେ କେନ୍ଦୁପାଟଣା ଜଳସେଚନ ବିଭାଗର କାର୍ଯ୍ୟାଳୟ ଘେରାଉ କରିବା ସହିତ କଟକ ଚାନ୍ଦବାଲି ରାଜପଥ ଅବରୋଧ କରିବେ ବୋଲି ପ୍ରକାଶ କରିଛନ୍ତି।

## ରାୟଗଡ଼ ପୌରପରିଷଦରେ ସ୍ୱାୟତ୍ତ ଶାସନ ଦିବସ

ରାୟଗଡ଼,(ନିପ୍ର): ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା ୨୪୨୩୭ ତାରିଖ:୨୫.୦୮.୨୦୨୬ ର ନିର୍ଦ୍ଦେଶକ୍ରମେ, ରାୟଗଡ଼ ପୌରପରିଷଦ ଅଡିଟୋରିୟମ୍ ପରିସରରେ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଗୌରବର ସହିତ ଅନୁଷ୍ଠିତ ହୋଇଯାଇଛି।

ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାୟଗଡ଼ ଜିଲ୍ଲାର ଅତିରିକ୍ତ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାସହିତ ପୌରପରିଷଦର ପୌରାଧ୍ୟକ୍ଷ ଶ ପି. ମହେଶ ପଟ୍ଟନାୟକ, ପୌରପରିଷଦର ସମସ୍ତ କାଉନସିଲରବୃନ୍ଦ, ତଥା ଜିଲ୍ଲାସ୍ତରୀୟ ବରିଷ୍ଠ ପଦାଧିକାରୀଗଣ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଅଡିଟୋରିୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହର ସିଧା ପ୍ରସାରଣକୁ ରାୟଗଡ଼ ପୌରପରିଷଦ ଅଡିଟୋରିୟମରେ ଏଲ୍.ଇ.ଡି ସ୍କ୍ରିନ୍ ମାଧ୍ୟମରେ ସଫଳତାର ସହ ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ଜନସାଧାରଣ, ପୌର କର୍ମଚାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏହି ସିଧା ପ୍ରସାରଣକୁ ଉପଭୋଗ କରିବା ସହ ସହରାଞ୍ଚଳ ବିକାଶର ନୂତନ ଦିଗ୍‌ଦର୍ଶନ ସମ୍ପର୍କରେ ଅବଗତ ହୋଇଥିଲେ।

ଏହି ସମାରୋହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ ଅଧିନରେ ଯୋଗ୍ୟ ବିବେଚିତ ହିତାଧିକାରି ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇ ଥିଲା । ଏହା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉପସ୍ଥିତ ଜନସାଧାରଣ , ପୌର କର୍ମଚାରି ଏବଂ ଅତିଥି ମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ସହରର ସାମଗ୍ରିକ ବିକାଶ, ପରିମଳ ବ୍ୟବସ୍ଥାର ଉନ୍ନତିକରଣ ଏବଂ ସହରାଞ୍ଚଳ ନାଗରିକମାନଙ୍କୁ ଉନ୍ନତମାନର ମୌଳିକ ସୁବିଧା ଯୋଗାଇଦେବା ଦିଗରେ ପୌରପରିଷଦ ନିରନ୍ତର କାର୍ଯ୍ୟ କରୁଛି ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମାରୋହରେ ଶୃଙ୍ଖଳା, ପରିମଳ ତଥା ଜଳଯୋଗାଣର ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ପରିଚାଳନା କରିଥିଲେ ।

### ||||||||||||||||| ସ୍ୱଚ୍ଛତା ନାମରେ ଚାଲିଛି ପ୍ରହସନ |||||||||||||

## ୭୫ବର୍ଷର ପୌରପାଳିକାରେ ନାହିଁ ଡମ୍ପିଂୟାର୍ଡ଼ !

କେନ୍ଦୁଝର,(ନିପ୍ର): କେନ୍ଦୁଝର ସହରକୁ ସ୍ୱଚ୍ଛ ସୁନ୍ଦର ସମୃଦ୍ଧ ଓ ସ୍ୱାସ୍ଥ୍ୟକର କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପ କେବଳ ଲୋକଦେଖାଣିଆ ଏବଂ କାଗଜକଲମରେ ସୀମିତ ହୋଇ ରହିଯାଇଛି । ରାସ୍ତା କଡ଼ରେ କୁଢ଼ କୁଢ଼ ମଇଳା ସହ ବାସି ଖାଦ୍ୟ ଖାଇ ଶହ ଶହ ଗୋରୁ ମୃତ୍ୟୁ ବରଣ କରୁଚନ୍ତି । ସିସିଟିଭି ଚେକିଂ ଓ ଜୋରିମାନା କେବଳ ଘୋଷଣାରେ ସୀମିତ । ସର୍ବସାଧାରଣ ସ୍ଥାନରେ ଅଳିଆ ଆବର୍ଜନା ପକାଇଲେ କଡା ଜୋରିମାନା ଆଦାୟ କରିବାର ନିୟମ ଥିଲେ ମଧ୍ୟ ଅମାନିଆମାନେ ନିର୍ଭୟରେ ଚିହ୍ନଟ ସ୍ଥାନଗୁଡିକରେ କୁଢ଼ କୁଢ଼ ଅଳିଆ ପକାଉଛନ୍ତି । ପୌରପାଳିକାର ବିଭିନ୍ନ ୱାର୍ଡ଼ରେ ପ୍ରତ୍ୟେକ ଦିନ ସ୍ୱଚ୍ଛ ଗାଡି ବୁଲୁଥିଲେ ସୁଦ୍ଧା ଏବଂ ସ୍ୱଚ୍ଛସାଥୀମାନେ ୱାର୍ଡ଼ସ୍ତରରେ ଲୋକଙ୍କୁ ସଚେତନ କରୁଥିଲେ ମଧ୍ୟ କିଛି ଅସାଧୁ ବ୍ୟକ୍ତି ଓ ବ୍ୟବସାୟୀ ରାତିର ଅନ୍ଧକାରରେ ରାସ୍ତାକଡ଼ ଡ୍ରେନ ଓ ସର୍ବସାଧାରଣ ସ୍ଥାନରେ ଓଦା ଏବଂ ଶୁଖିଲା ଆବର୍ଜନା ଫିଙ୍ଗି ପଳାଉଛନ୍ତି । ରାସ୍ତାରେ ପଡି ରହୁଥିବା ବାସି ଖାଦ୍ୟ ଓ ପ୍ଲାଷ୍ଟିକକୁ ଗୃହପାଳିତ ଗୋରୁଗାଈ ଖାଇ ଅସୁସ୍ଥ ହେବା ସହ ମୃତ୍ୟୁବରଣ କରୁଥିବା ବେଳେ ବୁଲାକୁକୁରମାନେ ଏହାକୁ ଏଣେତେଣେ ବୋହି ନେଇ ସମଗ୍ର ସହରରେ



ଏକ ଅସ୍ୱସ୍ତିକର ପରିବେଶ ସୃଷ୍ଟି କରୁଥିବା କୁହାଯାଇଛି। ଏହାସହିତ ସହରରେ ଥିବା ବହୁ ହୋଟେଲ ଲଜ ଓ ରାସ୍ତାକଡରେ ଥିବା ଜଳଖିଆ ଦୋକାନଗୁଡିକ ଦୈନନ୍ଦିନ ବର୍ଜ୍ୟ ବସ୍ତୁକୁ ରାସ୍ତା ପାର୍ଶ୍ୱରେ ପକାଇବାର ଦୃଷ୍ଟି ଗୋଚର ହେଉଛି। ସବୁଠାରୁ ଦୁର୍ଭାଗ୍ୟଜନକ ବିଷୟ ହେଉଛି ଦୀର୍ଘ ୭୫ ବର୍ଷର କେନ୍ଦୁଝରଗଡ଼ ପୌରପାଳିକାର ଏଯାବତ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ନିର୍ଦ୍ଦିଷ୍ଟ ଡମ୍ପିୟାର୍ଡ଼ ପାଇଁ ସ୍ଥାନ ଚିହ୍ନଟ ହୋଇପାରିନାହିଁ। ସଫେଇ ବ୍ୟବସ୍ଥା ନାମରେ ବାର୍ଷିକ କୋଟି କୋଟି ଟଙ୍କାର ଖର୍ଚ୍ଚ ହେଉଥିଲେ ମଧ୍ୟ ତଦାରଖ ଅଭାବରୁ ଠିକାଦାର ମାନେ ୱାର୍ଡ଼ଗୁଡିକୁ ଠିକ ଭାବରେ ସଫା କରୁନଥିବା ପରିଲକ୍ଷିତ ହେଉଛି । ଏଭଳି ପରିସ୍ଥିତିରେ ୱାର୍ଡ଼ କାଉନସିଲରମାନେ ପ୍ରତିମାସରେ ସଫେଇ କାମ ଠିକ୍ ଭାବେ ହେଉଥିବା ନେଇ ମିଥ୍ୟା ରିପୋର୍ଟ ପ୍ରଦାନ କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଜୋରଦାର ଆଲୋଚନା ହେଉଛି। କାଉନସିଲରମାନେ ସହରବାସୀଙ୍କ ପାଇଁ ନା ସଫେଇ ଠିକାଦାରଙ୍କ ସ୍ୱାର୍ଥ ରକ୍ଷା ପାଇଁ କାମ କରୁଛନ୍ତି ତାହାକୁ ନେଇ ସହରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେନ୍ଦୁଝର ବିଧାୟକ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରକୁ ସମୃଦ୍ଧ ଓ ବିକଶିତ କରିବା ପାଇଁ ଅହରହ ଉଦ୍ୟମ ଜାରି ରଖିବା ସହ ଅଜସ୍ର ଅର୍ଥ ପ୍ରଦାନ କରୁଥିବାବେଳେ କିଛି କୁଚକ୍ରୀ ଗୋଷ୍ଠୀଙ୍କ ପ୍ରରୋଚନାରେ କେନ୍ଦୁଝର ସହରରେ ହେବାକୁ ଥିବା ବହୁ ପ୍ରକଳ୍ପକୁ ଦଳୀୟ ଭାବନାକୁ ଆଧାର କରି କାମ ଗୁଡିକ ଦେବା ସହ କିଛି ପ୍ରକଳ୍ପ ପାଇଁ ଅର୍ଥମଞ୍ଜୁରୀ ହୋଇଥିଲେ ମଧ୍ୟ କୁଚକ୍ରୀ ଗୋଷ୍ଠିଙ୍କ ପାଇଁ ସେଇ ପ୍ରକଳ୍ପ ଗୁଡିକୁ ବନ୍ଦ କରିଦିଆଯାଉଛି ବୋଲି ସହରବାସିଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ।

## ଶହେ ବର୍ଷର ବାହାଦୁରନଗର ୟୁଜିୟୁପି ବିଦ୍ୟାଳୟ

## ବର୍ଷା ହେଲେ ବିଚ୍ଛିନ୍ନ ହୋଇଯାଏ ରାସ୍ତା !

ବାଲିଚନ୍ଦ୍ରପୁର,(ନିପ୍ର): ଯାଜପୁର ଜିଲ୍ଲା ସ୍ଥିତ ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମ ପଞ୍ଚାୟତ ଅଧିନସ୍ଥ ବହାଦୁରନଗର ୟୁଜିୟୁପି ବିଦ୍ୟାଳୟ ଶିକ୍ଷାର ଆଲୋକ ବିସ୍ତାର କରିବାରେ ଦୀର୍ଘ ଏକ ଶତାବ୍ଦୀର ଇତିହାସ। ୧୯୨୬ ମସିହାରେ ସ୍ଥାପିତ ବାହାଦୁରନଗର ୟୁଜିୟୁପି ବିଦ୍ୟାଳୟ ୨୦୨୬ ମସିହାରେ ଶହେ ବର୍ଷ ପୂରଣ କରିଛି। କିନ୍ତୁ ଶହେ ବର୍ଷର ଏହି ପୁରୁଣା ଶିକ୍ଷାନୁଷ୍ଠାନ ଆଜି ମଧ୍ୟ ଏକ ମୌଳିକ ସମସ୍ୟାରୁ ମୁକ୍ତି ପାଇପାରିନାହିଁ । ସାମାନ୍ୟ ବର୍ଷା ହେଉ କିମ୍ବା ବନ୍ୟା ପରିସ୍ଥିତି ବିଦ୍ୟାଳୟକୁ ଯିବା ରାସ୍ତା ଜଳମଗ୍ନ ହୋଇପଡ଼ିଥାଏ। ଫଳରେ ବିଦ୍ୟାଳୟଟି ମୁଖ୍ୟ ରାସ୍ତାଠାରୁ ପ୍ରାୟ ବିଚ୍ଛିନ୍ନ ହୋଇଯାଏ। ଏହାର ସିଧାସଳଖ ପ୍ରଭାବ ପଡୁଛି ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ । ବର୍ଷା ଓ ବନ୍ୟା ସମୟରେ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଯିବା ଅତ୍ୟନ୍ତ କଷ୍ଟକର ହୋଇପଡୁଥିବା ବେଳେ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ଅନେକ ସମୟରେ ରାସ୍ତାକଡ଼ରେ



ଅପେକ୍ଷା କରି ନିଜ ଡ୍ୟୁଟି ଶେଷ କରି ଘରକୁ ଫେରୁଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟକୁ ମୁଖ୍ୟ ରାସ୍ତା ସହିତ ସଂଯୋଗ କରୁଥିବା ଏକ ଉପଯୁକ୍ତ ଓ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକ, ଅଭିଭାବକ ଓ ବିଦ୍ୟାଳୟ ସମ୍ପର୍କିତ ବ୍ୟକ୍ତିମାନଙ୍କ ପକ୍ଷରୁ ବାରମ୍ବାର ସରକାରୀ ଓ ପ୍ରଶାସନିକ ସ୍ତରରେ ଅଭିଯୋଗ କରାଯାଇଥିବା କୁହାଯାଉଛି । କିନ୍ତୁ ଅଭିଯୋଗ ପରେ ଅଭିଯୋଗ ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ନ ହେବାରୁ ଅଞ୍ଚଳବାସୀ ନିରାଶ ହୋଇପଡ଼ିଛନ୍ତି।

ଶହେ ବର୍ଷର ଐତିହ୍ୟବାହୀ ଏହି ବିଦ୍ୟାଳୟକୁ ବର୍ଷା ଓ ବନ୍ୟା ସମୟରେ ମୁଖ୍ୟ ରାସ୍ତାଠାରୁ ବିଚ୍ଛିନ୍ନ ହେବାରୁ ରକ୍ଷା କରିବା ପାଇଁ ଏକ ସ୍ଥାୟୀ, ଉଚ୍ଚ ଓ ଯାତାୟାତ ଉପଯୋଗୀ ରାସ୍ତା ନିର୍ମାଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷିତ ଯାତାୟାତ ସହିତ ଜଡ଼ିତ ଏହି ସମସ୍ୟାରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସ୍ଥାୟୀ ସମାଧାନ କରିବା ଆବଶ୍ୟକ। ଶହେ ବର୍ଷର ଗୌରବମୟ ଇତିହାସ ବହନ କରୁଥିବା ବାହାଦୁରନଗର ୟୁଜିୟୁପି ବିଦ୍ୟାଳୟକୁ ଆଉ କେତେଦିନ ଏଭଳି ରାସ୍ତା ସମସ୍ୟା ଭୋଗିବାକୁ ପଡ଼ିବ ଏହା ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଛନ୍ତି।

## ଛାତ୍ରୀମୃତ୍ୟୁ ଅଭିଯୋଗ: ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ଭାପୁର,(ନିପ୍ର): ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଭୁଲ୍ ଇଞ୍ଜେକ୍ସନ ପାଇଁ ଛାତ୍ରୀ ମୃତ୍ୟୁ ଅଭିଯୋଗ ଗତ ମାସ ୧୧ ତାରିଖରେ ଘଟଣା ଘଟିଯାଇଥିଲେ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପରିବାରକୁ ଜଣେଇ ନ ଥିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତି ସନ୍ଦେହ ବଢିଛି।ଏହା ମଧ୍ୟରେ ମୃତକଙ୍କ ପରିବାର ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୋଷ୍ଟମର୍ଟମ ରିପୋର୍ଟରେ କେଉଁଠି ନା କେଉଁଠି ସ୍ୱାସ୍ଥ୍ୟ ବିଭାଗର ଦୋଷ ତ୍ରୁଟି ରହିଥିବା ନେଇ ଲୁକ୍କାୟିତ ରଖାଯାଇଛି ବୋଲି ମୃତ ଛାତ୍ରୀଙ୍କ ପରିବାର ଅଭିଯୋଗ କରିଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ପୃକ୍ତ ଡାକ୍ତରଙ୍କ ବଦଳି କରି ଝାଡ଼ିଝୁଡି ହୋଇ ବସି ଯାଇଥିବା ବେଳେ ମୃତକ ପରିବାର ବ୍ୟବଚ୍ଛେଦ ରିପୋର୍ଟକୁ ଚାହିଁ ବସିଛନ୍ତି । ମୃତ ଛାତ୍ରୀଙ୍କ ପୋଷ୍ଟ ମର୍ଟମ ରିପୋର୍ଟ ଲୋକଲୋଚନକୁ ଆସିବାରେ ବିଳମ୍ବ ଏବଂ ତରବରିଆ ଭାବରେ ସମ୍ପୃକ୍ତ ଡାକ୍ତରଙ୍କ ବଦଳି ଆଦେଶ କେଉଁଠି ନା କେଉଁଠି ପ୍ରଶାସନର ଭୁଲ୍ ଘୋଡ଼େଇବା ପାଇଁ ଅପଚେଷ୍ଟା ଚାଲିଛି। ଏହି ଘଟଣା ପରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଜନସାଧାରଣଙ୍କର ଆସ୍ଥା ତୁଟି ଯାଇଥିବା କୁହାଯାଇଛି। ମୃତ ଛାତ୍ରୀଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରର ହସ୍ତଗତ ହୋଇଥିବା ନେଇ ମୃତକଙ୍କ ବାପା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ବିଭାଗ ଠାରୁ ଖବର ପାଇବା ପରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ବିଭାଗ ରାଜ୍ୟରୁ ଭିସାରା (ଫରେନସିକ ରିପୋର୍ଟ) ଆସିବା ପରେ ଦିଆଯିବ ବୋଲି କହିଛନ୍ତି। ଛାତ୍ରୀଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ପାଇଁ ବିଳମ୍ବ ହେଉଥିବା ଏବଂ ମୃତକ ପରିବାରକୁ ଦଫାରଫା ପାଇଁ ଆର୍ଥିକ ସହାୟତା ଯାଚିବା ନେଇ ପ୍ରଶାସନିକ ସ୍ତରରେ ଏହି ସମ୍ବେଦନଶୀଳ ଘଟଣାକୁ ଚାପି ଦେବା ପାଇଁ ହୀନ ଉଦ୍ୟମ ଚାଲିଛି ବୋଲି ମୃତ ଛାତ୍ରୀଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି ।

## ସହର ବିକାଶ ପାଇଁ ଟ୍ୟାକ୍ସ ଦେବାକୁ ନାଗରିକଙ୍କୁ ଆହ୍ୱାନ



କେସିଙ୍ଗା,(ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଗରିକଙ୍କୁ ଟ୍ୟାକ୍ସ ପ୍ରଦାନ କରି ସହର ବିକାଶରେ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି। କେସିଙ୍ଗା ଏନ୍ଏସି ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇଥିଲେ। ପ୍ରାରମ୍ଭିକ ଭାଷଣରେ ଏନ୍ଏସି ଅଧ୍ୟକ୍ଷ ନୃପରାଜ ଯାଦବ କହିଥିଲେ ଯେ, ଏନ୍ଏସିର ବିଦ୍ୟୁତ୍ ବାବଦରେ ପ୍ରତିମାସ ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସଫେଇ ବାବଦରେ ମଧ୍ୟ ବହୁ ବ୍ୟୟ ହେଉଛି। କିନ୍ତୁ କେତେକ ୱାର୍ଡରେ ନାଗରିକମାନେ ଟ୍ୟାକ୍ସ ଓ ଫି ପ୍ରଦାନ କରୁନଥିବାରୁ ସହରର ବିକାଶ କାର୍ଯ୍ୟ ପ୍ରଭାବିତ ହେଉଛି।

## କ୍ରୀଡ଼ା ଦିବସ ଅବସରରେ ସାଇକଲ ରାଲି

ପାରଳାଖେମୁଣ୍ଡି,(ନିପ୍ର): ମହାନ ହକି ଖେଳାଳି ତଥା ଭାରତୀୟ କ୍ରୀଡ଼ା ଜଗତର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀ ଅବସରରେ ପାଳିତ ଜାତୀୟ କ୍ରୀଡ଼ା ଦିବସର ତୃତୀୟ ତଥା ଶେଷ ଦିବସରେ ସଦର ମହକୁମା ଠାରେ ଏକ ସାଇକଲ ରାଲି ଆୟୋଜିତ ହୋଇଯାଇଛି। ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ସାଇକଲ ରାଲି ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଲିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପାତ୍ର ଏବଂ ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ରାଲି ପୂର୍ବରୁ ଅତିଥିମାନେ ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ବିଶକେକରେ ଇରାନ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦି

## ପଶ୍ଚିମ ଏସିଆ ସ୍ଥିତି ଉପରେ ଆଲୋଚନା



ନୂଆଦିଲ୍ଲୀ,୩୧।୮: କିର୍ଗିଜସ୍ତାନ ରାଜଧାନୀ ବିଶକେକରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଙ୍ଗଠନ (ଏସସିଓ) ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍‌ଙ୍କୁ ଭେଟିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଦୁଇ ବର୍ଷ ମଧ୍ୟରେ ଏହା ପ୍ରଥମ ବୈଠକ। ବୈଠକ ଅବସରରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଦୀର୍ଘସ୍ଥାୟୀ ଶାନ୍ତି ଓ ସ୍ଥିରତା ପାଇଁ ସମସ୍ତ ପ୍ରୟାସକୁ ଭାରତ ସମର୍ଥନ ଜଣାଇବା କଥା କହିଛି। ପ୍ରଧାନମନ୍ତ୍ରୀ ମୋଦି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ବିଭିନ୍ନ କ୍ଷେତ୍ରରେ ଇରାନ ସହିତ ଭାରତର ଦୀର୍ଘକାଳୀନ ବନ୍ଧୁତାକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ସେ ଦୋହରାଇ ଥିଲେ। ଆଗାମୀ ସମୟରେ ବାଣିଜ୍ୟ କ୍ଷେତ୍ରକୁ ଅଧିକ ବିସ୍ତାର ଓ ବ୍ୟାପକ କରିବାକୁ ଚାହୁଁଛୁ ବୋଲି ମୋଦି ଲେଖିଛନ୍ତି। ଦୁଇ ନେତା ପଶ୍ଚିମ ଏସିଆ ସ୍ଥିତି ଉପରେ ଆଲୋଚନା କରିଥିଲେ। ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହାକୁ ଏକ ସଫଳ ବୈଠକ ବୋଲି ବର୍ଣ୍ଣନା କରିଛନ୍ତି। ବୈଠକରେ ଇରାନର ବିଦେଶ ମନ୍ତ୍ରୀ ଆବାସ ଆରାଘଚି, ତେହେରାନର ଅନ୍ୟ ବରିଷ୍ଠ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦି ସଂଘର୍ଷର ଅନ୍ତ ପାଇଁ ହୋଇଥିବା ବୁଝାମଣାକୁ ସ୍ୱାଗତ କରିଥିଲେ ଓ ସ୍ଥାୟୀ ଶାନ୍ତି ଓ ସ୍ଥିରତା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତାକୁ ଦୋହରାଇଥିଲେ। ଉଭୟ ନେତା ପୂର୍ବରୁ ମାର୍ଚ୍ଚ ୨୧ରେ କଥା ହୋଇଥିଲେ, ଯେଉଁ ସମୟରେ ସେମାନେ ପଶ୍ଚିମ ଏସିଆ ଅଞ୍ଚଳର ସୁରକ୍ଷା ପରିସ୍ଥିତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ।

## ଆର୍ମେନିଆ ଗଣରାଜ୍ୟର ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲେ ମୋଦି

ନୂଆଦିଲ୍ଲୀ,୩୧।୮(ପିଆଇବି): କିର୍ଗିଜ୍ ରିପବ୍ଲିକର ବିଶକେକଠାରେ ଆୟୋଜିତ ୨୬ତମ ଏସସିଓ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆର୍ମେନିଆ ଗଣରାଜ୍ୟର ପ୍ରଧାନମନ୍ତ୍ରୀ ମହାମହିମ ନିକୋଲ ପାଶିନ୍ୟାନ୍ ସାକ୍ଷାତ କରିଛନ୍ତି। ଚଳିତ ବର୍ଷ ଜୁନ୍ ମାସରେ ଆର୍ମେନିଆରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ପାଶିନ୍ୟାନ୍ ପୁନର୍ବାର ପଦଭାର ଗ୍ରହଣ କରିବା ପରଠାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଏହା ତାଙ୍କର ପ୍ରଥମ ସାକ୍ଷାତ ଥିଲା। ନିର୍ବାଚନ ବିଜୟ ଏବଂ ଦାୟିତ୍ୱ ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଧାନମନ୍ତ୍ରୀ ପାଶିନ୍ୟାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ବୈଠକରେ ଦୁଇ ନେତା ପ୍ରତିରକ୍ଷା, ଆର୍ଥିକ, ଔଷଧ, ଖଣି, ଶିକ୍ଷା ଏବଂ ସାଂସ୍କୃତିକ କ୍ଷେତ୍ର ସମେତ ଦ୍ୱିପାକ୍ଷିକ ସହଯୋଗ ଉପରେ ଆଲୋଚନା କରିଥିଲେ। ନିକଟ ଅତୀତରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ସମ୍ପ୍ରସାରଣ ଉପରେ ସେମାନେ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ଦୁଇ ଦେଶ ମଧ୍ୟରେ ବିଶେଷ ଉଷ୍ମତା ଏବଂ



ବନ୍ଧୁତ୍ୱ ଦ୍ୱାରା ଚିହ୍ନିତ ଏହି ସମ୍ପର୍କକୁ ଆହୁରି ମଜବୁତ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଦୁଇ ନେତା ପଶ୍ଚିମ ଏସିଆର ପରିସ୍ଥିତି ସମେତ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ବିକାଶ ଉପରେ ମଧ୍ୟ ଆଲୋଚନା କରିଥିଲେ।

## ସିଜେପି ପଦଯାତ୍ରା ରୋକିବା ପାଇଁ ଆବେଦନ ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ





ନୂଆଦିଲ୍ଲୀ,୩୧।୮: ସେପ୍ଟେମ୍ବର ୫ ତାରିଖରେ ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରସ୍ତାବିତ ପଦଯାତ୍ରାକୁ ବନ୍ଦ କରିବାକୁ ମନା କରିଦେଇଛନ୍ତି। ଆବେଦନରେ ସେପ୍ଟେମ୍ବର ୧୨-୧୩ରେ ବ୍ରିକ୍ସ ଶିଖର ସମ୍ମିଳନୀ ହେବାକୁ ଥିବାରୁ ଏହାକୁ ସ୍ଥଗିତ ରଖିବାକୁ ଅନୁରୋଧ କରାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି, କୌଣସି ଅପ୍ରୀତିକର ଘଟଣା ଘଟିବ ବୋଲି ବିଶ୍ୱାସ କରିବାର କୌଣସି ଦୃଢ଼ କାରଣ ନାହିଁ। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଛନ୍ତି, କର୍ତ୍ତୃପକ୍ଷ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ସମସ୍ତ ପକ୍ଷ ଶାନ୍ତିପୂର୍ଣ୍ଣ, ଦାୟିତ୍ୱପୂର୍ଣ୍ଣ ଏବଂ ଆଇନ ଅନୁଯାୟୀ ଆଚରଣ କରିବା ନିଶ୍ଚିତ କରିବା ଆଶା କରାଯାଉଛି। ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତିର ଆଶଙ୍କା କରି ଆବେଦନକାରୀ କୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତେବେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ତାଙ୍କୁ କେନ୍ଦ୍ର ସରକାରଙ୍କ ନିକଟରେ ତାଙ୍କର ମାମଲା ଉପସ୍ଥାପନ କରିବାକୁ ଏବଂ ସଲିସିଟର ଜେନେରାଲଙ୍କୁ ଆବେଦନର ଏକ କପି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ଅଭିଜିତ୍ ଦିପକେଙ୍କ ଦଳ କେନ୍ଦ୍ର ସରକାର ପ୍ରତିଶ୍ରୁତି ଭାଙ୍ଗିଥିବାର ଅଭିଯୋଗ କରି ପଦଯାତ୍ରା କରିବାକୁ ଘୋଷଣା କରିଛି। ଦଳ କହିଛି, ସରକାରଙ୍କ ପ୍ରତିଶ୍ରୁତି ପୂରଣ କରିବାରେ ଲଗାତାର ବିଳମ୍ୱ ଏବଂ ବିଳମ୍ୱକୁ ଦୃଷ୍ଟିରେ ରଖି, ସିଜେପି ଜାତୀୟ କାର୍ଯ୍ୟ କମିଟି ଶାନ୍ତିପୂର୍ଣ୍ଣ ଉପାୟରେ ଲୋକମାନଙ୍କୁ ସଂଗଠିତ କରିବା ପାଇଁ ଏହାର ଅଭିଯାନ ପୁଣି ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ସେପ୍ଟେମ୍ବର ୫ ରେ, ଇଣ୍ଡିଆ ଗେଟରୁ ନୂଆଦିଲ୍ଲୀର ଦିଲ୍ଲୀ ପୁଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ଯୁବ ପଦଯାତ୍ରା ଆୟୋଜନ କରାଯିବ।

## ସୁପ୍ରିମକୋର୍ଟରେ ଇଥାନଲ ମାମଲା ଖାରଜ




ନୂଆଦିଲ୍ଲୀ,୩୧।୮: ପେଟ୍ରୋଲ ପମ୍ପଗୁଡ଼ିକରେ ବିକ୍ରି ହେଉଥିବା ପେଟ୍ରୋଲରେ କେତେ ପ୍ରତିଶତ ଇଥାନଲ ମିଶାଯାଇଛି ତାହାର ସ୍ପଷ୍ଟ ସୂଚନା ପ୍ରତ୍ୟେକ ନୋଜଲ ଉପରେ ଲେଖିବା ପାଇଁ ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଏମ୍.ଏମ୍. ସୁନ୍ଦରେଶ ଓ ବିଚାରପତି ପି.ବି. ଭରାଲେଙ୍କ ପୀଠ ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ସିଧାସଳଖ ଶୀର୍ଷ ଅଦାଲତକୁ ନ ଆସି ସମ୍ପୃକ୍ତ ସକ୍ଷମ କର୍ତ୍ତୃପକ୍ଷ କିମ୍ବା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଇଛନ୍ତି। ଆବେଦନକାରୀ ଆଡଭୋକେଟ୍ ନରେନ୍ଦ୍ର କୁମାର ଗୋସ୍ୱାମୀ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ ଜଣେ ଗ୍ରାହକ ଯେତେବେଳେ ବିସ୍କୁଟ୍ ପ୍ୟାକେଟିଏ କିଣନ୍ତି ସେଥିରେ ଥିବା ସାମଗ୍ରୀ ବିଷୟରେ ଜାଣିବାକୁ ପାଆନ୍ତି। ତେଣୁ ପେଟ୍ରୋଲ କିଣିବା ସମୟରେ ମଧ୍ୟ ସେଥିରେ ଇ୨୦ କିମ୍ବା କେତେ ପ୍ରତିଶତ ଇଥାନଲ ମିଶାଯାଇଛି ତାହା ଜାଣିବାର ଅଧିକାର ଗ୍ରାହକଙ୍କ ରହିଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି ଏହି ଆବେଦନକୁ ବିରୋଧ କରି ଦର୍ଶାଇଥିଲେ ଯେ ସରକାରଙ୍କ ଇଥାନଲ ମିଶ୍ରଣ ନୀତିକୁ ନେଇ ପୂର୍ବରୁ ଦାୟର ହୋଇଥିବା ଅନେକ ଆବେଦନକୁ କୋର୍ଟ ଆଗରୁ ହିଁ ଖାରଜ କରିସାରିଛନ୍ତି।

## ନେପାଳ ବନ୍ୟା: ଜଳବିଦ୍ୟୁତ୍ ପ୍ରକଳ୍ପରୁ ୯୩୩ ନିଖୋଜ

କାଠମାଣ୍ଡୁ,୩୧।୮: ନେପାଳରେ ଅଗଷ୍ଟ ୨୬ ତାରିଖରୁ ଯୋଗାଯୋଗ ବିଚ୍ଛିନ୍ନ ଥିବା ୯୩୩ ଜଣ ଜଳବିଦ୍ୟୁତ୍ ପ୍ରକଳ୍ପ କର୍ମଚାରୀ ଓ ଶ୍ରମିକଙ୍କୁ ଖୋଜିବା ପାଇଁ ଉଦ୍ଧାର ଅଭିଯାନ ଜୋରଦାର କରାଯାଇଛି। ବନ୍ୟାର ଷଷ୍ଠ ଦିନ ସୋମବାର ନେପାଳୀ ଉଦ୍ଧାରକାରୀ ଦଳ ବିଭିନ୍ନ ପ୍ରକଳ୍ପର ସୁଡ଼ଙ୍ଗରେ ଫସିଥିବା ଲୋକଙ୍କୁ ବାହାର କରିବା ପାଇଁ ଦିନରାତି ଉଦ୍ୟମ ଚଳାଇଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ପ୍ରାଧିକରଣ ଅନୁସାରେ, ବନ୍ୟାପ୍ରଭାବିତ ଅଞ୍ଚଳର ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକରୁ ୯୩୩ ଜଣ ନିଖୋଜ ଅଛନ୍ତି। ଏପର୍ଯ୍ୟନ୍ତ ବିଭିନ୍ନ ପ୍ରକଳ୍ପର ସୁଡ଼ଙ୍ଗରୁ ୨୭୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଏଥିରୁ ଅପର ତ୍ରିଶୁଲୀ-୧ ପ୍ରକଳ୍ପରୁ ୨୫୪ ଜଣ ଓ ଲାଙ୍ଗଟାଙ୍ଗ ଖୋଲା ପ୍ରକଳ୍ପରୁ ୧୮ ଜଣ ଉଦ୍ଧାର ହୋଇଛନ୍ତି। ଅନ୍ୟମାନଙ୍କ ସ୍ଥିତି ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଦୁଇଟି ସୁଡ଼ଙ୍ଗରୁ ତିନିଟି ମୃତଦେହ ମଧ୍ୟ ଉଦ୍ଧାର ହୋଇଛି। ୨୧୬ ମେଗାୱାଟ୍ କ୍ଷମତାର ନିର୍ମାଣାଧୀନ ଅପର ତ୍ରିଶୁଲୀ-୧ ପ୍ରକଳ୍ପର ୫୦୦ରୁ ଅଧିକ କର୍ମଚାରୀ, ଶ୍ରମିକ ଓ ଇଞ୍ଜିନିୟରଙ୍କ ସହ ଏପର୍ଯ୍ୟନ୍ତ ଯୋଗାଯୋଗ ହୋଇପାରିନାହିଁ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦୦ ଜଣ ସୁଡ଼ଙ୍ଗ ଭିତରେ ଥିବା ଆଶଙ୍କା କରାଯାଉଛି। ଅପର ତ୍ରିଶୁଲୀ-୩ବିରେ ୨୧୩, ରସୁୱାଗଢ଼ୀରେ ୯୩, ଅପର ତ୍ରିଶୁଲୀ-୩ଏ ଓ ଲାଙ୍ଗଟାଙ୍ଗ ଖୋଲାରେ ୪୨ ଜଣ ଲେଖାଏଁ ନିଖୋଜ ଅଛନ୍ତି। ମେଲୁଙ୍ଗ ଖୋଲାରେ ୭, ରସୁୱା-ଭୋଟେକୋଶୀରେ ୪ ଓ ମିଡିଲ୍ ତ୍ରିଶୁଳୀରେ ୨ ଜଣ ନିଖୋଜ ଅଛନ୍ତି। ବନ୍ୟାରେ ନୁୱାକୋଟ୍ ଅଞ୍ଚଳର ଅପର ତ୍ରିଶୁଳୀ-୩ଏ ପ୍ରକଳ୍ପର ସୁଡ଼ଙ୍ଗ ମାଟି ଓ ପଙ୍କରେ ପୋତି ହୋଇଯାଇଛି। ରବିବାର ନେପାଳୀ ସେନାର ଯନ୍ତ୍ରପାତି ଓ ବିସ୍ଫୋରଣ ମାଧ୍ୟମରେ ସୁଡ଼ଙ୍ଗର ପ୍ରବେଶପଥ ବଡ଼ କରିବା ଉଦ୍ୟମ ଆରମ୍ଭ ହୋଇଥିଲା।

## ପଞ୍ଜାବ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ ନିର୍ବାଚନରେ ଏବିଭିପିର ବାଜିମାତ୍

ନୂଆଦିଲ୍ଲୀ,୩୧।୮: ପଞ୍ଜାବ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବଡ଼ ବିଜୟ ହାସଲ କରିଛି । ଏବିଭିପିର ଅଙ୍କିତ୍ ବିଧାନ ୫୦୦ ଭୋଟ୍ ବ୍ୟବଧାନରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଏହି ବିଜୟ ସହିତ ପଞ୍ଜାବ ବିଶ୍ୱବିଦ୍ୟାଳୟର ଇତିହାସରେ ପ୍ରଥମ ଥର ପାଇଁ ଛାତ୍ର ସଂଘ ନିର୍ବାଚନରେ ଏବିଭିପି ଲଗାତାର ଦ୍ୱିତୀୟ ଥର ପାଇଁ ଶୀର୍ଷ ପଦବୀ ଜିତିଛି । ଚଳିତ ବର୍ଷ, ସଭାପତି ପଦ ପାଇଁ ଚାରି ଜଣଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଉପାଧ୍ୟକ୍ଷ, ସଚିବ, ଯୁଗ୍ମ ସଚିବ ଏବଂ ବିଭାଗ ପ୍ରତିନିଧି ପଦ ପାଇଁ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନରେ ମୋଟ ୧୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଏଥିରେ ସଭାପତି ପଦ ପାଇଁ ୪ ଜଣ ପ୍ରାର୍ଥୀ ଥିଲେ ।

## ଠକ ସୁକେଶ ଚନ୍ଦ୍ର ଶେଖରୁ ୮ ବର୍ଷ ସଶ୍ରମ ଜେଲଦଣ୍ଡାଦେଶ

ନୂଆଦିଲ୍ଲୀ,୩୧।୮: ଠକ ସୁକେଶ ଚନ୍ଦ୍ରଶେଖରକୁ ଦିଲ୍ଲୀର ଏକ କୋର୍ଟ ୮ ବର୍ଷ ସଶ୍ରମ ଜେଲଦଣ୍ଡାଦେଶ କରିଛନ୍ତି। ଠକ ସୁପ୍ରିମକୋର୍ଟ ବିଚାରପତିଙ୍କ ନାମ ନେଇ ଏକ ଅନ୍ୟ ଅପରାଧିକ ମାମଲାରେ ଜାମିନ ପ୍ରକ୍ରିୟାକୁ ପ୍ରଭାବିତ କରିବା ଅଭିଯୋଗରେ କୋର୍ଟ ଏହି ଦଣ୍ଡାଦେଶ କରିଛନ୍ତି। ତିଶହଜାରୀ କୋର୍ଟଙ୍କ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଜଷ୍ଟିସ୍ ହର୍ଷିତା ମିଶ୍ର ଭାରତୀୟ ଦଣ୍ଡ ସଂହିତାର ଧାରା ୧୭୦ ଅନୁସାରେ ୨ ବର୍ଷ ସଶ୍ରମ ଜେଦଣ୍ଡାଦେଶ ସହ ୫ ହଜାରଟଙ୍କା ଜରିମନା, ଧାରା ୧୮୯ ଅନୁସାରେ ୨ ବର୍ଷ କଠୋ ଜେଲ ସହ ୫ ହଜାର ଟଙ୍କା



ଜରିମନା ଓ ଧାରା ୫୦୭ ଅନୁସାରେ ୪ ବର୍ଷ କଠୋର ଜେଲଦଣ୍ଡାଦେଶ କରିଛନ୍ତି। ଅଗଷ୍ଟ ୨୯ରେ କୋର୍ଟ ଦ୍ୱାରା ଗୃହୀତ ଦଣ୍ଡାଦେଶକୁ ସୋମବାର ଉପଲବ୍ଧ କରାଯାଇଛି। ସୁକେଶ ଚନ୍ଦ୍ରଶେଖର ୨୦୧୭ ମସିହାରେ ଭ୍ରଷ୍ଟାଚାର ମାମଲାରେ ପୋଲିସ ହାଜତରେ ଥିବା ବେଳେ କନଷ୍ଟେବଳ ମନଜିତର ମୋବାଇଲ ଫୋନ ଉପଯୋଗ କରିଥିଲା।

## ସିନ୍ଧୁ ଜଳ ସନ୍ଧି ନେଇ ଭାରତର ବଡ଼ ନିଷ୍ପତ୍ତି

# କୋର୍ଟ ଅଫ୍ ଆର୍ବିଟ୍ରେସନର ରାୟକୁ କଲା ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ,୩୧/୮: ସିନ୍ଧୁ ଜଳ ସନ୍ଧିକୁ ନେଇ ଭାରତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। କୋର୍ଟ ଅଫ୍ ଆର୍ବିଟ୍ରେସନ୍ ପକ୍ଷରୁ ସିନ୍ଧୁ ଜଳ ସନ୍ଧିର ସ୍ଥିତି ଓ ଅନ୍ତରୀଣ ପଦକ୍ଷେପ ସମ୍ପର୍କିତ ଦିଆଯାଇଥିବା ସଦ୍ୟତମ ରାୟକୁ ଭାରତ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛି। କେବଳ ରାୟକୁ ନୁହେଁ, ଏହି ଆର୍ବିଟ୍ରେସନ୍ ସଂସ୍ଥାର ଅଧିକାର କ୍ଷେତ୍ରକୁ ମଧ୍ୟ ଭାରତ ଅସ୍ୱୀକାର କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ଭାରତର ସାର୍ବଭୌମ ନିଷ୍ପତ୍ତି ଉପରେ କୌଣସି ବାହ୍ୟ ସଂସ୍ଥାର ଅଧିକାର କ୍ଷେତ୍ର ନାହିଁ। ତେଣୁ କୋର୍ଟ ଅଫ୍ ଆର୍ବିଟ୍ରେସନର ଏହି ରାୟକୁ ଭାରତ ଗ୍ରହଣ କରିବ ନାହିଁ ବୋଲି କହିଛି। ସୋମବାର କୋର୍ଟ ଅଫ୍ ଆର୍ବିଟ୍ରେସନ୍ ପକ୍ଷରୁ ସିନ୍ଧୁ ଜଳ ସନ୍ଧିର ସ୍ଥିତି ଏବଂ ଅନ୍ତରୀଣ ପଦକ୍ଷେପ ସମ୍ପର୍କିତ ଏକ ନିଷ୍ପତ୍ତି



ପ୍ରକାଶ କରାଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟ ନିଜ ବିବୃତ୍ତିରେ କହିଛି ଯେ, ଏହି କଥିତ କୋର୍ଟକୁ ୱାର୍ଲ୍ଡ ବ୍ୟାଙ୍କ ଦ୍ୱାରା ସନ୍ଧିର ସର୍ତ୍ତାବଳୀକୁ ଉଲ୍ଲଂଘନ କରି ଗଠନ କରାଯାଇଥିଲା। ଭାରତ କହିଛି ଯେ, ଏପରି ଭାବେ ଗଠିତ ସଂସ୍ଥାର ରାୟକୁ ଗ୍ରହଣ କରିବାର ପ୍ରଶ୍ନ ହିଁ ଉଠୁନାହିଁ। ପୂର୍ବରୁ ଏହି ସଂସ୍ଥା ଦେଇଥିବା ନିଷ୍ପତ୍ତିଗୁଡ଼ିକୁ ମଧ୍ୟ ଭାରତ ଗ୍ରହଣ କରିନଥିଲା। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଆହୁରି କହିଛି ଯେ, ଆଇନଗତ ଦୃଷ୍ଟିରୁ ଭାରତ ଏହି ସଂସ୍ଥାର ଅସ୍ତିତ୍ୱକୁ କେବେ ବି ସ୍ୱୀକାର କରିନାହିଁ। ଭାରତର ମତ ହେଉଛି, ଏହି କଥିତ ଆର୍ବିଟ୍ରେଲ୍ ସଂସ୍ଥାର ଗଠନ ନିଜେ ସିନ୍ଧୁ ଜଳ ସନ୍ଧିର ଉଲ୍ଲଂଘନ। ଏହି କାରଣରୁ ଭାରତ କେବେ ବି ଏହି ସଂସ୍ଥା ସମ୍ମୁଖରେ ହାଜର ହୋଇନାହିଁ। ଏହା ପୂର୍ବରୁ ଦେଇଥିବା ରାୟଗୁଡ଼ିକୁ ମଧ୍ୟ ଭାରତ ଗୁରୁତ୍ୱ ଦେଇନଥିବା ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ସିନ୍ଧୁ ଜଳ ସନ୍ଧି ଭାରତ ଓ ପାକିସ୍ତାନ ମଧ୍ୟରେ ଜଳ ବଣ୍ଟନ ସହ ଜଡ଼ିତ ଏକ ପ୍ରମୁଖ ଚୁକ୍ତି। ଏହି ସନ୍ଧିକୁ ନେଇ ଦୁଇ ଦେଶ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ରହିଛି। ଏବେ କୋର୍ଟ ଅଫ୍ ଆର୍ବିଟ୍ରେସନ୍ର ରାୟକୁ ଭାରତ ଖାରଜ କରିବା ପରେ ଏହି ପ୍ରସଙ୍ଗ ଆହୁରି ଗୁରୁତ୍ୱ ବହନ କରିଛି। ଭାରତର ସ୍ପଷ୍ଟ ଆଭିମୁଖ୍ୟ ହେଉଛି, ଯେଉଁ ସଂସ୍ଥାର ଗଠନକୁ ଭାରତ ସନ୍ଧି ବିରୋଧୀ ବୋଲି ମନେ କରୁଛି, ସେହି ସଂସ୍ଥାର ରାୟକୁ ଭାରତ ମାନିବ ନାହିଁ।

## କିର୍ଗିଜ୍ ଗଣରାଜ୍ୟର ରାଷ୍ଟ୍ରପତିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ବୈଠକ

ନୂଆଦିଲ୍ଲୀ,୩୧।୮(ପିଆଇବି): ୨୦୨୬ ଅଗଷ୍ଟ ୩୧ ତାରିଖରେ ବିଶକେକଠାରେ ଆୟୋଜିତ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କିର୍ଗିଜ୍ ରିପବ୍ଲିକର ରାଷ୍ଟ୍ରପତି ମହାମହିମ ସାଦିର ଜାପାରୋଭଙ୍କୁ ସାକ୍ଷାତ କରିଛନ୍ତି। କିର୍ଗିଜ୍ ଗଣରାଜ୍ୟର ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଜାପାରୋଭଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ଏହି ଦିନରେ ଏସସିଓ ଶିଖର ସମ୍ମିଳନୀର ଶୁଭାରମ୍ଭ ହେବା ଏହାକୁ ଏକ ବିଶେଷ ମହତ୍ତ୍ୱ ପ୍ରଦାନ କରିଛି ବୋଲି ସେ କହିଥିଲେ। ୨୬ତମ ଏସସିଓ ଶିଖର ସମ୍ମିଳନୀର ସଫଳ ଆୟୋଜନ ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଜାପାରୋଭଙ୍କୁ ଅଭିନନ୍ଦନ ଜଣାଇଥିଲେ। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କରେ ହୋଇଥିବା ପ୍ରଗତିର ସମୀକ୍ଷା କରିବା ସହ ଭାରତ ଓ କିର୍ଗିଜ୍ ଗଣରାଜ୍ୟ ମଧ୍ୟରେ ରଣନୀତିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ପ୍ରତି ସେମାନଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଦୁଇ ଦେଶର ଅର୍ଥନୀତି ମଧ୍ୟରେ ଥିବା ପରିପୂର୍ଣ୍ଣତାକୁ ଧ୍ୟାନରେ ରଖି ଆର୍ଥିକ ଓ ବାଣିଜ୍ୟିକ ସହଯୋଗକୁ ଆହୁରି ବୃଦ୍ଧି କରିବାକୁ ସେମାନେ ସହମତ ହୋଇଥିଲେ।

## ପ୍ରଥମ ତ୍ରୈମାସରେ ଜିଡିପି ୭.୮ ପ୍ରତିଶତ

ନୂଆଦିଲ୍ଲୀ,୩୧।୮: ଆମେରିକା-ଇରାନ ଯୁଦ୍ଧ ବି ଭାରତର ଦ୍ରୁତ ଅଭିବୃଦ୍ଧିଶାଳୀ ଅର୍ଥନୀତି ଆଗରେ ହାର ମାନିଛି । ବିଶ୍ୱ ଯୋଗାଣ ଶୃଙ୍ଖଳାରେ ସୃଷ୍ଟି ହୋଇଥିବା ସମସ୍ୟାକୁ ସଫଳତାର ସହ ମୁକାବିଲା କରି ଭାରତୀୟ ଅର୍ଥବ୍ୟବସ୍ଥା ନିଜ ଗତି ବଜାୟ ରଖିବାରେ ସଫଳ ହୋଇଛି । ଏହାର ଉଦାହରଣ ହେଉଛି ଆର୍ଥିକ ବର୍ଷ ୨୦୨୬-୨୭ ପ୍ରଥମ ତ୍ରୈମାସିକ ଜିଡିପି (ସକଳ ଘରୋଇ ଉତ୍ପାଦ) ଡାଟା । ସୋମବାର କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ଜିଡିପି ଡାଟା ଜାରି କରାଯାଇଛି । ଭାରତୀୟ ଅର୍ଥନୀତି ଆର୍ଥିକ ବର୍ଷ ୨୦୨୭ର ଏପ୍ରିଲ-ଜୁନ୍ ତ୍ରୈମାସରେ ୭.୮ ପ୍ରତିଶତର ମଜଭୁତ ଅଭିବୃଦ୍ଧି ରେକର୍ଡ କରିଛି । ଗତ ଆର୍ଥିକ ବର୍ଷର ସମାନ ଅବଧିରେ ରେକର୍ଡ ୬.୯ ପ୍ରତିଶତ ବୃଦ୍ଧି ତୁଳନାରେ ବହୁ ଅଧିକ ରହିଛି । ସେହିପରି ଏହି ଅବଧିରେ ଦେଶର ନମିନାଲ୍ ଜିଡିପିରେ ୧୦.୩ ପ୍ରତିଶତର ବୃଦ୍ଧି ଘଟିଛି । ଏହି ବୃଦ୍ଧି ମଜଭୁତ ଖର୍ଚ୍ଚ ଏବଂ ରପ୍ତାନୀ କାରଣରୁ ହୋଇଛି । ସରକାରଙ୍କ ପୁଞ୍ଜିଗତ ବ୍ୟୟ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆମେରିକା-ଇରାନ ଯୁଦ୍ଧ ଯୋଗୁ ସୃଷ୍ଟି ଯୋଗାଣ ଶୃଙ୍ଖଳାରେ ବାଧାର କୌଣସି ପ୍ରଭାବ ପଡ଼ିନାହିଁ । କମୋଡିଟି ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ଭଲ ପ୍ରଦର୍ଶନ କରିଛି । ଜିଡିପିର ଏହି ଡାଟା ଅର୍ଥନୀତି ବିଶେଷଜ୍ଞଙ୍କ ଅନୁମନାକୁ ବି ପଛରେ ପକାଇଛି । ଉଲ୍ଲେଖଯୋଗ୍ୟ ଯେ ଏପ୍ରିଲ-ଜୁନ୍ ତ୍ରୈମାସିକରେ ଅଭିବୃଦ୍ଧି ହାରକୁ ନେଇ ଅର୍ଥଶାସ୍ତ୍ରୀମାନେ ୭.୧ରୁ ୭.୨ ପ୍ରତିଶତ ରହିବା ନେଇ ପୂର୍ବାନୁମାନ କରିଥିଲେ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ଦେଶର ଜିଡିପି ଉପରେ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ ପ୍ରଥମ ତ୍ରୈମାସିକରେ ଜିଡିପ ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିଛି । ସୀତାରମଣ ଏହି ଦୃଢ଼ ଅର୍ଥନୈତିକ ପ୍ରଦର୍ଶନକୁ ଏନଡିଏ ସରକାରଙ୍କ ଅର୍ଥନୈତିକ ସଂସ୍କାରକୁ ଶ୍ରେୟ ଦେଇଛନ୍ତି । ସେ ଅର୍ଥନୀତିର ସୁପରିଚାଳନାକୁ ଏକ ପ୍ରମୁଖ କାରଣ ଭାବରେ ମଧ୍ୟ ଉଲ୍ଲେଖ କରିଛନ୍ତି ।

## ଦିଲ୍ଲୀର ଏସ୍‌ଆଇଆର ଡ୍ରାଫ୍ଟ ତାଲିକା ପ୍ରକାଶ ୪୭ ଲକ୍ଷ ୫୬ ହଜାର ଭୋଟରଙ୍କ ନାମ ବାଦ୍ ପଡ଼ିଲା

ନୂଆଦିଲ୍ଲୀ,୩୧।୮: ଦିଲ୍ଲୀରେ ଅଗଷ୍ଟ ୧୭ ତାରିଖରେ ଶେଷ ହୋଇଥିବା ଏସଆଇଆରର ତୃତୀୟ ପର୍ଯ୍ୟାୟ ପରେ, ନିର୍ବାଚନ କମିସନ ଡ୍ରାଫ୍ଟ ତାଲିକା ପ୍ରକାଶ କରିଛନ୍ତି। ନିର୍ବାଚନ କମିସନଙ୍କ ଅନୁଯାୟୀ, ଦିଲ୍ଲୀର ୧ କୋଟି ୪୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ୬୭.୧୬%, ଅର୍ଥାତ୍ ୯୭ ଲକ୍ଷ ୫୦ ହଜାର ଭୋଟରଙ୍କ ଫର୍ମ ଡିଜିଟାଇଜେଡ୍ ହୋଇଛି। ଦିଲ୍ଲୀର ତୁଘଲକାବାଦ ଏବଂ ଓଖଲା ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁଠାରୁ କମ୍ ଡିଜିଟାଇଜେଡ୍ ଫର୍ମ ଅଛି। ରାଜଧାନୀର ମୋଟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୪୭ ଲକ୍ଷ ୫୬ ହଜାର ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ନିର୍ବାଚନ କମିସନଙ୍କ ଅନୁଯାୟୀ, ଦିଲ୍ଲୀର ଭୋଟରମାନେ ସରକାରୀ ୱେବସାଇଟ୍‌ରେ ପ୍ରକାଶିତ ଡ୍ରାଫ୍ଟ ଭୋଟର ତାଲିକାରେ ସେମାନଙ୍କର ନାମ ଯାଞ୍ଚ କରିପାରିବେ। ଏହା ସହିତ, ଭୋଟରମାନେ ସେମାନଙ୍କର ପଞ୍ଜିକରଣ ସ୍ଥିତି ଯାଞ୍ଚ କରିବା ଏବଂ ଅନ୍ୟାନ୍ୟ ସେବା ପାଇବା ପାଇଁ ଭାରତୀୟ ନିର୍ବାଚନ କମିସନର ଭୋଟର ସେବା ପୋର୍ଟାଲ୍ କିମ୍ବା ଭୋଟର ହେଲ୍ପଲାଇନ୍ ଆପ୍, ଇସିନେଟ୍ ବ୍ୟବହାର କରିପାରିବେ।

## ଟ୍ରକକୁ ଧକ୍କା ଦେଲା ମିନି ବସ୍, ୬ ମୃତ

ଦିସପୁର,୩୧।୮: ଟ୍ରକକୁ ଏକ ମିନିବସ୍ ଧକ୍କା ଦେବା ଫଳରେ ୬ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି । ଏପରି ଅଭାବନୀୟ ଘଟଣା ଘଟିଛି ଆସାମର ସୋନାପୁରରେ । ରବିବାର ସନ୍ଧ୍ୟାରେ ଏଠାରେ ମିନି ବସ୍ ଏବଂ ଟ୍ରକ୍ ମୁହାଁମୁହିଁ ହୋଇଛନ୍ତି । ୨୭ ନମ୍ବର ଜାତୀୟ ରାଜପଥରେ ଏହି ଅଘଟଣ ଘଟିଛି । ରିପୋର୍ଟ ଅନୁସାରେ, ସୋନାପୁରର କାମରୂପ ମେଟ୍ରୋପଲିଟନ ଜିଲ୍ଲାର ତେତେଲିୟା-ନଲଗେଦେରା ଅଞ୍ଚଳରେ ହୋଇଛି ।

## ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ ଟଏଲେଟ୍ ଟିସୁ ପେପରରେ 'ବମ୍' ଧମକ

ଅହମ୍ମଦାବାଦ,୩୧।୮: ଏୟାର ଇଣ୍ଡିଆର ବିମାନକୁ ବୋମା ଧମକ। ଏହି ଧମକ ପାଇବା ପରେ ସୋମବାର ଅହମ୍ମଦାବାଦ ବିମାନବନ୍ଦରରେ କରିଥିଲା ଜରୁରୀ ଅବତରଣ । ଏହି ବିମାନଟି ସାଉଦି ଆରବର ଦମ୍ମାମରୁ ନୂଆଦିଲ୍ଲୀ ଯାତ୍ରା କରୁଥିଲା। ବୋମା ଧମକ ପାଇବା ପରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ବିମାନକୁ ଅହମ୍ମଦାବାଦକୁ ଫେରାଇ ଆଣିଥିଲା। ଅହମ୍ମଦାବାଦ ପୋଲିସ କହିଛି, 'ଜଣେ କ୍ରୁ ମେମ୍ବର ବିମାନର ଟଏଲେଟରେ 'ବମ୍' ଶବ୍ଦ ଲେଖାଥିବା ଏକ ଟିସୁ ପେପର ପାଇଥିଲେ। ବିମାନରେ ୩୨ ଜଣ ଯାତ୍ରୀ ଥିଲେ, ଏବଂ ସମସ୍ତଙ୍କୁ ଟର୍ମିନାଲ ୨ ରେ ସୁରକ୍ଷିତ ଭାବରେ ବାହାରକୁ ଅଣାଯାଇଥିଲା।' ପୋଲିସର ସୂଚନା ଅନୁଯାୟୀ, ବିମାନଟି ଯାଞ୍ଚ କରାଯାଉଛି। ଅପରାହ୍ନ ପ୍ରାୟ ୪ଟା ୩୦ ସମୟରେ ଅହମ୍ମଦାବାଦ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନଟି ଜରୁରୀକାଳୀନ ଅବତରଣ କରିଥିଲା। ଜରୁରୀକାଳୀନ ଅବତରଣ ପରେ, ଅହମ୍ମଦାବାଦ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସକ୍ରିୟ କରି ଦିଆଯାଇଥିଲା। ଅଗ୍ନିଶମ ବାହିନୀ, ଉଓଝର, ବୋମା ନିଷ୍କ୍ରିୟକାରୀ ଦଳ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳକୁ ପହଞ୍ଚିଥିଲେ। ସୁରକ୍ଷା ଦଳ ସମ୍ପୂର୍ଣ୍ଣ ବିମାନକୁ ଘେରାବନ୍ଦୀ କରି ତଲାସି ଆରମ୍ଭ କରିଥିଲେ। ବିମାନ ଭିତରେ ଏକ ସନ୍ଦେହଜନକ ନୋଟ୍ ମିଳିବା ପରେ, ପ୍ରତ୍ୟେକ ଦିଗକୁ ଧ୍ୟାନରେ ରଖି ତଦନ୍ତ କରାଯାଉଛି। ବିମାନବନ୍ଦରରେ ଉପସ୍ଥିତ ସୁରକ୍ଷା ଏଜେନ୍ସିଗୁଡ଼ିକ ବିମାନ ଯାଞ୍ଚ କରିବା ସହିତ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ।

## ସିନ୍ଧିଚୋରି ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱରସ୍ଥିତ ମାନ୍ୟବର ଜେଏମଏଫସି-୩ ଅଦାଲତ ନୟାପଲ୍ଲୀ ଥାନା ଅଞ୍ଚଳରେ ହୋଇଥିବା ଏକ ସିନ୍ଧୀ ଚୋରୀମାମଲାର ଦ୍ରୁତ ବିଚାର କରି ଅଭିଯୁକ୍ତ ସଞ୍ଜୟ ବେହେରାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋଲିସର ତ୍ୱରିତ ତଦନ୍ତ ଫଳରେ ଏଫଆଇଆର ରୁଜୁ ହେବା ଦିନ ହିଁ ଚାର୍ଜସିଟ୍ ଦାଖଲ କରାଯାଇଥିଲା ଏବଂ ମାତ୍ର ୩୧ ଦିନମଧରେ ଅଭିଯୁକ୍ତକୁ କାରାଦଣ୍ଡ ସଜା ଶୁଣାଯାଇପାରିଛି। ଘଟଣାର ଅନ୍ତରାଳେ: ଅଭିଯୋଗକାରୀ ବୁଦ୍ଧିବାମନ ଦାସ ସିଆରପି ମୁଣ୍ଡା ସାହିସ୍ଥିତନୀଳକଣ୍ଠନଗରରେରୁହନ୍ତି। ଗତ ୩୦/୩୧.୦୭.୨୦୨୬ ତାରିଖ ରାତିରେ ସେ ଏବଂ ତାଙ୍କ ପତ୍ନୀ ଶୋଇଥିବା ବେଳେ ଅଭିଯୁକ୍ତ କୌଶଳକ୍ରମେ ଘର ଭିତରେ ପଶି ଏକ ଟେବୁଲ୍ ଡ୍ରୟରରୁ ତାଙ୍କର ଏକ ହାଲୁକା ସବୁଜ ରଙ୍ଗର ପର୍ସ ଚୋରି କରି ନେଇଯାଇଥିଲା। ଉକ୍ତ ପର୍ସରେ ୬୦,୦୦୦ ଟଙ୍କା ଏବଂ ଏକକାର୍ଡ ଥିଲା। ସକାଳୁ ଉଠିବା ପରେ ସେ ଘରୁ ଚୋରୀ ହୋଇଥିବା ଜାଣିପାରି ଏନେଇ ସେହି ଦିନ ତା ୩୧.୦୭.୨୦୨୬ ସକାଳ ୭.୦୦ ସମୟରେ ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ କରୁଥିବା ବେଳେ ଜଣେ ସାକ୍ଷୀଙ୍କ ଠାରୁ ସୂଚନା ପାଇଥିଲା ଯେ,ରାତି ପ୍ରାୟ ୨.୨୦ ସମୟରେ ଅଭିଯୁକ୍ତ ସଞ୍ଜୟ ବେହେରା ହାତରେ ଏକ ହାଲୁକା ସବୁଜ ରଙ୍ଗର ପର୍ସ ଧରି ଅଭିଯୋଗକାରୀଙ୍କ ଘରୁ ଦ୍ରୁତ ଗତିରେ ବାହାରି ପଳାଉଥିଲା। ଏହି ସୂଚନାକୁ ଆଧାର କରି ଏସଆଇ ଶୁଭ୍ରାଂଶୁ ମହାପାତ୍ରଙ୍କ ନେତୃତ୍ୱରେପୋଲିସ ତାରିଣୀ ନଗର ସାଲିଆ ସାହି ଅଞ୍ଚଳରେ ଚଢଉ କରି ଅଭିଯୁକ୍ତ ସଞ୍ଜୟ ବେହେରାକୁ ଦିନ ପ୍ରାୟ ୧.୪୫ ସମୟରେ କାବୁ କରିଥିଲା। ତଲାସି ସମୟରେ ତା' ସାର୍ଟ ଭିତରୁ ଚୋରି ଯାଇଥିବା ପର୍ସ,୫୪,୩୦୦ ଟଙ୍କା ଏବଂ ଆଧାର କାର୍ଡ ଜବତ କରାଯାଇଥିଲା। ପଚରାଉଚରା ବେଳେ ସେ ଚୋରି କରିଥିବା କଥା ଏବଂ ବାକି ଟଙ୍କା ଖର୍ଚ୍ଚ କରିଦେଇଥିବା ନେଇ ସ୍ୱୀକାର କରିଥିଲା। ଅଭିଯୁକ୍ତକୁ ଗିରଫ କରିବା ପରେ ଏସଆଇ ଶୁଭ୍ରାଂଶୁ ମହାପାତ୍ର ଅତ୍ୟନ୍ତ ତତ୍ପରତାର ସହ ସେହିଦିନତା ୩୧.୦୭.୨୦୨୬ ରାତି ୮ଟା ସମୟରେ ହିଁ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ମାମଲାର ବିଚାର ସମୟରେ ପ୍ରୋସିକ୍ୟୁସନ୍ ପକ୍ଷରୁ ମୋଟ ୭ ଜଣ ସାକ୍ଷୀଙ୍କ ଜବାନବନ୍ଦି ରେକର୍ଡ କରାଯିବା ସହ ୫ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ (ଯେପରିକି ଏଫଆଇଆର, ସିଜର୍ଲିଷ୍ଟ, ଜିମାନାମା ଇତ୍ୟାଦି) ଅଦାଲତରେ ଉପସ୍ଥାପନ କରାଯାଇଥିଲା। ସମସ୍ତ ବଳିଷ୍ଠ ପ୍ରମାଣକୁ ଅନୁଧ୍ୟାନ କରି ମାନ୍ୟବର ଅଦାଲତ ଆଜି ଅଭିଯୁକ୍ତ ସଞ୍ଜୟ ବେହେରାକୁ ବିଏନଏସର ଧାରା ୩୦୫(କ) ଆଧାରରେ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ତାଙ୍କୁ ୧ ବର୍ଷର ସାଧାରଣ କାରାଦଣ୍ଡ ସହିତ ୬,୦୦୦ ଟଙ୍କା ଜୋରିମନା ଆଦେଶ ଶୁଣାଇଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସାଧାରଣ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଫ୍ୟାକ୍ଟ୍ରିରେ ଭଙ୍ଗାରୁଜା ଓ ଚୋରି : ୭ ଗିରଫ




କଟକ(ନିପ୍ର): ଜଗତପୁର ନୂତନ ଶିଳ୍ପାଞ୍ଚଳରେ ଥିବା ଏକ କାରଖାନା ପାଚେରି ଭାଙ୍ଗି କାର୍ଯ୍ୟାଳୟ ଆସବାବପତ୍ର ଭଙ୍ଗାରୁଜା କରିବା ଓ ସାମଗ୍ରୀ ଚୋରିକରି ନେବା ଘଟଣାରେ ଜଗତପୁର ପୋଲିସ ୭ ଜଣକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଓ ଚୋରିରେ ବ୍ୟବହୃତ ଗାଡି ଜବତ କରିଛି। ଗିରଫ ଅଭିଯୁକ୍ତ ଜଗତପୁର ଶାନ୍ତି ନଗର ବସ୍ତିର ଲବ ମୁର୍ମୁ (୧୯), ବିକାଶ ନାୟକ ଓରଫ ବବଲୁ (୨୨), ରବୀନ ସିଂ ଓରଫ ଅକାଳୀ (୨୨), ଚନ୍ଦ୍ରମଣି ବେହେରା ଓରଫ ଡାମେରା ଥ୨୧), ଜଗତପୁର ଷ୍ଟେସନ ବଜାର ତାଳବଣିଆର ଜୟନ୍ତ ନାୟକ ଓରଫ ବାୟା ୧୯), ନିମପୁର ଝାଡୁବସ୍ତିର ଅନାମ ମଲ୍ଲିକ(୩୮) ଏବଂ ଚୌଦ୍ୱାର ବ୍ରାହ୍ମଣ ସାହିର ନବ ସେଠୀ (୨୨)। ମିଳିଥିବା ସୂଚନା ଅନୁଯାୟୀ ରବିବାର ଭୋର ରାତି ପ୍ରାୟ ସାଢେ ୩ଟା ବେଳେ ଅଭିଯୁକ୍ତମାନେ ନୂତନ ଶିଳ୍ପାଞ୍ଚଳରେ ଥିବା ଜଗନ୍ନାଥ ପଲିପ୍ୟାକ ପାଚେରି ଭାଙ୍ଗି ଭିତରେ ପଶିଥିବା ବେଳେ ସିକ୍ୟୁରିଟି ଗାର୍ଡ ଦେଖି ସଂସ୍ଥାର ଏଚଆର ଶିବାନୀ ସାସମଲଙ୍କୁ ଜଣାଇଥିଲେ। ଏଚଆର ମଙ୍ଗଳାବାଗ ସ୍ଥିତ କାନାରା ବ୍ୟାଙ୍କ ଆସେଟ୍ସ ରିକଭରି ମ୍ୟାନେଜମେଣ୍ଟ ବ୍ରାଞ୍ଚର ମୁଖ୍ୟ ପରିଚାଳକ ସଞ୍ଜୟ ଶ୍ରାବଣ ହେଡାଉଙ୍କୁ ଜଣାଇଥିଲେ। ମୁଖ୍ୟ ପରିଚାଳକ ଘଟଣା ସ୍ଥଳରେ ପହଂଚି ପାଚେରି ଭଙ୍ଗା ସହ କାର୍ଯ୍ୟାଳୟ ଆସବାବ ପତ୍ର ଭଙ୍ଗାରୁଜା ସହ ଲାପଟପ, ଏସି, କେବଲ ଆଦି ଚୋରି ହୋଇଥିବା ଦେଖିବା ପରେ ଜଗତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ନିକଟରେ ଲାଗିଥିବା ସିସିଟିଭି ଫୁଟେଜରୁ ସେମାନେ ଏକ ପିକଅପ ଭ୍ୟାନ (ଓଡି ୦୫ ସିଏଚ ୫୩୨୩) ରେ ଯାଇଥିବା ଜଣାପଡିବା ପରେ ଗାଡିର ତଥ୍ୟ ହାସଲ କରାଯାଇଥିଲା। ଗାଡି ମାଲିକ ଶାନ୍ତି ନଗର ବସ୍ତିର ରତ୍ନାକର ନାୟକ ବୋଲି ଜଣାପଡିବା ପରେ ତାକୁ ଜେରା କରାଯାଇଥିଲା। ତାଙ୍କ ପୁତ୍ର ବିକାଶର ସମ୍ପୃକ୍ତି ଜଣାପଡିବା ପରେ ତାକୁ ଗିରଫ କରାଯାଇଥିଲା ଓ ତା' ସୂଚନା ଆଧାରରେ ଅନ୍ୟମାନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ, ପିକଅପ ଭ୍ୟାନ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କଟକରୁ ଅପହୃତ ନାବାଳିକା ଉଦ୍ଧାର: ବୃଦ୍ଧ ଅଟକ

କଟକ(ନିପ୍ର): କଟକ ଷ୍ଟେସନରୁ ଅପହରଣ ହୋଇଥିବା ୭ ବର୍ଷର ନାବାଳିକା ଉଦ୍ଧାର ହୋଇଛି। ନାବାଳିକାକୁ ସୁରକ୍ଷିତ ଉଦ୍ଧାର କଲା କମିଶନରେଟ୍ ପୋଲିସ। ଅପହରଣ କରିଥିବା ବୃଦ୍ଧକୁ ଅଟକ ରଖି ପଚରାଉଚରା କରୁଛି ପୋଲିସ । ବୃଦ୍ଧ ଜଣକ କଟକ ବାଲିକୁଦା ଅଞ୍ଚଳର ବୋଲି ଜଣାପଡ଼ିଛି। ଦୁଇ ଦିନ ତଳେ କଟକ ଶିଖରପୁର ନିକଟସ୍ଥ ରେଳ ଷ୍ଟେସନ ନିକଟରୁ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଜଣେ ବୃଦ୍ଧ ନାବାଳିକାଙ୍କୁ ଅପହରଣ କରିବା ନେଇ ଅଭିଯୋଗ ହୋଇଥିଲା। କମିଶନରେଟ୍ ପୋଲିସ, ଜିଆରପି ଓ ଆରପିଏଫ୍ ମିଳିତ ଭାବେ ୧୦ଟି ଟିମ୍ ଗଠନ କରି ଖୋଜିଥିଲେ ଓ ସୂଚନାକାରୀଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ମଧ ଘୋଷଣା କରିଥିଲେ। ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ, ବୈଷୟିକ ତଥ୍ୟକୁ ଅନୁଧ୍ୟାନ କରି ନାବାଳିକାକୁ ଅପହରଣ କରିଥିବା ବୃଦ୍ଧଙ୍କ ପାଖରେ ପହଞ୍ଚିବାରେ ସକ୍ଷମ ହୋଇଥିଲା ପୋଲିସ। କଟକ ବାଲିକୁଦ ଅଞ୍ଚଳରୁ ସିଡବ୍ଲୁସିର ଟିମ ଏବଂ ପୋଲିସର ମିଳିତ ପ୍ରୟାସରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ନବାଳିକା ସୁସ୍ଥ ଥିବା ସିଡବ୍ଲୁସି ଅଧକ୍ଷ କହିଛନ୍ତି । ନାବାଳିକା ଜଣକଙ୍କୁ ଉଦ୍ଧାର କରିବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି । ପୋଲିସ ଝିଅଟିକୁ ସିଡବ୍ଲୁସିକୁ ହସ୍ତାନ୍ତର କରିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସିଡବ୍ଲୁସି ଅଧକ୍ଷ ମାନସ ରଞ୍ଜନ ବିଶ୍ୱାଳ କହିଛନ୍ତି।

## ହେଲଥ କେୟାରକୁ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ହେଲଥ କେୟାରରୁ ଚୋରି କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପ୍ରକାଶ ନାୟକ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ୨୫ ତାରିଖ ଦିନ ୧୨:୦୦ ସମୟରେ ଦୁଇଜଣ ବ୍ୟକ୍ତି ତ୍ରୟମ୍ବକମ ହେଲଥ କେୟାର ପରିସର ଭିତରକୁ ପଶି ଆଲୁମିନିୟମ୍ କବାଟ ଓ ଏସିର କପର ପାଇପ୍ ଚୋରି କରିଥିଲେ। ଅଭିଯୋଗକାରୀ ଦେବାଶିଷ ଗୁମାନସିଂ ସେମାନଙ୍କୁ ଚୋରି କରିବାରୁ ବାରଣ କରିବାରୁ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଜଣେ ଛୁରୀ ଦେଖାଇ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ତେବେ ଅଭିଯୋଗକାରୀ ଜଣେ ଅଭିଯୁକ୍ତକୁ କାବୁ କରିଥିଲେ ଏବଂ ପିସିଆର କର୍ମଚାରୀଙ୍କ ସହାୟତାରେ ତାଙ୍କୁ ପୋଲିସ ଜିମା ଦେଇଥିଲେ। ପରେ ସେ ଥାନାରେ ହାଜର ହୋଇ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ତଦନ୍ତ ସମୟରେ ଜଣାପଡ଼ିଲା ଯେ, ଅଭିଯୁକ୍ତ ଶ୍ରୀତମ ମୁଖୀ ଓ ଶଙ୍କର ନାଏକ ଏକ ସ୍କୁଟି ଯୋଗେ ଘଟଣାସ୍ଥଳକୁ ଆସିଥିଲେ। ସେମାନେ, ଏକାମ୍ର ମାର୍ଗ, ପ୍ଲଟ ନମ୍ବର-୧୬୦ରେ ଥିବା ତ୍ରୟମ୍ବକମ ହେଲଥ କେୟାର ପରିସର ଭିତରକୁ ପଶିଥିଲେ। ଉକ୍ତ କୋଠାଟି ବର୍ତ୍ତମାନ ବ୍ୟବହାରରେ ନଥିବା ଏବଂ ଅଭିଯୋଗକାରୀଙ୍କ ମାଲିକାନାରେ ଥିବା ଜଣାପଡ଼ିଥିଲା। ଆହୁରି ତଦନ୍ତରୁ ଜଣାପଡ଼ିଲା ଯେ, ଅଭିଯୁକ୍ତମାନେ ପୂର୍ବ ରାତିରେ ଉକ୍ତ କୋଠାରୁ ଚୋରି କରିଥିଲେ ଏବଂ ପୁଣି ଚୋରି କରିବା ଉଦ୍ଦେଶ୍ୟରେ କୋଠା ଭିତରକୁ ପଶିଥିଲେ। ସେହି ସମୟରେ ଅଭିଯୋଗକାରୀ ସେଠାରେ ଉପସ୍ଥିତ ଥିଲେ ଏବଂ ଉଭୟ ଅଭିଯୁକ୍ତ କୋଠା ଭିତରୁ ଏକ ଆଲୁମିନିୟମ୍ କବାଟ ଓ ଏସିର କପର ପାଇପ୍ ଖୋଲି ନେଉଥିବା ଦେଖିଥିଲେ। ଅଭିଯୋଗକାରୀ ସେମାନଙ୍କୁ ଚୋରି କରିବାରୁ ବାରଣ କରିବାରୁ ଅଭିଯୁକ୍ତ ଶଙ୍କର ନାଏକ ଛୁରୀ ଦେଖାଇ ତାଙ୍କୁ ଧମକ ଦେଇ ଘଟଣାସ୍ଥଳରୁ ଖସି ପଳାଇଥିଲା । କିନ୍ତୁ ଅଭିଯୋଗକାରୀ ଅଭିଯୁକ୍ତ ଶ୍ରୀତମ ମୁଖୀକୁ ସ୍କୁଟି ସହିତ ଏବଂ ଚୋରି ହୋଇଥିବା ଆଲୁମିନିୟମ୍ କବାଟ ଓ ଏସିର କପର ପାଇପ୍ ସହ କାବୁ କରିଥିଲେ। ପରେ ତାଙ୍କୁ ପିସିଆର କର୍ମଚାରୀଙ୍କ ଜିମା ଦେଇଥିଲେ। ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ଶ୍ରୀତମ ମୁଖୀଙ୍କୁ ଘଟଣା ଦିନ ଅର୍ଥାତ ୨୫।୦୮।୨୦୨୬ ରେ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ତାଙ୍କ ହେପାଜତରୁ ଗୋଟିଏ ସ୍କୁଟି, ଗୋଟିଏ ଆଲୁମିନିୟମ୍ ପ୍ୟାନେଲ୍ କବାଟ ଏବଂ ୨ଟି ଏସିର କପର ପାଇପ୍ ଜବତ କରିଥିଲେ । ଏହି ମାମଲାର ଅଧିକ ତଦନ୍ତ କାଳରେ ପୁଲିସ ଆଜି ପ୍ରକାଶ ନାୟକ ଓରଫ ଶଙ୍କର ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଅଭିଯୁକ୍ତ ପ୍ରକାଶ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ କ୍ୟାପିଟାଲ ଥାନାରେ ମୋଟ ୧୧ ଗୋଟି ଭିନ୍ନ ଅପରାଧିକ ମାମଲା ରହିଛି।

## ନିଶା ବେପାରୀକୁ ମାଡି ବସିଲା ପୋଲିସ

ଭୁବନେଶ୍ୱର(ନି.ପ୍ର): ବେଆଇନ ନିଶା କାରବାର କରୁଥିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସୁମନ ପରିଡା ଓରଫ ସାଗର। ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ଗତ ୩୦ ତାରିଖ ସନ୍ଧ୍ୟା ପ୍ରାୟ ୭.୦୦ ଟାରେ ଜଣେ ପେସାଦାର ଗଞ୍ଜେଇ ବେପାରୀ ପଳାଶୁଣି ବସ୍ ଷ୍ଟାଣ୍ଡରେ ଛିଡ଼ା ହୋଇ କୋଲକାତାକୁ ବସ୍ ଯୋଗେ ବେଆଇନ ଗଞ୍ଜେଇ ଚାଲାଣ କରିବାକୁ ଅପେକ୍ଷା କରିଥିବା ନେଇ ପୋଲିସକୁ ଖବର ମିଳିଥିଲା। ତୁରନ୍ତ ମଞ୍ଚେଶ୍ୱର ପୋଲିସର ଏକ ଟିମ୍ ସେଠାରେ ପହଞ୍ଚି ଅତର୍କିତ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତ ଖସି ପଳାଇବାକୁ ଚେଷ୍ଟା କରିଥିଲା, ମାତ୍ର ପୋଲିସ ତାକୁ କାବୁ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ତଲାସି ସମୟରେ ତା' ନିକଟରୁ ଏକ ଧଳା ଜରି ବସ୍ତାରେ ଥିବା ମୋଟ ୨୩ କେଜି ଗଞ୍ଜେଇ ଏବଂ ଗୋଟିଏ ସ୍ମାର୍ଟ ଫୋନ୍ ଉଦ୍ଧାର କରି ଜବତ କରାଯାଇଛି। ପଚରାଉଚରା ବେଳେ ସେ ଫୁଲବାଣୀ ଅଞ୍ଚଳରୁ ଏହି ଗଞ୍ଜେଇ ଆଣିଥିବା ଏବଂ ଅଧିକ ଲାଭ ପାଇଁ ଏହାର ବେପାର କରୁଥିବା କଥା ସ୍ୱୀକାର କରିଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ବେଆଇନ ମଇଁଷି ଚାଲାଣ, ୨ ଗିରଫ

ଭୁବନେଶ୍ୱର(ନି.ପ୍ର): ବେଆଇନ ଭାବେ ମଇଁଷି ଚାଲାଣ କରୁଥିବା ଅଭିଯୋଗରେ ଇନଫୋସ୍ୟାଲି ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସମିମ ଓ ଆଜାଦ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏନେଇ ରାଧାମୋହନ ପ୍ରଧାନ ଓ ସ୍ଥାନୀୟ ଗୋରକ୍ଷକ ଦଳ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଆଜି ସକାଳ ପ୍ରାୟ ୬.୨୦ ମିନିଟରେ ଗଙ୍ଗାପଡ଼ା ଏନଏଚ୍-୧୬ ରେ ଏକ ଅଶୋକ ଲେଲ୍ୟାଣ୍ଡ କଣ୍ଟେନର ଯୋଗେ ବେଆଇନ ଭାବେ ମଇଁଷି ଚାଲାଣ ହେଉଥିବା ଖବରପାଇ ଗୋରକ୍ଷକ ଦଳ ଉକ୍ତ ଗାଡ଼ିକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ମାତ୍ର ଅଭିଯୁକ୍ତ ଡ୍ରାଇଭର ଗାଡ଼ି ନ ଅଟକାଇ ଓଲଟା ସେମାନଙ୍କ ଉପରକୁ ଗାଡ଼ି ମଡ଼ାଇ ହତ୍ୟା କରିବାକୁ ଉଦ୍ୟମ କରିଥିଲା ଏବଂ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲା। ସୌଭାଗ୍ୟବଶତଃ ଗୋରକ୍ଷକ ଦଳ ରାସ୍ତା କଡ଼କୁ ଡେଇଁପଡ଼ି ନିଜ ଜୀବନ ବଞ୍ଚାଇବା ସହ ପିଛା କରି ପୁରୁଣା ଟୋଲ୍ ଗେଟ୍ ନିକଟରେ ଉକ୍ତ ଗାଡ଼ିକୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଇନଫୋସ୍ୟାଲି ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିରୁ ମୋଟ ୧୯ ଟି ମଇଁଷିକୁ ଅତି ଅମାନବୀୟ ଓ ସଙ୍କୁଚିତ ଅବସ୍ଥାରେ ଉଦ୍ଧାର କରିବା ସହ ଏକ ସ୍ଥାନୀୟ ଗୋଶାଳାକୁ ହସ୍ତାନ୍ତର କରିଛି। ଯାଞ୍ଚ ବେଳେ ଅଭିଯୁକ୍ତମାନେ କୌଣସି ବୈଧ କାଗଜପତ୍ର ଦେଖାଇପାରିନଥିଲେ। ପଚରାଉଚରା ବେଳେ ଅଭିଯୁକ୍ତମାନେ ଏହି ମଇଁଷି ଗୁଡ଼ିକୁ ଆନ୍ଧ୍ରପ୍ରଦେଶବିଶାଖାପାଟଣାକୁ ଚାଲାଣ କରୁଥିବା କଥା ମାନିଛନ୍ତି। ସଂଗୃହୀତ ପ୍ରମାଣ ଆଧାରରେ ଉଭୟ ଉତ୍ତରପ୍ରଦେଶର ଅଭିଯୁକ୍ତ ଡ୍ରାଇଭର ଶମିମ୍ ଏବଂ ତା'ର ସହଯୋଗୀ ଓ୍ୱଜିଦ୍ କୁଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଏସ୍‌ସିବି ଟଙ୍କା ହେରଫେର ମାମଲା ଦୀନେଶଙ୍କ ୪ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍

କଟକ(ନିପ୍ର): ଏସ୍‌ସିବିରେ ଟଙ୍କା ହେରଫେର୍ ଘଟଣା। ଏସସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ୧ କୋଟି ୪୦ ଲକ୍ଷ ଟଙ୍କା ହେରଫେର୍ ଘଟଣାରେ ମଙ୍ଗଳାବାଗ ଥାନା ପୁଲିସ ମାଷ୍ଟରମାଇଣ୍ଡ ଡାଟା ଏଣ୍ଟ୍ରି ଅପରେଟର ତଥା ଡିଇଓ ଦୀନେଶ ରାଉତକୁ ଗିରଫ କରିବା ପରେ ପୁଲିସ ଟାର୍ଗେଟରେ ଏବେ ଦୀନେଶର ବ୍ୟାଙ୍କ ଆକାଉଣ୍ଟ । ମଙ୍ଗଳାବାଗ ଥାନା ପୁଲିସ ଦୀନେଶର ୪ଟି ବ୍ୟାଙ୍କ ଆକାଉଣ୍ଟକୁ ଜବତ କରିଛି। ଏସବିଆଇ, ଆକ୍ସିସ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ କାନାରା ବ୍ୟାଙ୍କରେ ଥିବା ଏହି ବ୍ୟାଙ୍କ ଆକାଉଣ୍ଟକୁ ପୁଲିସ ଜବତ କରିଛି । ଏହି ଆକାଉଣ୍ଟରେ ଥିବା ମୋଟ ୧ ଲକ୍ଷ ୮୩ ହଜାର ଟଙ୍କା ଫ୍ରିଜ ହୋଇଛି । ଅନ୍ୟପଟେ ପୁଲିସ ଦୀନେଶକୁ ଦୁଇ ଦିନିଆ ରିମାଣ୍ଡରେ ଆଣିବାକୁ ଯୋଜନା କରୁଛି ।

## ପୀତବାସ ପଣ୍ଡା ହତ୍ୟା ମାମଲା
## ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ସର୍ତ୍ତମୂଳକ ଜାମିନ



ବ୍ରହ୍ମପୁର/କଟକ(ନିପ୍ର): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ମିଳିଛି ସର୍ତ୍ତମୂଳକ ଜାମିନ। ଏହି ମାମଲାରେ ହାଇକୋର୍ଟ ବିକ୍ରମ ପଣ୍ଡାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନ ଉପରେ ଶୁଣାଣି ପରେ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ତେବେ ଜାମିନ ସମୟରେ କୋର୍ଟଙ୍କ ପକ୍ଷରୁ ଧାର୍ଯ୍ୟ ସର୍ତ୍ତଗୁଡ଼ିକୁ ପାଳନ କରିବାକୁ ପଡ଼ିବ। ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁ ନେଇ ତଦନ୍ତ ଓ ଆଇନଗତ ପ୍ରକ୍ରିୟା ଜାରି ରହିଛି। ବହୁଚର୍ଚ୍ଚିତ ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଫାଇନାଲ ଚାର୍ଜସିଟ୍ ଦାଖଲ ହୋଇଥିଲା । ୩୯୬ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା ବ୍ରହ୍ମପୁର ପୋଲିସ। ଗତ ବର୍ଷ ଅକ୍ଟୋବର ୬ ତାରିଖ ରାତିରେ ବ୍ରହ୍ମପୁର ବୈକୁଣ୍ଠନଗର ସ୍ଥିତ ବାସଭବନଠାରୁ ମାତ୍ର କିଛି ଦୂରରେ ଗୁଳି କରି ପୀତବାସଙ୍କୁ ହତ୍ୟା କରିଥିଲେ ଦୁର୍ବୃତ୍ତ। ଏହି ଘଟଣାରେ ପୋଲିସ ପୂର୍ବତନ ବିଜେଡି ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ଏକାଧିକ ଲୋକଙ୍କୁ ଗିରଫ କରିଥିଲା। ଗତ ଜାନୁଆରୀ ୪ ତାରିଖରେ ବ୍ରହ୍ମପୁର ପୋଲିସ କୋର୍ଟରେ ଏକ ମଧ୍ୟବର୍ତ୍ତୀକାଳୀ ଚାର୍ଜସିଟ୍ ଦାଖଲ କରିଥିଲା। ଜୁନ୍ ଶେଷ ସପ୍ତାହରେ ଫାଇନାଲ୍ ଚାର୍ଜସିଟ୍ ସହ ମାମଲାର ତଦନ୍ତରେ ପରିସମାପ୍ତି ଘଟାଇଥିଲା ପୋଲିସ।

## କାଠଯୋଡ଼ି ନଦୀରୁ ପୁଣି ଅଜଣା ମୃତଦେହ ଉଦ୍ଧାର

କଟକ(ନିପ୍ର): କଟକ କାଠଯୋଡ଼ି ନଦୀରୁ ପୁଣି ଏକ ଅଜଣା ମୃତଦେହ ଉଦ୍ଧାର ହୋଇଛି। ସକାଳ ପ୍ରାୟ ୮ଟା ୨୦ ମିନିଟ୍ ସମୟରେ ଅଭିନବ ବିଡ଼ାନାସୀ ଅଗ୍ନିଶମ ସେବା କର୍ମଚାରୀମାନେ ଲାଲବାଗ ଥାନା ସମ୍ମୁଖ କାଠଯୋଡ଼ି ନଦୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ମେଡିକାଲକୁ ପଠାଯାଇଛି। ତେବେ ମୃତକଙ୍କ ପରିଚୟ ଏଯାଏଁ ମିଳିପାରି ନାହିଁ। କଟକର କାଠଯୋଡ଼ି ଓ ମହାନଦୀରୁ ନିୟମିତ ବ୍ୟବଧାନରେ ଏଭଳି ଅଜଣା ମୃତଦେହ ଉଦ୍ଧାର ହେଉଥିବା ଦେଖିବାକୁ ମିଳୁଛି, ଯାହାକି ସାଧାରଣରେ ଚିନ୍ତାର ବିଷୟ ପାଲଟିଛି।

## ମା, ପୁଅଙ୍କୁ ସଂଘବଦ୍ଧ ଆକ୍ରମଣ

ପିପିଲି (ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ଆଲିକିଆ ଗ୍ରାମରେ ମା, ପୁଅଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଥାନାରେ ୨୫୬/୨୬ ରେ ମାମଲା ରୁଜୁ ପୂର୍ବକ ତଦନ୍ତ ଜାରି ରହିଛି। ସୂଚନା ମୁତାବକ ଆଲିକିଆ ଗ୍ରାମର ବାବାଜି ସ୍ୱାଇଁଙ୍କ ପତ୍ନୀ ଜୟନ୍ତୀ ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ଶୁକ୍ରବାର ରାତି ସାଢ଼େ ୧୦ଟାରେ ଜୟନ୍ତୀଙ୍କ ପୁଅ ଓମ୍ ପ୍ରକାଶ ସ୍ୱାଇଁ ଗ୍ରାମର କପିଳେଶ୍ୱର ମନ୍ଦିର ବାରଣ୍ଡାରେ ବସିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ପପି ଜେନା ଓ ତାଙ୍କ ଭାଇ ତପି ଜେନା ସେଠାକୁ ଯାଇ ଜୟନ୍ତୀଙ୍କ ନାମ ଧରି ଓମ୍‌କୁ ଗାଳି ଗୁଲଜ କରିଥିଲେ। ଫଳରେ ଓମ୍ ସେମାନଙ୍କୁ କିଛି ନ କହି ଘରକୁ ପଳାଇ ଆସିଥିଲେ। ପରେ ପପି ଓ ତପିଙ୍କ ସହ ଗ୍ରାମର ଅନ୍ୟ ୨ଜଣ ଯୁବକ ଜୟନ୍ତୀଙ୍କ ଦୁଆରକୁ ଆସି ଓମ୍‌କୁ ମାରଧର କରିବାରୁ ଓମ୍ ଘର ଭିତରକୁ ପଶିଯାଇଥିଲେ। ଆସାମୀମାନେ ଜୋର୍ ଜବରଦସ୍ତ ଘରେ ପଶି ଓମ୍‌କୁ ମାଡ ମାରିବାରୁ ଜୟନ୍ତୀ ପ୍ରତିବାଦ କରିବାରୁ ଆସାମୀ ମାନେ ତାଙ୍କୁ ଆକ୍ରମଣ କରି ଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## କବାଡ଼ିବାଲାଙ୍କ କବ୍‌ଜାରେ ରୋଡ୍ ଓ ଡ୍ରେନ୍ !

ଭୁବନେଶ୍ୱର(ନିପ୍ର): ବିଗତ କିଛିବର୍ଷ ଧରି ଭୁବନେଶ୍ୱର ଉପକଣ୍ଠ ଖାରବେଳ ନଗର, ଷ୍ଟେସନ ସ୍କୋୟାର ମୁଖ୍ୟତଃ ରିଲାଏନ୍ସ ମଲ୍ ପଛପାଖରୁ ନୀଳାଚଳ ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତା ଏବଂ ଡ୍ରେନ୍‌କୁ କବାଡ଼ିବାଲା ଓ ଜବରଦଖଲକାରୀ ତାଙ୍କ କବ୍‌ଜାରେ ରଖିଛନ୍ତି । ଫଳରେ ଏହି ଅଞ୍ଚଳର ବସବାସ କରୁଥିବା ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ରାସ୍ତାଘାଟକୁ ଅଳିଆ ଆବର୍ଜନା କରିବା ସହ ରାସ୍ତା ଉପରେ ବିଭିନ୍ନ ପ୍ରକାର ଲୁହା ଆଣି ରୋଡ୍ ଉପରେ ହାତୁଡ଼ିରେ ବାଡ଼େଇ ଭାଙ୍ଗୁଛନ୍ତି। ଫଳରେ ରୋଡ୍ ଭାଙ୍ଗି ଯାଉଛି। ଜରି, ସୋଲ, ନାନା ପ୍ରକାର ବର୍ଜ୍ୟବସ୍ତୁ ଆଣି ସିଧାସଳଖ ଡ୍ରେନ୍‌ରେ ପକାଉଛନ୍ତି। ଫଳରେ ଡ୍ରେନ୍ ଚୋକ୍ ହୋଇଯାଉଛି। ବର୍ଷା ପାଣି ଡ୍ରେନ୍‌ରେ ନଯାଇ ଲୋକଙ୍କ ଘରେ ପଶୁଛି । ପାଖରେ ଥିବା ନୀଳାଚଳ ହସ୍ପିଟାଲକୁ ଜରୁରୀ ରୋଗୀ ଆସିବା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରିଲାଏନ୍ସ ମଲ୍ ପଛପାଖ ରୋଡର ମଝିଆମଝିରେ ଏକ କବାଡ଼ିବାଲା ସରକାରୀ ଜାଗାରେ ମାଡ଼ିବସି କବାଡ଼ି ଗୋଦାମ କରିଛି ଓ ଏହି କବାଡ଼ିବାଲା ପଶ୍ଚିମବଙ୍ଗର ଲୋକଙ୍କୁ ଆଣି ରଖିଛି । ଏମାନେ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଓ ଚୋରି ମଧ କରୁଥିବା ଅଭିଯୋଗ ହେଉଛି । ଏହି ସମସ୍ୟା ପ୍ରଶାସନକୁ ବହୁବାର ଲିଖିତ ଆକାରରେ ଜଣାଇଥିଲେ ହେଁ ସମାଧାନ ହେଉନାହିଁ । ମୋହନ ସରକାର ଏହି ସମସ୍ୟାର ସମାଧାନ କରିବେ ବୋଲି ଅଞ୍ଚଳବାସୀ ଅଭିଯୋଗପୂର୍ବକ ଜଣାଇଛନ୍ତି ।

## ଯୁବକଙ୍କୁ ବନ୍ଧୁକ ଦେଖାଇ ମରଣାନ୍ତକ ଆକ୍ରମଣ !

ପିପିଲି(ନିପ୍ର): କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ କୁଞ୍ଜର ଗ୍ରାମର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ନେଇ ଫୋନ ଯୋଗେ ସ୍ଥାନ ବୁଝି ଘଟଣା ସ୍ଥଳରେ ପହଞ୍ଚି ସଂଘବଦ୍ଧ ଭାବରେ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇ ଥିବା ଯୁବକଙ୍କୁ ବାଲକାଟୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭୁବନେଶ୍ୱର ପଠାଯାଇଛି। ଏନେଇ ଆକ୍ରମଣର ଶିକାର ହୋଇ ଥିବା ଯୁବକଙ୍କ ବାପା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପିପିଲି ପୋଲିସ ଥାନା କେଶ ନଂ -୫୪୦/୨୬ ରେ ମାମଲା ଆଗତ କରିଛି।ସୂଚନା ଅନୁଯାୟୀ କୁଞ୍ଜର ଗ୍ରାମର ଲକ୍ଷ୍ମୀଧର ପ୍ରଧାନଙ୍କ ପୁଅ ସାଙ୍ଗ ସାଥୀଙ୍କ ସହିତ ଦୁଲ୍ଲାଦେଇ ମନ୍ଦିର ଠାରେ କାର୍ଯ୍ୟ କରୁଥଲେ। ସେହି ସମୟରେ ଜଣେ ଯୁବକ ତାଙ୍କୁ ଫୋନ କରି କୋଉଠି ବୋଲି ପଚାରି ବୁଝି ଥିଲେ। ଲକ୍ଷ୍ମୀଧରଙ୍କ ପୁଅ ଠାକୁରାଣୀଙ୍କ ମନ୍ଦିର ପାଖରେ ଅଛି ବୋଲି କହିବାରୁ ଫୋନ କରି ଥିବା ଯୁବକ ଫୋନ କାଟି ଦେଇ ଥିଲେ। ଫୋନ କାଟିବାର ୧୦/ ୧୫ ମିନିଟ ପରେ ଫୋନ କରି ଥିବା ଯୁବକ ଏବଂ ତାର ଜଣେ ସହଯୋଗୀ ବାଇକରେ ସେଠାରେ ପହଞ୍ଚି ହଠାତ୍ ଗାଳି ଗୁଲଜ କରି ଜୀବନରୁ ମାରି ଦେବା ଉଦ୍ଦେଶ୍ୟ ରେ ମୁଣ୍ଡରେ ବନ୍ଧୁକ ଲଗାଇ ଥିଲେ। ସେହି ସମୟରେ ବନ୍ଧୁକଧାରୀଙ୍କ ୭/୮ ସହଯୋଗୀ ପହଞ୍ଚି ଲୁହା ରଡ଼ ଯୋଗେ ଆକ୍ରମଣ କରି ରକ୍ତାକ୍ତ କରି ଦେଇ ଥିଲେ। ଲକ୍ଷ୍ମୀଧରଙ୍କ ପୁଅ ରକ୍ତାକ୍ତ ହୋଇ ପଡି ଥିବା ବେଳେ ଆକ୍ରମଣକାରୀମାନେ ତାଙ୍କ ପାଖରେ ଥିବା ୨୮ ହଜାର ଟଙ୍କା ଲୁଟି ବିଧା ଗୋଇଠା ମାରି ଥିଲେ। ସେହି ସମୟରେ ଲକ୍ଷ୍ମୀଧର ପହଞ୍ଚି ଯିବାରୁ ଆକ୍ରମଣକାରୀମାନେ ପଳାଇ ଯାଇ ଥିଲେ। ଲକ୍ଷ୍ମୀଧର ପୁଅକୁ ମୁର୍ମୂର୍ଷୁ ଅବସ୍ଥାରେ ଚିକିତ୍ସା ପାଇଁ ବାଲକାଟୀ ନେଇ ଥିଲେ ବୋଲି ଅଭିଯୋଗରେ ଦର୍ଶାଇ ଅଛନ୍ତି।

## ୨ ତାର ଚୋରଙ୍କୁ ପୁଲିସ ଜିମା ଦେଲେ ଗ୍ରାମବାସୀ



ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ ରାୟାଁରାମଚନ୍ଦ୍ରପୁର ଗ୍ରାମରେ ପଞ୍ଚାୟତ ଅଫିସ ସନ୍ନିକଟ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସଂଯୋଗ ହୋଇଥିବା ତାର ଚୋରି ଘଟଣାରେ ଗ୍ରାମବାସୀ ଦୁଇଜଣଙ୍କୁ ଅଟକ ରଖି ପୁଲିସ ଜିମା ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗତକାଲି ରାତିରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସଂଯୋଗ ହୋଇଥିବା ୩୦ ମିଟରର ଥ୍ରୀଫେଜ୍‌ର ୧୦ ଏମଏମ୍‌ର ତାର ଦୁର୍ବୃତ୍ତମାନେ ଚୋରିକରି ନେଇଥିଲେ। ଏହାର ଦୁଇ ସପ୍ତାହ ପୂର୍ବରୁ ମଧ ସମାନ ଭାବେ ତାର ଚୋରି ହୋଇଥିବା ବେଳେ ପଞ୍ଚାୟତ କର୍ତ୍ତୃପକ୍ଷ ପୁଣି ନୂଆ ତାର ଲଗାଇଥିଲେ। ସୋମବାର ଗ୍ରାମବାସୀମାନେ କୌଣସି ସୂତ୍ରରୁ ପାଇଥିବା ସୂଚନା ଆଧାରରେ ସେହି ଗ୍ରାମର ଜେନା ସାଙ୍ଗିଆଧାରୀ ଜଣେ ଯୁବକଙ୍କୁ ଅଟକାଇ ପଚରାଉଚରା କରିଥିବା ବେଳେ ଯୁବକ ଜଣକ ତାର ଚୋରି କରିଥିବା ନେଇ ସହସ୍ରାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ସତ ମାନିଥିଲା। ଏପରିକି ଚୋରି ହୋଇଥିବା ତାରକୁ ଯୁବକ ଜଣକ ଗ୍ରାମ୍ୟ ମୁଖ୍ୟ ଦେବବ୍ରତ ନନ୍ଦଙ୍କୁ ପ୍ରଦାନ କରିଥିଲା। ସେହିପରି ଖଗେନ୍ଦ୍ର ପକେଟ୍ ସର୍ଚ୍ଚ କରିବାରୁ ପକେଟ୍ ଭିତରୁ ଏକାଧିକ ସଂଖ୍ୟାରେ ବ୍ରାଉନସୁଗର ପୁଡିଆ ସହ ବିଡି ଓ ଦିଆସିଲି ବାହାରିଥିଲା। ଏହି ତାର ଚୋରି ସମୟରେ ସ୍ଥାନୀୟ କାଶିମପୁର ଗ୍ରାମର ପ୍ରଧାନ ସାଙ୍ଗିଆଧାରୀ ଅନ୍ୟ ଜଣେ ଯୁବକ ତାର ସହଯୋଗୀ ଥିଲା ବୋଲି ଯୁବକ ଜଣକ ପ୍ରକାଶ କରିଥିଲା। ୧୩ ଦିନ ତଳେ ଅନୁରୂପ ଭାବେ ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ଉଭୟ ମିଶି ତାର ଚୋରିକରି ଥିବାବେଳେ ସେହି ତାରକୁ କବାଡିଆକୁ ୭୦୦ ଟଙ୍କାରେ ବିକ୍ରି କରିଛନ୍ତି ବୋଲି ଯୁବକ ଜଣକ ପ୍ରକାଶ କରିଥିଲେ। ପରେ ଗ୍ରାମବାସୀ କାଶିମପୁରକୁ ଯାଇ ଉକ୍ତ ଯୁବକଙ୍କୁ ଉଠାଇ ଆଣିବା ସହ ଜଳେଶ୍ୱର ଥାନାକୁ ଖବର ଦେଇଥିଲେ। ପୁଲିସ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀମାନେ ଉଭୟଙ୍କୁ ପୁଲିସ ଜିମାରେ ଦେଇଛନ୍ତି। ସେହିପରି ଏ ସମ୍ପର୍କରେ ଥାନାରେ ଏକ ଲିଖିତ ଅଭିଯୋଗ ମଧ କରିଛନ୍ତି।

## ଉପମୁଖ୍ୟମନ୍ତ୍ରୀ ପଦବୀରେ କୌଣସି ଅନିୟମିତତା ନାହିଁ: ଏଜି

ଭୁବନେଶ୍ୱର,(ନିପ୍ର): ଉପମୁଖ୍ୟମନ୍ତ୍ରୀ ପଦ ଅସାମ୍ବିଧାନିକ ଦର୍ଶାଇ ହାଇକୋର୍ଟରେ ମାମଲା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଏଜି ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ପିଆଇଏଲ କରାଯିବା ଉଦ୍ଦେଶ୍ୟ ପ୍ରଣୋଦିତ । ଉପ ମୁଖ୍ୟମନ୍ତ୍ରୀ ପଦବୀରେ କୌଣସି ଅନିୟମିତତା ନାହିଁ। ଅନେକ ରାଜ୍ୟରେ ଉପମୁଖ୍ୟମନ୍ତ୍ରୀ ପଦବୀ ରହିଛି। ପୂର୍ବରୁ ଓଡ଼ିଶାରେ କଂଗ୍ରେସ ସମୟରେ ଉପମୁଖ୍ୟମନ୍ତ୍ରୀ ପଦବୀ ଥିଲା। ଶାସନକୁ ସୁପରିଚାଳନା ପାଇଁ ଏଭଳି ବ୍ୟବସ୍ଥା ରହିଛି। ମିନିଷ୍ଟର ପେ ଆଣ୍ଡ ଆଲଉନ୍ସ ନିୟମ ଅନୁସାରେ ସବୁ ହେଉଛି।

## ହତ୍ୟା ଉଦ୍ୟମ ଓ ବୋମା ମାଡ ଘଟଣା, ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ ଓ ବୋମା ମାଡ ଘଟଣାରେ ଫେରାର ଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସୁଶାନ୍ତ ନାୟକ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ପୁଲିସ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୪.୦୨.୨୦୧୯ ତାରିଖରେ ଓସିସି ବସ୍ତିରେ ନେହେରୁ ବସ୍ତିର ଭସାଣୀ ଶୋଭାଯାତ୍ରା ଚାଲିଥିବା ବେଳେ ରାତି ପ୍ରାୟ ୮.୦୦ ଟାରେ ପୂର୍ବ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମଧରେ ଗଣ୍ଡଗୋଳ ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଅଭିଯୁକ୍ତ ପୋକରା ଏବଂ ତା'ର ୫ ଜଣ ସହଯୋଗୀ ସେହି ରାତି ପ୍ରାୟ ୧୧.୦୦ ଟାରେ ଖଣ୍ଡା ଓ ହାତତିଆରି ବୋମା ଧରି ୨ଟି ବାଇକରେ ଓ ସିସିବସ୍ତିରେ ପହଞ୍ଚିଥିଲେ। ସେମାନେ ଅଭିଯୋଗକାରୀଙ୍କ ଭାଇ ପପୁଦିଗଲଙ୍କୁ ଖଣ୍ଡାରେ ଅତି ନିର୍ମମ ଭାବେ ହାଣି ହତ୍ୟା ଉଦ୍ୟମ କରିଥିଲେ, ଯାହାଫଳରେ ତାଙ୍କ ଡାହାଣ ହାତର ବୃଦ୍ଧାଙ୍ଗୁଳି ଛିଣ୍ଡିଯିବା ସହ ସେ ଗୁରୁତର ଆହତ ହୋଇଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହେବାରୁ ଅଭିଯୁକ୍ତମାନେ ଲୋକଙ୍କୁ ଘଉଡ଼ାଇବା ପାଇଁ ୨ଟି ବୋମାମାଡ଼ କରି ସେଠାରୁ ଫେରାର ହୋଇଯାଇଥିଲେ।

## ଅନ୍ତର୍ଜାତୀୟ ଫୁଟବଲ୍‌ରୁ...
# ଅବସର ନେଲେ ମେସି



ନୂଆଦିଲ୍ଲୀ, ୩୧/୮: ଫିଫା ବିଶ୍ୱକପ୍ ଫାଇନାଲ୍‌ରେ ହାରିଯିବାର କିଛି ଦିନ ପରେ ନିଜ ପିତାଙ୍କୁ ବି ହରାଇଥିଲେ। ଏବେ ନିଜ ପ୍ରିୟ ଖେଳ ଫୁଟ୍‌ବଲ୍‌ର ଅନ୍ତର୍ଜାତୀୟ ଦୃଶ୍ୟପଟ୍ଟରୁ ବି ଦୂରେଇଗଲେ। ବିଶ୍ୱବ୍ୟାପୀ କୋଟି କୋଟି ଫୁଟ୍‌ବଲ୍ ପ୍ରଶଂସକଙ୍କ ହୃଦୟ ଜିତିଥିବା ଲିଓନେଲ୍ ମେସି ଆଉ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ଖେଳିବେ ନାହିଁ ବୋଲି ସୋମବାର ଘୋଷଣା କରି ଦେଇଛନ୍ତି। ୩୯ ବର୍ଷ ବୟସରେ ବି ପଡ଼ିଆ ଭିତରେ ପଶିବା ମାତ୍ରେ ପ୍ରଶଂସକଙ୍କୁ ତାଙ୍କ ପ୍ରତିଟି ଗତି, ଡ୍ରିବଲ୍, ବଲ୍ ଟଚ୍, କିକ୍, ଫ୍ରି-କିକ୍‌ରେ ରୋମାଞ୍ଚିତ କରୁଥିବା ଏହି ମହାନ ଖେଳାଳିଙ୍କୁ ଏବେ ସେମାନେ ମିସ୍ କରିବେ। ଅନେକ ଗୌରବ ଓ ରେକର୍ଡର ଅଧିକାରୀ ବିଶ୍ୱ ଫୁଟ୍‌ବଲ୍‌ର ମହାନ ଖେଳାଳି ତଥା ଏହି କିଂବଦନ୍ତି ପୁରୁଷ ଜୁଲାଇ ୧୯ ତାରିଖରେ ସ୍ପେନ୍ ନିକଟରୁ ଆର୍ଜେଣ୍ଟିନାର ବିଶ୍ୱକପ୍ ପରାଜୟ ପରେ ଅବସର ଆଭାସ ଦେଇଥିଲେ।

## ଓଡ଼ିଶା ହିତରେ ଏମଏମଡିଆର

**ନୂଆଦିଲ୍ଲୀ, ୩୧/୮(ପିଆଇବି):** କେନ୍ଦ୍ର ସରକାରଙ୍କ ଦ୍ୱାରା ଏମଏମଡିଆର ଆଇନରେ ସଂଶୋଧନ ଓଡ଼ିଶାର ସାଧାରଣ ଲୋକଙ୍କ ଲାଭ ପାଇଁ ଉଦ୍ଦିଷ୍ଟ। ବଡ଼ବିଲର ସ୍କୁଲ ଶିକ୍ଷକ, ଯୋଡା-ବାମେବାରୀ ରାସ୍ତାର ଟିପର ଡ୍ରାଇଭର, ସୁଭଦ୍ରା କିସ୍ତି ପାଇଁ ଅପେକ୍ଷା କରୁଥିବା କୋରାପୁଟର ଆଦିବାସୀ ମହିଳା, ସୁନ୍ଦରଗଡ଼ରେ ପକ୍କା ଘର ତିଆରି କରୁଥିବା ରାଜମିସ୍ତ୍ରୀ ଏବଂ କଳିଙ୍ଗ ନଗର କ୍ଲଷ୍ଟରରେ ନିଯୁକ୍ତି ଖୋଜୁଥିବା ଯାଜପୁରର ଯୁବ ସ୍ନାତକଙ୍କୁ ଏହି ସଂଶୋଧନର ଲାଭ ମିଳିବ। ଏହାଦ୍ୱାରା ରାଜସ୍ୱ ହ୍ରାସ ପାଇବ ନାହିଁ। ଏନଡିଏ ସରକାରଙ୍କ ଅଧୀନରେ ଖଣି କ୍ଷେତ୍ର ସଂସ୍କାର ଏବଂ ସ୍ୱଚ୍ଛ ନିଲାମ ପରେ ଓଡ଼ିଶାର ଖଣିଜ ରାଜସ୍ୱ ବର୍ତ୍ତମାନ ପ୍ରାୟ ୫୦,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୪ ମସିହାରେ ଏହା ମାତ୍ର ୫,୦୦୦ କୋଟି ଟଙ୍କା ଥିଲା। ଏହି ସଂଶୋଧନ ମୁଖ୍ୟ ରାଜ୍ୟ ରାଜସ୍ୱ ଢାଞ୍ଚାକୁ ଉଚ୍ଛେଦ କରିବ ନାହିଁ। ରୟାଲ୍ଟି, ନିଲାମ ପ୍ରିମିୟମ୍ ଏବଂ ଡିଏମଏଫ ଏବେ ବି ଜାରି ରହିଛି। ମୋଟ ଖଣି ରାଜସ୍ୱର ପ୍ରାୟ ୯୦% ବର୍ତ୍ତମାନ ରାଜ୍ୟଗୁଡ଼ିକୁ ମିଳୁଛି।

## ବାରବାଟୀରେ ବିଗ୍ ବ୍ୟାଟେଲ୍, ଆସୁଛି ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ




**କଟକ, ୩୧/୮(ନିପ୍ର):** ବାରବାଟୀରେ ହେବ ବିଗ୍ ବ୍ୟାଟେଲ୍। କମ୍ପିବ ଆଇକନିକ୍ ବାରବାଟୀ ଷ୍ଟାଡିୟମ୍। ସେପ୍ଟେମ୍ବର ୧୦ ତାରିଖରୁ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଯାଉଛି 'ଓଡ଼ିଶା ଟି୨୦ ଲିଗ୍ ର ଦ୍ୱିତୀୟ ସଂସ୍କରଣ। ଚଳିତ ବର୍ଷ ଏଥିରେ ନୂତନତ୍ୱ ଅଣାଯାଇ ସିଏମ ଟ୍ରଫି କରାଯାଇଛି। ଏହାର ଟ୍ରଫି ଓ ଲୋଗୋ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଛି। ସେପ୍ଟେମ୍ବର ୨୦ ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଭାଗ ନେବେ ୬ଟି ଫ୍ରାଞ୍ଚାଇଜ୍। ଭୁବନେଶ୍ୱର ଟାଇଗରସ, କଟକ ପ୍ୟାନ୍ଥର୍ସ, ପୁରୀ ଟାଇଟାନ୍ସ, ସମ୍ବଲପୁର ୱାରିଅର୍ସ, କେନ୍ଦୁଝର ମାଇନର୍ସ ଓ ରାଉରକେଲା ଷ୍ଟିଲର୍ସ ନାମରେ ଟିମ୍ ଗୁଡ଼ିକ ନାମିତ ହୋଇଛନ୍ତି। ଆସନ୍ତା ୬ ତାରିଖରେ ଖେଳାଳିମାନଙ୍କ ଡ୍ରାଫ୍ଟିଂ କରାଯିବ, ରାଜ୍ୟର ଉଦୀୟମାନ ତଥା ଯୁବ କ୍ରିକେଟ୍ ପ୍ରତିଭାଙ୍କୁ ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜ୍‌ରେ ଖେଳୁଥିବାର ଦେଖିବାକୁ ପାଇବେ ଦର୍ଶକ। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ସବିଶେଷ ସୂଚନା ପ୍ରଦାନ କରାଯାଇଛି। ରାଜ୍ୟର ପ୍ରତିଭାବାନ କ୍ରିକେଟ ପ୍ଲେୟାରଙ୍କୁ ଏକ ବଡ଼ ମଞ୍ଚ ଯୋଗାଇଦେବା ଲକ୍ଷ୍ୟରେ ଏହି କ୍ରିକେଟ୍ ମହାକୁମ୍ଭର ଆୟୋଜନ କରୁଛି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍।

# ଲିଭୁନି ଅପପୁଷ୍ଟି କଳଙ୍କ
## ୧୮ ଜିଲ୍ଲାକୁ ଗ୍ରାସିଲାଣି କୁପୋଷଣ !

ଭୁବନେଶ୍ୱର, ୩୧/୮: ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ସରକାର ଆସୁଛନ୍ତି, ଶାସନ କଳ ବଦଳୁଛି, ମାତ୍ର ତୃଣମୂଳ ସ୍ତରରେ ଶିଶୁଙ୍କ ସ୍ୱାସ୍ଥ୍ୟର କରୁଣ ଚିତ୍ର ବଦଳିବାର ନାଁ ଧରୁନି। ଖୋଦ୍ ମୁଖ୍ୟ ଶାସନ ସଚିବଙ୍କ ସଦ୍ୟ ସମୀକ୍ଷା ବୈଠକରୁ ଏକ ଉଦ୍‌ବେଗଜନକ ତଥ୍ୟ ପଦାକୁ ଆସିଛି, ଯାହା ଦର୍ଶାଉଛି ଯେ ଅଧାରୁ ଅଧିକ ଓଡ଼ିଶା ଏବେ ମାଲନ୍ୟୁଟ୍ରେସନ ବା ଅପପୁଷ୍ଟିର କରାଳ ଗର୍ଭକୁ ଠେଲି ହୋଇଯାଇଛି। ରାଜ୍ୟ ସରକାରଙ୍କ ସମୀକ୍ଷା ରିପୋର୍ଟ ଅନୁସାରେ ଓଡ଼ିଶାର ମୋଟ ୩୦ଟି ଜିଲ୍ଲା ମଧ୍ୟରୁ ୧୮ଟି ଜିଲ୍ଲାକୁ ଅପପୁଷ୍ଟି ବ୍ୟାଧି ଗ୍ରାସ କରିସାରିଛି। ଅନୁଗୁଳ, ଦେବଗଡ଼, ଢେଙ୍କାନାଳ, ଗଜପତି, ଯାଜପୁର, କେନ୍ଦୁଝର, ମାଲକାନଗିରି, କୋରାପୁଟ, ଝାରସୁଗୁଡ଼ା, ଗଞ୍ଜାମ, ନୂଆପଡ଼ା, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, ସମ୍ବଲପୁର, ସୁନ୍ଦରଗଡ଼ ଏବଂ କଳାହାଣ୍ଡି ଭଳି ଜିଲ୍ଲାଗୁଡ଼ିକରେ ପୌଷ୍ଟିକାହାରର ଚରମ ଅଭାବ ପରିଲକ୍ଷିତ ହୋଇଛି। ପ୍ରାକୃତିକ ସମ୍ପଦରେ ଭରପୂର ଖଣିଜ ଜିଲ୍ଲାଠାରୁ ଆରମ୍ଭ କରି ଉପକୂଳ ଓ ଉପାନ୍ତ ଅଞ୍ଚଳ ଯାଏଁ ସବୁଠି ଶିଶୁମାନେ ପୁଷ୍ଟିକର ଖାଦ୍ୟ ନପାଇ ଶୁଖି ଶୁଖି ହାଡ଼ଚର୍ମସାର ହେବା ରାଜ୍ୟର ବିକାଶ ଦାବି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ହିସାବ କହୁଛି, ରାଜ୍ୟରେ ଏବେ ପ୍ରାୟ ୧୦ ହଜାରରୁ ଅଧିକ ଛୋଟ ପିଲା ଅତିଶୟ ଅପପୁଷ୍ଟିର ଶିକାର ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧,୦୭୫ ଜଣ ଶିଶୁ ଗୁରୁତର ଭାବେ ଅପପୁଷ୍ଟିରେ ଆକ୍ରାନ୍ତ ହୋଇଥିବା ବେଳେ ଖଣି ସମୃଦ୍ଧ କେନ୍ଦୁଝରରେ ଏହି ସଂଖ୍ୟା ୮୫୮ରେ ପହଞ୍ଚିଛି। ସେହିପରି ଉପାନ୍ତ ମାଲକାନଗିରିରେ ୬୫୦ ଏବଂ ଉପକୂଳବର୍ତ୍ତୀ ବଡ଼ ଜିଲ୍ଲା ଗଞ୍ଜାମରେ ୫୯୫ ଜଣ ଶିଶୁ ଅତିଶୟ ଅପପୁଷ୍ଟିରେ କବଳିତ।



## ସୁଜିତ ରାଉଳଙ୍କ ଅଡୁଆ ବଢୁଛି

କଟକ, ୩୧/୮(ନିପ୍ର): ଚୌଦ୍ୱାର ଜେଲ୍‌ରୁ ଦୁଇ ବିହାରୀ କଏଦୀ ଫେରାର ଏବଂ ଜେଲ୍‌ର ମିନିଟ୍ ବୁକ୍ ଗାଏବ ମାମଲାରେ ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ଅଡୁଆ ବଢ଼ିଛି। ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଗିରଫ ନହେବାକୁ ନେଇ ପୁଲିସର ଭୂମିକା ଉପରେ ପ୍ରଶ୍ନ ଉଠିଛି। ସୁଜିତ ରାଉଳ ଅନୁମତି ବିନା ଛୁଟିରେ ଥିବା ଅଭିଯୋଗ ମଧ୍ୟ ତାଙ୍କୁ ନେଇ ସନ୍ଦେହ ବଢ଼ାଇଛି। ସୁରକ୍ଷା ପାଇଁ ଉପର କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି।

## ନାଲ୍‌କୋର ୪୫ତମ ବାର୍ଷିକ ସାଧାରଣ ବୈଠକ




**ଭୁବନେଶ୍ୱର, ୩୧/୮(ନିପ୍ର):** ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ)ର ୪୫ ତମ ବାର୍ଷିକ ସାଧାରଣ ବୈଠକ ଭିଡ଼ିଓ କନଫରେନସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କମ୍ପାନୀର ନିର୍ଦ୍ଦେଶକଗଣ, ନିର୍ଦ୍ଦେଶକ(ସ୍ୱାଧୀନ), ମୁଖ୍ୟ ସତର୍କତା ଅଧିକାରୀ, ଖଣି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ କମ୍ପାନୀ ସଚିବ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ସେୟାରଧାରକ ମାନଙ୍କୁ ସମ୍ବୋଧିତ କରିବା ଅବସରରେ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂ, କମ୍ପାନୀର ଆର୍ଥିକ ବର୍ଷ ୨୦୨୫-୨୬ର ରେକର୍ଡ ପ୍ରଦର୍ଶନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଏହି ସଫଳତା ନାଲକୋର ସ୍ଥିର ପ୍ରଦର୍ଶନ, ରଣନୈତିକ ଦୂରଦୃଷ୍ଟି ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ପ୍ରତିଫଳିତ କରୁଛି। ଭାରତର ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଆତ୍ମନିର୍ଭର ଭାରତ ତଥା ବିକଶିତ ଭାରତ ଗଠନ ଦିଗରେ ମଧ୍ୟ କମ୍ପାନୀର ଯୋଗଦାନକୁ ସେ ଦୃଢତାର ସହ ସମର୍ଥନ କରିଥିଲେ। ଆର୍ଥିକ ବର୍ଷ ୨୦୨୫-୨୬ ରେ କମ୍ପାନୀ ବ୍ୟବସାୟର ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ସର୍ବୋଚ୍ଚ ପ୍ରଦର୍ଶନ ହାସଲ କରିଛି। ଏହି କାର୍ଯ୍ୟକ୍ଷମ ଉତ୍କର୍ଷତା ରେକର୍ଡ ଆର୍ଥିକ ଫଳାଫଳରେ ମଧ୍ୟ ପରିଲକ୍ଷିତ ହୋଇଛି।

## ଢେଙ୍କାନାଳରେ ଖୋଲିଲା ଚାଉଳ ଏଟିଏମ

**ଭୁବନେଶ୍ୱର, ୩୧/୮(ନିପ୍ର):** ଢେଙ୍କାନାଳରେ ଖୋଲିଲା ଚାଉଳ ଏଟିଏମ। ଏହି ଚାଉଳ ଏଟିଏମକୁ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦଘାଟନକରିଛନ୍ତି। ହିତାଧିକାରୀଙ୍କୁ ୨୪ ଘଣ୍ଟା ସେବା ଯୋଗାଇବ ଚାଉଳ ଏଟିଏମ। ଫିଙ୍ଗର ପ୍ରିଣ୍ଟ ଓକାର୍ଡ ନମ୍ବର ଦେଇ ଚାଉଳ ଉଠାଇ ପାରିବେ ହିତାଧିକାରୀ। ଭୁବନେଶ୍ୱର ଝାରସୁଗୁଡ଼ା ପରେଢେଙ୍କାନାଳରେ ଖୋଲିଛି ଚାଉଳ ଏଟିଏମ। ଆଗାମୀ ଦିନରେ ପ୍ରତି ଜିଲ୍ଲାରେ ଏଭଳି ଏଟିଏମ ଖୋଲିବାନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

**AFFIDAVIT**

By virtue of an affidavit sworn before The Executive Magistrate, Bhadrak affidavit no.10080, I Basanta Kumar Behera S/o-Agana Behera At-Sahupada Po-B.T.Pur Ps-Agarapada Dist-Bhadrak do hereby declare that, I have changed my name from Chinmaya Behera to Basanta Kumar Behera. Henceforth I shall be known as Basanta Kumar Behera S/o-Agana Behera for all purposes.

Sd/-Basanta Kumar Behera

**AFFIDAVIT**

By virtue of an affidavit before The Executive Magistrate,Khanapada on 20/08/2026, sl no. 1381. I Kumudini Sahoo W/O-Late Khetrabasi Sahoo of village-Kaduapatana P.O-Jagannathprasad P.S.-Fategarh Dist-Nayagarh declare that ,in my Husband 's LIC Policy vide no.598330587,my nickname has been mentioned as Tuni Sahoo W/O-Khetrabasi Sahoo as Nominee.Kumudini Sahoo@Tuni Sahoo W/O-Khetrabasi Sahoo is one and same person.This fact is true and necessary to the authority concerned.

# ସ୍ୱଚ୍ଛ, ସୁନ୍ଦର ଓ ଶୃଙ୍ଖଳିତ ସହର ଗଠନ ପାଇଁ ସହରବାସୀଙ୍କ ସହଯୋଗ ଓ ସଚେତନତା ଜରୁରୀ

**ନୟାଗଡ଼, ୩୧/୮:** ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ ପରିସରରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ନୟାଗଡ଼ ପୌରପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ ଜିଲ୍ଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲ୍ଲା। ଆରକ୍ଷୀ ଅଧିକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ନୟାଗଡ ବିଧାୟକ ଡ଼. ଅରୁଣ କୁମାର ସାହୁ ନିଜର ବକ୍ତବ୍ୟ ମଧ୍ୟରେ ପୌରପରିଷଦ ଅଂଚଳ ସ୍ୱଚ୍ଛ, ସୁନ୍ଦର ଓ ଶୃଙ୍ଖଳିତ ସହର ଗଠନ ପାଇଁ ସହରବାସୀଙ୍କ ସହଯୋଗ ଓ ସଚେତନତା ଅତ୍ୟନ୍ତ ଜରୁରୀ ବୋଲି କହିଛନ୍ତି। ଏଥି ସହିତ ସହରର ସ୍ୱଚ୍ଛତା ଓ ନିୟମ ପାଳନ ନେଇ ଏକ ସଚେତନତା ମୂଳକ ପୁସ୍ତକ ପ୍ରକାଶ କରି ସହରବାସୀଙ୍କ ମଧ୍ୟରେ ବଣ୍ଟନ କରିବାକୁ ପୌରାପରିଷଦର ଅଧ୍ୟକ୍ଷା, ଉପାଧ୍ୟକ୍ଷ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସେ ଅନୁରୋଧ କରିଥିଲେ।

**ରଣପୁର:** ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ମା ମଣିନାଗ ମନ୍ଦିର ନିକଟସ୍ଥ ପାର୍କ ସମ୍ମୁଖରେ ୧୩ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭାର ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ, ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର, ବିଡ଼ିଓ ମନୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ରଣପୁର ଏନଏସି ରାଜସ୍ୱ ଆଦାୟରେ ରେକର୍ଡ କରିଥିବାରୁ ରଣପୁର ଏନଏସିକୁ ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ବେଳେ ରାଜ୍ୟରେ ୧୦ଟି ଏନଏସି ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ଜଣାଯାଇଛି।

**କୁଚିଣ୍ଡା:** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଟାଉନ୍‌ହଲ୍‌ଠାରେ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୫୮ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଏନ୍‌ଏସି ଉପାଧ୍ୟକ୍ଷା ଦେବଜାନୀ କାଲୋ ମୁଖ୍ୟଅତିଥି, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ଶୁଶିଳ କୁମାର କର, ଏମପି ପ୍ରତିନିଧି ଅରୁଣ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସେମାନେ ତାଙ୍କ ବକ୍ତବ୍ୟରେ କୁଚିଣ୍ଡା ସହରକୁ ସ୍ୱଚ୍ଛ,ନିର୍ମଳ ଓ ସବୁଜ କୁଚିଣ୍ଡା ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ନିଜସ୍ୱ ରାଜସ୍ୱ ଉତ୍ସ ସଂଗ୍ରହର ଅଭିବୃଦ୍ଧି ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାରୁ ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ୫୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିବା ସେମାନେ ପ୍ରକାଶ କରିଥିଲେ।

**ଟାଙ୍ଗୀ:** ନୂତନଭାବେ ଘୋଷଣା ହୋଇଥିବା ଟାଙ୍ଗୀ ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଥମ ସ୍ୱାୟତ୍ତ ଶାସନ ଦିବସ ପାଳନ କରିଛି। ମୁଖ୍ୟ ଅତିଥି ଭାବେ ଖୋରଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ଟାଙ୍ଗୀ ବିଜ୍ଞାପିତ ଅଞ୍ଚଳ ପରିଷଦ ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ନୂତନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ବିଧାୟକ ଶ୍ରୀ ଜଗଦେବ କହିଥିଲେ ଟାଙ୍ଗୀ ପଞ୍ଚାୟତ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଥିବାରୁ ସମସ୍ତ ଜନସାଧାରଣ ଖୁସି ଅଛନ୍ତି ଯାହା ଆଜି ସମାବେଶରୁ ଜଣାପଡୁଛି। ଟାଙ୍ଗୀ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ପାଇଂ ରାଜ୍ୟ ସରକାରଙ୍କ ତରଫରୁ ପ୍ରଥମ ପର୍ଯ୍ୟାୟରେ ୭ କୋଟି ୫୫ ଲକ୍ଷ ଟଙ୍କାର ଅନୁମୋଦନ ମିଳିଛି ଏବଂ ପରବର୍ତ୍ତୀ ସମୟରେ ଅଧିକ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ରଖିଥିଲେ। ଅନୁମୋଦନ ଅନୁଯାୟୀ ପରିମଳ ପାଇଁ ୧ କୋଟି ୬୨ ଲକ୍ଷ, ଟାଉନ୍ ହଲ ପାଇଁ ୨ କୋଟି ୪୪ ଲକ୍ଷ, ଷ୍ଟାଡିୟମ ପାଇଁ ୫୦ ଲକ୍ଷ, ଆଲୋକୀକରଣ ପାଇଁ ୬୦ ଲକ୍ଷ, ପ୍ରବେଶ ତୋରଣ ପାଇଁ ୭୦ ଲକ୍ଷ, ରାମଲୀଳା ମଣ୍ଡପ ପାଇଂ ୨୦ ଲକ୍ଷ, ମଧୁମଙ୍ଗଳ ପଡିଆର ଭୋଗ ଘର ପାଇଁ ୨୦ ଲକ୍ଷ ଟଙ୍କା ରହିଛି।

**ବାଙ୍କୀ:** ବାଙ୍କୀ ଏନ୍‌ଏସି ପକ୍ଷରୁ ୬୦ତମ ସ୍ୱାୟତ୍ତ ଶାସନ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ମହାରଣା କଲ୍ୟାଣ ମଣ୍ଡପଠାରେ ଏନ୍‌ଏସି ଅଧ୍ୟକ୍ଷ ମାଣିକ ସାହୁଙ୍କ ସଭାପତିତ୍ୱରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବାଙ୍କୀ ଏନ୍‌ଏସିର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସଠିକ୍ ସମୀକ୍ଷା ସହ ଜନସାଧାରଣଙ୍କ ମୌଳିକ ସୁବିଧାକୁ ସର୍ବାଧିକ ଅଗ୍ରାଧିକାର ଦେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ମନସ୍ୱିନୀ ଦାସ ଯୋଗଦେଇ ବାଙ୍କୀ ଏନ୍‌ଏସି ପକ୍ଷରୁ ହାତକୁ ନିଆଯାଉଥିବା ବିଭିନ୍ନ ଲୋକହିତକର କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ।

**ରାଉରକେଲା:** ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଉରକେଲା ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ମହାନଗର ନିଗମ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର୍ ସ୍ଥାନୀୟ ମଧୁସୂଦନ ମାର୍ଗଠାରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ସମବେତ କର୍ମଚାରୀ ଓ ଅଧିକାରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ସ୍ୱାୟତ୍ତ ଶାସନ ଦିବସକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏକ ସୁସ୍ଥ ଓ ସ୍ୱଚ୍ଛ ରାଉରକେଲା ଗଠନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

**ପୁରୀ:** ପୁରୀ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାପ୍ରଭୁଙ୍କ ପାଦ ପଦ୍ମରେ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମହାପ୍ରଭୁଙ୍କ ଧାମ ପୁରୀ ଆମ ଓଡିଆ ଅସ୍ମିତାର ପରିଚୟ। ସରକାର ଏଥିପାଇଁ ପୁରୀକୁ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖିବା ସହ ମହାନଗର ନିଗମ କରିଛନ୍ତି ବୋଲି କହିଥିଲେ। ଆଧ୍ୟାତ୍ମିକ ସହ ଆଧୁନିକତା, ପର୍ଯ୍ୟଟନ ସହ ଆର୍ଥିକ ସମୃଦ୍ଧି, ସଂସ୍କୃତି ସହ ଐତିହ୍ୟ ଓ ଭାଗିଦାରୀର ସମ୍ମିଳିତ ଉଦ୍ୟମ ପୁରୀକୁ ଏକ ଶ୍ରେଷ୍ଠ ଓ ଅନନ୍ୟ ସହରରେ ପରିଣତ କରିବ। ସେଥିପାଇଁ ଏୟାରପୋର୍ଟର ବ୍ୟବସ୍ଥା, କ୍ରୁଜ ଟର୍ମିନାଲ, ଅନ୍ୟାନ୍ୟ ପର୍ଯ୍ୟଟନର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। ପୁରୀର ପ୍ରାଚୀନ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ଉନ୍ନତିକରଣ କରାଯିବ। ଆମେ ସମସ୍ତେ ଜାଣନ୍ତି ପୁରୀରେ କୌଣସି ଶିଳ୍ପ କାରଖାନା ନାହିଁ। ମହାପ୍ରଭୁଙ୍କ ଶ୍ରୀମନ୍ଦିର ଓ ପର୍ଯ୍ୟଟନ କ୍ଷେତ୍ର ଆମ ପାଇଁ ବଡ ଉପଲବ୍ଧି। ତେଣୁ ଏଠାକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କୁ ଅତିଥି ଦେବୋ ଭବ ନ୍ୟାୟରେ ଉପଯୁକ୍ତ ସମ୍ମାନ, ସୁରକ୍ଷା ଓ ଆତିଥେୟତା ଦେବା ସହ ସହରକୁ ପରିଷ୍କାର, ପରିଚ୍ଛନ୍ନ ରଖିବା, ଜଳାଶୟଗୁଡିକୁ ସ୍ୱଚ୍ଛ ରଖିବା ପାଇଁ ସଂକଳ୍ପବଦ୍ଧ ହେବା।




## ଶ୍ରୀମନ୍ଦିର ରତ୍ନଭଣ୍ଡାର:୨ ଦିନ ଗଣତିମଣତି



ପୁରୀ, ୩୧/୮(ନିପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି ଆରମ୍ଭ ହୋଇଛି। ସୋମବାର ଏବଂ ମଙ୍ଗଳବାର ଦୁଇଦିନ ଧରି ରତ୍ନଭଣ୍ଡାର ଅଳଙ୍କାରର ଗଣତି ମଣତି କାର୍ଯ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କରାଯିବ। ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯିବ। ଏହି ଗଣତି ମଣତି କାର୍ଯ୍ୟରେ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ସହିତ ପ୍ରାଧିକୃତ ସେବାୟତ, ଶ୍ରୀମନ୍ଦିର ବଣିଆ, ଜେମୋଲୋଜିଷ୍ଟ, ଭଣ୍ଡାର ମେକାପ, ଦେଉଳକରଣ ଉପସ୍ଥିତ ରହିବେ। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପରିଚାଳନା ପ୍ରକ୍ରିୟା(ଏସଓପି) ଆଧାରରେ ସମସ୍ତ କାର୍ଯ୍ୟ କରାଯିବ। ମହାପ୍ରଭୁଙ୍କ ଦୁର୍ଲ୍ଲଭ ସ୍ୱର୍ଣ୍ଣ ଅଳଙ୍କାର ସହିତ ହୀରା, ଲୀଳା, ମୋତି ମାଣିକ୍ୟର ଗଣତି ମଣତି କରାଯିବ।

## ସେପ୍ଟେମ୍ବର ୫ ଓ ୬ରେ ହେବ ରାଜ୍ୟ ବିଜେପିର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୩୧/୮(ନିପ୍ର): ସେପ୍ଟେମ୍ବର ୫ ଓ ୬ରେ ହେବ ରାଜ୍ୟ ବିଜେପିର କାର୍ଯ୍ୟକାରିଣୀ। ଏନେଇ ବିଜେପି ବିଧାୟକ ବିଭୂତି ପ୍ରଧାନ ସୂଚନା ଦେଇଛନ୍ତି। ଢେଙ୍କାନାଳରେ ହୋଇପାରେ ଚଳିତଥର ରାଜ୍ୟ କାର୍ଯ୍ୟକାରିଣୀ। ରାଜ୍ୟ କାର୍ଯ୍ୟକାରିଣୀ ରେ ପଞ୍ଚାୟତ ନିର୍ବାଚନ ପାଇଁ ହେବ ରୋଡ୍ ମ୍ୟାପ।

### ପଞ୍ଚାୟତ ଓ ପୌର ନିର୍ବାଚନ
## ୨୬ରୁ ରାଜ୍ୟବ୍ୟାପୀ ଘରକୁ ଘର ବୁଲିବେ ବୁଥସ୍ତରୀୟ ଅଧିକାରୀ

ଭୁବନେଶ୍ୱର,୩୧।୮(ନିପ୍ର): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟର ତାଲିକାରେ ଥିବା ତ୍ରୁଟି ଗୁଡିକୁ ଦୂର କରିବା ଲକ୍ଷ୍ୟରେ ଏକ ବିଶେଷ ପାଇଲଟ୍ ସର୍ଭେ ଅଭିଯାନ ଭୁବନେଶ୍ୱର ମହାନଗର ନିଗମରେ (ବିଏମସି) ଆରମ୍ଭ ହେବାକୁ ଯାଉଛି। ଆସନ୍ତା ସେପ୍ଟେମ୍ବର ୩ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବିଏମସି ଅଧୀନରେ ଥିବା ୩ଟି ବିଧାନସଭା କ୍ଷେତ୍ରରେ ହେବ ଆସନ୍ତା ଅକ୍ଟୋବର ୨୬ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଘରକୁ ଘର ସର୍ଭେ କରାଯାଇ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚନ କ୍ଷେତ୍ର ଗୁଡିକର ଭୋଟର ତାଲିକାକୁ ନିର୍ଭୁଲ ଓ ବ୍ୟବସ୍ଥିତ କରାଯିବ।

## ଖୋଲିଲା ମା' ମଝିଘରିଆଣୀଙ୍କ ହୁଣ୍ଡି

ରାୟଗଡା, ୩୧/୮(ନିପ୍ର): ରାୟଗଡ଼ା ସୋମବାର ଖୋଲିଛି ମା' ମଝିଘରିଆଣି ମନ୍ଦିରର ଦାନ ହୁଣ୍ଡି। ସୋମବାର ଦିନ ବାହାରିଛି ନଗଦ ୫୪ ଲକ୍ଷ ୧୫ହଜାର ୯୦୨ଟଙ୍କା, ସୁନା ୬୪ ଗ୍ରାମ,ରୁପା ୧ କେଜି ୭ଶହ ୬୪ ଗ୍ରାମ ବିଦେଶୀ ମୁଦ୍ରା ୧୧ ଗୋଟି ଓ ଅଚଳ ନୋଟ ବାହାରି ଥିଲା।

**ପୌର ପରିଷଦ, ଆସିକା**

**ବାର୍ତ୍ତା**

**୧.** ପରିଷଦର ଟିକସ, ଗୃହ ଟିକସ, ସଫେଇକର ଦୋକାନ ଭଡ଼ା ଯଥା ସମୟରେ ଜମାକରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜୀକରଣ କରାଇ ନିଅନ୍ତୁ। **୨.** ପରିଷଦରୁ ଗୃହ ନକ୍ସା ମଂଜୁର ହେଲା ପରେ ଘର ତିଆରି କରନ୍ତୁ ଏବଂ ତିଆରି ହୋଇଯାଇଥିବା ଗୃହର ନକ୍ସା ଅତି ଶୀଘ୍ର ମଂଜୁର କରାଇ ନିଅନ୍ତୁ। **୩.** ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ୍ ପୃଥକ୍ କରି ରଖି ପରିଷଦ ତରଫରୁ ନିଯୁକ୍ତ ଗାଡ଼ିରେ ପକାନ୍ତୁ ଓ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୁଅନ୍ତୁ। **୪.** ରାସ୍ତା ଉପରେ ଘର ତିଆରି ସାମଗ୍ରୀ ଯଥା:ଗୋଡ଼ି, ବାଲି, ଇଟା ଓ ପଥର ଇତ୍ୟାଦି ଜମା କରନ୍ତୁ ନାହିଁ। **୫.**ଗୃହପାଳିତ ପଶୁ ଯଥ ଗାଈଗୋରୁ , ଛେଳି, ଘୁଷୁରୀ ଇତ୍ୟାଦିକୁ ଖୋଲାରେ ଛାଡନ୍ତୁ ନାହିଁ। **୬.** ପଲିଥିନ ବ୍ୟବହାର କରନ୍ତୁ ନାହିଁ ଓ ପରିବେଶ ପ୍ରଦୂଷଣରୁ ବଞ୍ଚିତ ହୁଅନ୍ତୁ। **୭.** ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରନ୍ତୁ। **୭.** ପ୍ରତ୍ୟେକ ବ୍ୟକ୍ତିବିଶେଷ ଓ ବ୍ୟବସାୟୀ ବନ୍ଧୁମାନେ ସେମାନଙ୍କ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନକୁ ଅତିକମ୍‌ରେ ୫ ମିଟର ପରିଧି ବିଶିଷ୍ଟ ଅଞ୍ଚଳକୁ ସଫା ରଖନ୍ତୁ ଓ ଡଷ୍ଟବିନ୍ ବ୍ୟବହାର କରନ୍ତୁ।

**ବିକାଶ ପଥରେ ଆସିକା :**

ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା: ସହରରେ ପେଭର ରସ୍ତା ନିର୍ମାଣ, ଆଲୋକୀକରଣ, ନାଳ ପୁନଃ ଉଦ୍ଧାର, ଶିଶୁ ଉଦ୍ୟାନ ଓ ମୁକ୍ତ ଆକାଶ ବ୍ୟାୟାମ କେନ୍ଦ୍ର ସ୍ଥାପନ, ସମସ୍ତ ବନ୍ଧର ସୌନ୍ଦର୍ଯ୍ୟକରଣ, ବସ୍‌ଷ୍ଟାଣ୍ଡରେ ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ସାମଗ୍ରୀ ପୁର୍ନଲାଭ କେନ୍ଦ୍ର, ଗୃହ ନିର୍ମାଣ ଓ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର, ଅଣୁ ଜୈବ ଖତ ପ୍ରସ୍ତୁତ କେନ୍ଦ୍ର, ମଳ ଉପଚାର କେନ୍ଦ୍ର ଇତ୍ୟାଦି କାର୍ଯ୍ୟ ସଫଳ ରୂପାୟନ କରାଯାଇଛି।

ସ୍ୱା/-କର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ଆସିକା

ସ୍ୱା/-ଅଧ୍ୟକ୍ଷା ପୌରପରିଷଦ, ଆସିକା




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ